
# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ନଭେମ୍ବର ୨୦/୨୦୨୦ (୧୬ପୃଷ୍ଠା) | Balasore, Friday, November 20/2020 | ★★★★

୪୬ଶ ଭାଗ ୩୫୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







KP GROUP
Quality Since 1965
Safal
PAN MASALA
କିଛି ଅତୁଳ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ DHARITRI

ଶୁକ୍ରବାର, ନଭେମ୍ବର ୨୦/୨୦୨୦ | Friday, November 20/2020 | ପୃଷ୍ଠା-୧

**ପ୍ରଜନେଶ କ୍ୱାର୍ଟରଫାଇନାଲରେ**

ଭାରତୀୟ ଟେନିସ ଖେଳାଳି ପ୍ରଜନେଶ ଗୁଣେଶ୍ୱରନ ଓର୍ଲାଣ୍ଡୋ ଚ୍ୟାଲେଞ୍ଜର ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

୧୧

୧୨

**ଛୁଟି କାଟୁଛନ୍ତି ରବିନା**

ବଲିଉଡ ଅଭିନେତ୍ରୀ ରବିନା ଟଣ୍ଡନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ନିଜ ପରିବାର ସହ ହିମାଳୟରେ ସମୟ କାଟୁଛନ୍ତି।






# ପୋଲିସ ହେପାଜତରେ ୨ମୃତ

**ରାଜ୍ୟରେ ୨୪ଘଣ୍ଟା ମଧ୍ୟରେ ପୋଲିସ ହେପାଜତରେ ଥିବା ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଘଟଣା ପୁରୀ ବାସେଳିସାହି ଥାନାରେ ଘଟିଥିବାବେଳେ ଅନ୍ୟଟି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ଘଟିଛି। ପୋଲିସ ମାଡ଼ରେ ଉଭୟ ଯୁବକଙ୍କ ମୃତ୍ୟୁ ଘଟିଥିବା ପରିବାର ତଥା ଅଞ୍ଚଳବାସୀ ଅଭିଯୋଗ କରୁଥିବାବେଳେ ପୋଲିସ କିନ୍ତୁ ଏହାକୁ ଅସ୍ୱୀକାର କରିଛି। ଏହି ଘଟଣାକୁ ନେଇ ଗୁରୁବାର ପୁରୀ ଏବଂ ବୀରମିତ୍ରପୁରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ଏକ କୋଟି ଲେଖାଏ କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଅପରପକ୍ଷରେ ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ହାଜତ ମୃତ୍ୟୁକୁ ନେଇ ଯାହା ଉଲ୍ଲେଖ ରହିଛି, ସେହି ଅନୁସାରେ ଉଭୟ ଘଟଣାର ତଦନ୍ତ କରାଯିବ ବୋଲି ପୋଲିସ ମହାନିର୍ଦ୍ଦେଶକ ଅଭୟ କହିଛନ୍ତି। ତେବେ ଏହି ଘଟଣାକୁ ନେଇ ଏବେ ରାଜନୀତି ଜୋର ଧରିଛି। ରାଜ୍ୟରେ ପୋଲିସ ଗୁଣ୍ଡାରାଜ ଚଳାଇଛି ବୋଲି ଭାଜପା ଏବଂ କଂଗ୍ରେସ ଅଭିଯୋଗ କରିଛି। ମୃତ୍ୟୁ ପାଇଁ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବା ସହ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଘଟଣାର ତଦନ୍ତ କରିବାକୁ ଦୁଇ ଦଳ ଦାବି କରିଛନ୍ତି।**

ପୁରୀ ଅଫିସ/ କୁଆଁରମୁଣ୍ଡା (ଡି.ଏନ୍.ଏ),୧୯।୧୧

**ଜନତା-ପୋଲିସ ଧସ୍ତାଧସ୍ତି**

- ପୋଲିସ ମାଡ଼ରେ ମୃତ୍ୟୁ ହୋଇଛି: ସମ୍ପର୍କୀୟ
- ପୁରୀ, ବୀରମିତ୍ରପୁରରେ ଉତ୍ତେଜନା
- ବିଚାରପତିଙ୍କ ଦ୍ୱାରା ଘଟଣାର ତଦନ୍ତ ଦାବି
- ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଦିଆଯାଉ
- ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନ ଅନୁସାରେ ତଦନ୍ତ ହେବ: ଡିଜି ଅଭୟ

ପୁରୀ ବାସେଳି ଥାନା ଅଞ୍ଚଳର ଈଶପଣ୍ଡୀ ଲେନ୍‌ର କେ. ରମେଶ ଦାସ(୨୯)ଙ୍କ ପୋଲିସ ହେପାଜତରେ ବୁଧବାର ରାତିରେ ମୃତ୍ୟୁ ଘଟିଛି। ପୋଲିସ ମାଡ଼ରେ ତାଙ୍କର ମୃତ୍ୟୁ ଘଟିଥିବା ସମ୍ପର୍କୀୟ କହୁଥିବାବେଳେ ପୋଲିସ ଏହାକୁ ଅସ୍ୱୀକାର କରିଛି। ଏହି ଘଟଣାକୁ ନେଇ ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୁରୀରେ ଉତ୍ତେଜନା ଲାଗି ରହିଥିବାବେଳେ ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଓ ଜନତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ମୃତକଙ୍କ ସମ୍ପର୍କୀୟ, ସାଧାରଣ ଜନତା, ଆଇନଜୀବୀଙ୍କ ସମେତ ଭାଜପା ଓ କଂଗ୍ରେସ କର୍ମୀ ହସ୍ପିଟାଲରେ ପହଞ୍ଚି ପୋଲିସକୁ ଦୃଢ଼ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଭାଜପା ଓ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ଧାରଣା ଦିଆଯିବା ସହ ଆଇନଜୀବୀମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିସହ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ରାଜ୍ୟ ଭାଜପାର ପ୍ରତିନିଧି ଦଳ ମୃତକଙ୍କ ସମ୍ପର୍କୀୟଙ୍କୁ ଭେଟିଛନ୍ତି। ଜଣେ ସିଟିଂ ଜଜ୍ (କାର୍ଯ୍ୟରତ ବିଚାରପତି)ଙ୍କ ଦ୍ୱାରା ଏହାର ତଦନ୍ତ, ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ ଏବଂ ଏସ୍‌ପିଙ୍କ କାର୍ଯ୍ୟାନ୍ତର ଦାବି କରିଛନ୍ତି। ଅପରପକ୍ଷରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି, ବୁଧବାର ରାତି ପ୍ରାୟ ୮ଟାରେ କେ. ରମେଶ କୌଣସି ଅପରାଧ କରିବା ପାଇଁ ମାରଣାସ୍ତ୍ର ଧରି ଯାଉଥିବା ବାସେଳିସାହି ଥାନା ପୋଲିସ ଖବର ପାଇଥିଲା। ତାଙ୍କୁ ଧରିବା ପାଇଁ ପୋଲିସ ବାଇପାସ୍ ରୋଡ଼ ନିକଟରେ ପହଞ୍ଚିଥିଲା। ପୋଲିସକୁ ଦେଖି ସେ ଦୌଡ଼ିବାକୁ ଲାଗିଥିଲେ। ପୋଲିସ ତାଙ୍କୁ ଗୋଡ଼ାଇ ଧରିବାବେଳେ ଧସ୍ତାଧସ୍ତି ହୋଇଥିଲା। ଏଥିରେ ରମେଶ ଆହତ ହୋଇଥିବାବେଳେ ୨/୩ଜଣ ପୋଲିସ କର୍ମଚାରୀ ମଧ୍ୟ ସାମାନ୍ୟ ☞ପୃଷ୍ଠା-୨

# କେନ୍ଦ୍ରୀୟ ଯାଞ୍ଚ କେନ୍ଦ୍ରୀୟ ନୁହେଁ

ନୂଆଦିଲ୍ଲୀ,୧୯।୧୧(ପି.ଟି.)

- ସିବିଆଇ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ଅନୁମତି ଜରୁରୀ: ସୁପ୍ରିମକୋର୍ଟ
- ପୂର୍ବରୁ ୮ ରାଜ୍ୟ ଜେନେରାଲ କନ୍‌ସେଣ୍ଟ ପ୍ରତ୍ୟାହାର କରିସାରିଛନ୍ତି



କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏଣିକି ମନଇଚ୍ଛା କୌଣସି ରାଜ୍ୟକୁ ଯାଇ ଯାଞ୍ଚ କରିପାରିବ ନାହିଁ। ରାଜ୍ୟ ଭିତରେ କୌଣସି ମାମଲାର ତଦନ୍ତ କରିବାକୁ ହେଲେ ସମ୍ପୃକ୍ତ ରାଜ୍ୟ ସରକାରଙ୍କଠାରୁ ଆଗୁଆ ଅନୁମତି ନେବାକୁ ପଡ଼ିବ। ରାଜ୍ୟର ବିନା ସହମତିରେ କେନ୍ଦ୍ର ମଧ୍ୟ ସିବିଆଇର ତଦନ୍ତ ପରିସର ବଢ଼ାଇପାରିବ ନାହିଁ। ଦେଶର ସବୁଠୁ ବଡ଼ ତଦନ୍ତକାରୀ ସଂସ୍ଥା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ ପାଇଁ ରାଜ୍ୟଗୁଡ଼ିକର ପ୍ରବେଶ ପଥକୁ ମଙ୍ଗଳବାର ଏପରି ଭାବେ ବନ୍ଦ କରିଦେଇଛନ୍ତି ସୁପ୍ରିମକୋର୍ଟ। ବିଗତ କିଛି ମାସ ମଧ୍ୟରେ ୭ ଅଣଭାଜପା ଶାସିତ ରାଜ୍ୟ ପଞ୍ଜାବ, ପଶ୍ଚିମବଙ୍ଗ, ରାଜସ୍ଥାନ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଛତିଶଗଡ଼ ଓ କେରଳ ସମେତ ମିଜୋରାମ ସରକାର ସିବିଆଇକୁ ଦିଆଯାଇଥିବା ଜେନେରାଲ କନ୍‌ସେଣ୍ଟ ବା ସାଧାରଣ ସହମତି ପ୍ରତ୍ୟାହାର କରିଥିବା ଦୃଷ୍ଟିରୁ ସୁପ୍ରିମକୋର୍ଟ ଶୁଣାଇଥିବା ସଦ୍ୟ ରାୟ ବିଶେଷ ଗୁରୁତ୍ୱ ବହନ କରେ। କେନ୍ଦ୍ର ସିବିଆଇକୁ ଢାଲ କରି ବିରୋଧୀ ନେତାମାନଙ୍କ ବିପକ୍ଷରେ କ୍ଷମତାର ଦୁରୁପଯୋଗ କରୁଥିବା ଅଭିଯୋଗ ଆସୁଥିବାବେଳେ ଅଦାଲତଙ୍କ ନିର୍ଦ୍ଦେଶ ମୋଦି ସରକାରଙ୍କୁ ଝଟ୍‌କା ଦେଇଛି। ଏଥିଯୋଗୁ କେନ୍ଦ୍ରୀୟ ଯାଞ୍ଚ ଏବେ କେନ୍ଦ୍ରୀୟ ହୋଇ ରହିନାହିଁ।

ଦିଲ୍ଲୀ ସ୍ପେଶିଆଲ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ (ଡିଏସ୍‌ପିଇ) ଆଇନ ଅନୁସାରେ ସିବିଆଇର କ୍ଷମତା ଓ ଅଧିକାର କ୍ଷେତ୍ର ପାଇଁ ରାଜ୍ୟ ସରକାରଙ୍କ ସହମତି ଆବଶ୍ୟକ ହୋଇଥାଏ। ସର୍ବୋଚ୍ଚ ଅଦାଲତ ଏହି ଆଇନର ଧାରା ୫ ଓ ୬ର ଅବତାରଣା କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ବି.ଆର୍. ଗବଇଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଧାରା ୫ କେନ୍ଦ୍ର ସରକାରଙ୍କୁ କେନ୍ଦ୍ରଶାସିତ ଅଞ୍ଚଳ ବାହାରେ ଡିଏସ୍‌ପିଇ ସଦସ୍ୟଙ୍କ କ୍ଷମତା ଓ ଅଧିକାର କ୍ଷେତ୍ରର ☞ପୃଷ୍ଠା-୨

# ଲୁଟିନେଲେ ୧୨କୋଟି

କଟକ ଅଫିସ,୧୯।୧୧

- ଆଇଆଇଏଫ୍‌ଏଲ୍ ଅର୍ଥ ଲଗାଣକାରୀ ସଂସ୍ଥାରୁ ଲୁଟ୍
- ଦୁର୍ବୃତ୍ତଙ୍କ ପତ୍ତା ପାଉନି ପୋଲିସ
- କାମ କରୁ ନ ଥିଲା ସିସିଟିଭି

କଟକ ନୟାସଡ଼କ ଅଞ୍ଚଳରେ ଥିବା ଅର୍ଥ ଲଗାଣକାରୀ ସଂସ୍ଥା ଇଣ୍ଡିଆନ ଇନ୍‌ଫୋଲାଇନ ଫାଇନାନ୍ସ ଲିମିଟେଡ (ଆଇଆଇଏଫ୍‌ଏଲ୍)ର ଶାଖା କାର୍ଯ୍ୟାଳୟରୁ ଗୁରୁବାର ପୂର୍ବାହ୍ନରେ ଏକ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟରେ ପଶି ବନ୍ଧୁକ ଦେଖାଇ କର୍ମଚାରୀଙ୍କୁ ଭୟଭୀତ କରିବା ସହ ୫ କେଜି ଓଜନର ଅଳଙ୍କାର ଓ ନଗଦ ୪କୋଟି ଟଙ୍କା ଲୁଟି ନେଇଛନ୍ତି। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୧୨ କୋଟି ଟଙ୍କା ହେବ। ଏନେଇ ଲାଲ୍‌ବାଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀକୁକୁର ସହାୟତାରେ ତଦନ୍ତ ଚଳାଇଛି। ଉକ୍ତ ସଂସ୍ଥାର ସିସିଟିଭି କାମ କରୁ ନ ଥିବାରୁ ଡକାୟତଙ୍କୁ ଚିହ୍ନଟ କରିବାରେ ପୋଲିସ ବିଫଳ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ପୋଲିସ ଦୁର୍ବୃତ୍ତଙ୍କୁ ଠାବ କରିପାରି ନାହିଁ। ଅଭିଯୋଗ ଅନୁଯାୟୀ, ସବୁଦିନ ☞ପୃଷ୍ଠା-୯

# ଆଜିଠୁ ବିଧାନସଭା

## ଅପରାହ୍ନରେ ଆଗତ ହେବ ଅତିରିକ୍ତ ବଜେଟ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କୋଭିଡ୍ କଟକଣା ମଧ୍ୟରେ ଶୁକ୍ରବାର ଠାରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବ। ଗୃହ ପ୍ରତ୍ୟହ ଦୁଇଟି ପର୍ଯ୍ୟାୟରେ ୪ ଘଣ୍ଟା ଚାଲିବ। ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମ ଦିବସରେ ଜାତୀୟ ସଙ୍ଗୀତ ଗାନ ପରେ ପରଲୋକଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ ହେବ। ଅପରାହ୍ନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ☞ପୃଷ୍ଠା-୨

# ବିଗିଡ଼ିବ ଭାରତୀୟ ଅର୍ଥ ବ୍ୟବସ୍ଥା

## ଜିଡିପିର ସ୍ପଷ୍ଟ ଚିତ୍ର ମିଳୁନାହିଁ

ନୂଆଦିଲ୍ଲୀ,୧୯।୧୧

କୋଭିଡ୍-୧୯ ମହାମାରୀ ଯୋଗୁ ସାରା ବିଶ୍ୱ ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏବେ ଆମେରିକା ପରେ ଭାରତ ଦ୍ୱିତୀୟ ସର୍ବାଧିକ କ୍ଷତିଗ୍ରସ୍ତ ଦେଶ ଭାବେ ଉଭା ହୋଇଛି। ମହାମାରୀ ପ୍ରଭାବରେ ଘରୋଇ ବଜାର ଚାପଗ୍ରସ୍ତ ହୋଇଥିବା ବେଳେ ଏଥିରୁ ବାହାରିବା ଲାଗି ଅଧିକ ସମୟ ଲାଗିପାରେ ବୋଲି ଅନ୍ତର୍ଜାତୀୟ ସ୍ତରର ରେଟିଂ ଏଜେନ୍ସିଗୁଡିକ ରିପୋର୍ଟ ପ୍ରକାଶ କରିଛନ୍ତି। ନଭେମ୍ବର ୧୯ରେ ୩ଟି ସଂସ୍ଥା ଯଥା-ଅକ୍ସଫୋର୍ଡ ଇକୋନୋମିକ୍ସ, ବାର୍କଲେ ଏବଂ ମୁଡିସ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ର ଭିନ୍ନ ଭିନ୍ନ ଆକଳନ କରିଛନ୍ତି।

କରୋନା ପ୍ରକୋପ ଶେଷ ହେବା ପରେ ମଧ୍ୟ ପ୍ରମୁଖ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ସର୍ବାଧିକ କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି। ଏଠାକାର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିବା ଲାଗି ଅଧିକ ସଂଘର୍ଷ କରିବାକୁ ପଡିବ। ଏଥିରୁ ସମ୍ପୂର୍ଣ୍ଣ ବାହାରକୁ ବାହାରିବା ଲାଗି ଭାରତକୁ ୨୦୨୫ ଯାଏ ସମୟ ଲାଗିବ ବୋଲି ଅକ୍ସଫୋର୍ଡ ଇକୋନୋମିକ୍ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଆକଳନ କରାଯାଇଛି। ଗୁରୁବାର ଅନ୍ୟ ଏକ ରେଟିଂ ଏଜେନ୍ସି ମୁଡିସ ଏହାର ରିପୋର୍ଟରେ କହିଛି, ଚଳିତ ଆର୍ଥିକ ବର୍ଷରେ ଜିଡିପି ୧୦.୬% ଖସିବ। ଭାରତର ବିକାଶ ହାରକୁ ନେଇ ପୂର୍ବରୁ କରିଥିବା ଆକଳନରେ ଏହା ଏବେ ପରିବର୍ତ୍ତନ କରିଛି। ଚଳିତ ଆର୍ଥିକ ବର୍ଷ ଜିଡିପି ୧୧.୫% ଖସିବ ବୋଲି ମୁଡିସ ପୂର୍ବରୁ କହିଥିଲା। ଭାରତ ସରକାର ନିକଟରେ ଘୋଷଣା କରିଥିବା ପ୍ୟାକେଜ ଦୀର୍ଘମିଆଦୀ ଅଭିବୃଦ୍ଧି ଦିଗରେ ଯୋଗଦାନ ରଖିବା ନେଇ ମୁଡିସ ପ୍ରକାଶ କରିଛି। ଅପରପକ୍ଷରେ ଅନ୍ୟ ଏକ ଏଜେନ୍ସି ବାର୍କଲେ କହିଛି, ଆର୍ଥିକ ବର୍ଷ ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ହାର ୮.୫% ଛୁଇଁବ। ଏହି ଅବଧିରେ ବିକାଶ ହାର ୭% ରହିବା ନେଇ ଏହା ପୂର୍ବରୁ ଅନୁମାନ କରିଥିଲା।

ଭାରତୀୟ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଯେଉଁ ଅବସ୍ଥା ଦେଇ ଗତି କରୁଛି, ତାକୁ ନେଇ କୌଣସି ଏଜେନ୍ସି ଠିକ୍ ଭାବେ ଆକଳନ କରିପାରୁନାହାନ୍ତି। ଚଳିତ ବର୍ଷ ଜିଡିପି ଋଣାତ୍ମକ (ନେଗେଟିଭ) ରହିବ। ଏହାକୁ କେହି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ସଂଗ୍ରହ ସହଜ କର




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ରୂପା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## ପୋଲିସ ହେପାଜତରେ...

ଆହତ ହୋଇଥିଲେ। ସେ ଯନ୍ତ୍ରଣା ଅନୁଭବ କରୁଥିବା କହିବାରୁ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଅଖିଳେଶ କହିଛନ୍ତି। ସନ୍ଧ୍ୟାରେ ଆଇଜି (ଇନ୍‌ଚାର୍ଜ ପର୍ସନେଲ) ଏସ୍. ପ୍ରବୀଣ କୁମାର ପୁରୀ ଗସ୍ତକରି ଘଟଣାର ସମୀକ୍ଷା କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ପୋଲିସ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟଏକ ଘଟଣାରେ ବୀରମିତ୍ରପୁର କରବୋଲା ରୋଡର ତାରିକ ସଲିମ୍(୨୪)ଙ୍କ ପୋଲିସ ହେପାଜତରେ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହୋଇଯିବା ପରେ ଗୁରୁବାର ସକାଳେ ବୀରମିତ୍ରପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏପରିକି ଶତାଧିକ ଅଞ୍ଚଳବାସୀ ବୀରମିତ୍ରପୁର ଥାନା ଭିତରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ଉପସ୍ଥିତ ପୋଲିସ ଫୋର୍ସ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ, ପଶ୍ଚିମାଞ୍ଚଳ ଡିଆଇଜି କବିତା ଜଲାନ ଓ ଜିଲାର ବିଭିନ୍ନ ଥାନାର ବରିଷ୍ଠ ଅଧିକାରୀମାନେ ବୀରମିତ୍ରପୁର ଥାନାରେ ପହଞ୍ଚି ପରିସ୍ଥିତି ଶାନ୍ତ କରିଥିଲେ। ମିଳିଥିବା ସୂଚନାନୁଯାୟୀ, କ୍ରଶର ବ୍ୟବସାୟୀ ପ୍ରଦୀପ କୁଣ୍ଡୁ ନିଖୋଜ ହେବା ଘଟଣାରେ ପୋଲିସ ସନ୍ଦେହ କରି କରବୋଲା ରୋଡ ଅଞ୍ଚଳର ତାରିକ୍ ସଲିମଙ୍କୁ ବୁଧବାର ସନ୍ଧ୍ୟାରେ ତାଙ୍କ ଘରୁ ଉଠାଇନେଇ ଥାନାରେ ରଖି ପଚରାଉଚରା କରୁଥିଲା। ଥାନାରେ ତାଙ୍କୁ ପୋଲିସ ପିଟିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା। ଗୁରୁତର ଅବସ୍ଥାରେ ପୋଲିସ ତାରିକଙ୍କୁ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ଆର୍‌ଜିଏଚ୍‌କୁ ପଠାଇଥିଲେ। ପୋଲିସ ଆର୍‌ଜିଏଚ୍ ନେଇଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ପୋଲିସକୁ କହିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ପୋଲିସ ତାରିକଙ୍କୁ ହାଜତରେ ପିଟିପିଟି ମାରି ଦେଇଛି ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତଦେହ ବ୍ୟବଚ୍ଛେଦ ହେବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ସୁନ୍ଦରଗଡ଼ ଜିଲା ଏସ୍‌ପି ସାଗରିକା ନାଥ କହିଛନ୍ତି, ଏହାର ଏନ୍‌ଏଚ୍‌ଆରସି ଗାଇଡ୍‌ଲାଇନ୍ ଅନୁଯାୟୀ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କେନ୍ଦ୍ରୀୟ ଯାଞ୍ଚ...

ବିସ୍ତାର କରିବାରେ ସକ୍ଷମ କରିଥାଏ। କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଡିଏସ୍‌ପିଇ ଆଇନର ଧାରା ୬ ଅନୁସାରେ ରାଜ୍ୟ ସରକାର ସମ୍ପୃକ୍ତ କ୍ଷେତ୍ର ଭିତରେ ଏଭଳି ବିସ୍ତାର ପାଇଁ ନିଜ ସହମତି ନ ଦେବେ, ସେତେବେଳ ଯାଏ ଏହା ସ୍ୱୀକାର୍ଯ୍ୟ ନୁହେଁ। ଏହି ନିୟମ ହେଉଛି ସମ୍ବିଧାନର ସଂଘୀୟ ଚରିତ୍ର, ଯାହାକୁ ଏହାର ମୌଳିକ ଢାଞ୍ଚାର ଏକ ଅଙ୍ଗ ବିବେଚନା କରାଯାଏ।

କେତେଜଣ ଘରୋଇ ଓ ସରକାରୀ କର୍ମଚାରୀ ସେମାନଙ୍କ ବିରୋଧରେ ଏକ ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ମାମଲାରେ ରାଜ୍ୟ ସରକାରଙ୍କ ପ୍ରାକ୍ ଅନୁମତି ନିଆଯାଇ ନ ଥିବା ଅଭିଯୁକ୍ତମାନେ ପିଟିଶନରେ ଉଲ୍ଲେଖ କରିଥିଲେ। ୨୦୧୯ ଅଗଷ୍ଟରେ ଆଲ୍ଲାହାବାଦ ହାଇକୋର୍ଟରେ ଫର୍ଟିକୋ ମାର୍କେଟିଂ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ ପ୍ରାଇଭେଟ ଲିମିଟେଡ୍ ଓ ଅନ୍ୟମାନଙ୍କ ବିରୋଧରେ ସିବିଆଇ ପକ୍ଷରୁ ଆପରାଧିକ ମାମଲା ଦାଏର କରାଯାଇଥିଲା। କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଉକ୍ତ କମ୍ପାନୀ ମଧ୍ୟରେ ହୋଇଥିବା ଫୁଏଲ୍ ସପ୍ଲାଏ ଏଗ୍ରିମେଣ୍ଟ(ଏଫ୍‌ଏସ୍‌ଏ) ଅନୁସାରେ କୋଇଲା କିଣାଯାଇଥିଲା। ସେହି କୋଇଲା କଳାବଜାରରେ ବିକ୍ରି କରାଯିବାରୁ କେନ୍ଦ୍ର ସରକାରଙ୍କ ରାଜକୋଷକୁ ୩୬.୨୮ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିବା ସିବିଆଇ ଦର୍ଶାଇଥିଲା। ଦୁର୍ନୀତିରେ ଜିଲା ଶିଳ୍ପ କେନ୍ଦ୍ର(ଡିଆଇସି)ର ଅଧିକାରୀ ମଧ୍ୟ ସାମିଲ ଥିବା ପରେ ଜଣାପଡ଼ିଥିଲା।

ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ରାୟରେ କହିଥିଲେ, ଉତ୍ତର ପ୍ରଦେଶ ସରକାର ଦୁଇଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ସିବିଆଇ ତଦନ୍ତ ପାଇଁ ପରେ ଅନୁମତି ଦେଇଥିଲେ, ଯାହାଙ୍କ ନାମ ପ୍ରାଥମିକ ତଦନ୍ତରେ ଆସି ନ ଥିଲେ ହେଁ ପରବର୍ତ୍ତୀ ସମୟରେ ଚାର୍ଜଶିଟ୍‌ରେ ରଖାଯାଇଥିଲା। ମାମଲାକୁ ଆଗକୁ ନେବା ପାଇଁ ଏହା ପର୍ଯ୍ୟାପ୍ତ ଥିଲା ବୋଲି ହାଇକୋର୍ଟ କହିଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତମାନେ ସୁପ୍ରିମକୋର୍ଟରେ ଅପିଲ୍ କରିଥିଲେ।

ସୁପ୍ରିମକୋର୍ଟ ଅଭିଯୁକ୍ତମାନଙ୍କ ଅପିଲକୁ ଖାରଜ କରିଦେଇଛନ୍ତି। କହିଛନ୍ତି, ଉତ୍ତର ପ୍ରଦେଶ ସରକାର ଦୁର୍ନୀତି ନିବାରଣ ଆଇନ,୧୯୮୮ ଓ ଦେଣନେଣ ସମୟରେ କରାଯାଇଥିବା ସମସ୍ତ କିମ୍ବା କୌଣସି ଅପରାଧ ଅଥବା ଅପରାଧ ଉଦ୍ୟମ, ଅପହରଣ ଓ ଷଡ଼ଯନ୍ତ୍ର ଭଳି ଅପରାଧଗୁଡ଼ିକର ତଦନ୍ତ ପାଇଁ ରାଜ୍ୟରେ ଡିଏସ୍‌ପିଇ ସଦସ୍ୟଙ୍କ କ୍ଷମତାର ବିସ୍ତାର ଓ ଅଧିକାର କ୍ଷେତ୍ର ପାଇଁ ସାଧାରଣ ସହମତି ପ୍ରଦାନ କରିଛନ୍ତି। ତେବେ ଏଥିରେ ସର୍ତ୍ତ ରହିଛି ଯେ, ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ବ୍ୟତୀତ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ସରକାରୀ କର୍ମଚାରୀଙ୍କ ମାମଲାରେ ଏପରି କୌଣସି ତଦନ୍ତ କରାଯିବ ନାହିଁ। ଅଦାଲତ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସରକାରୀ ଚାକିରିରେ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ତଦନ୍ତ ପାଇଁ ଡିଏସ୍‌ପିଇ ଆଇନର ଧାରା ୬ ଅନୁସାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜରିଆରେ ସହମତି ପ୍ରଦାନ କରାଯାଇଥିଲା।

## ବିଗିଡ଼ିବ ଭାରତୀୟ...

ଟାଳିପାରୁନାହାନ୍ତି। ଅପରପକ୍ଷରେ ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ଆଶାଠାରୁ ଅଧିକ ହେବ ବୋଲି କିଛି ଏଜେନ୍ସି ମତ ରଖିଛନ୍ତି। ଏଜେନ୍ସିଗୁଡ଼ିକର ଏଭଳି ଆକଳନରେ ଜିଡିପିର ସ୍ପଷ୍ଟ ଚିତ୍ର ମିଳିପାରୁନାହିଁ।

ଏହି ପରିପ୍ରେକ୍ଷୀରେ ଅକ୍ସଫୋର୍ଡ ଇକୋନୋମିକ୍ସର ଦକ୍ଷିଣ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ବିଭାଗ ମୁଖ୍ୟ ପ୍ରିୟଙ୍କା କିଶୋର କହିଛନ୍ତି, କରୋନା ପୂର୍ବରୁ ଭାରତୀୟ ବଜାରରେ ବାଲାନ୍ସ ସିଟ୍ ଚାପଗ୍ରସ୍ତ ହୋଇଥିଲା। ମହାମାରୀ ଏହି ସ୍ଥିତିକୁ ଆହୁରି ଗମ୍ଭୀର କରି ଦେଇଛି। ଆଗାମୀ ୫ ବର୍ଷରେ ଭାରତର ବିକାଶ ହାର ୪.୫% ସ୍ତର ରହିପାରେ। ଏହା ମହାମାରୀ ଆଗରୁ ୬.୫% ରହିଥିଲା। ଯୋଗାଣ ବ୍ୟବସ୍ଥା ଗଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ହ୍ୟୁମାନ କ୍ୟାପିଟାଲ ବା ମାନବଗତ ପୁଞ୍ଜିର ଯୋଗଦାନ କୋଭିଡ୍ ପୂର୍ବ ସ୍ତରରେ ରହିଛି। ମହାମାରୀ ଯୋଗୁ ବାଲାନ୍ସ ସିଟ୍‌ରେ ଚାପ ବଢ଼ିବ। ନିବେଶଧାରା ପୂର୍ବ ସ୍ଥିତିକୁ ଫେରିବା ଲାଗି ସମୟ ଲାଗିବ ବୋଲି ଅକ୍ସଫୋର୍ଡ ରିପୋର୍ଟରେ କୁହାଯାଇଛି। ସେହିଭଳି ୨୦୨୦ ପୂର୍ବରୁ ଭାରତ ବଜାରରେ ମାନ୍ଦାବସ୍ଥା ଲାଗି ରହିଥିଲା। ବ୍ୟାଙ୍କ ଏନ୍‌ପିଏ, କମ୍ପାନୀ ବାଲାନ୍ସ ଶିଟ୍, ଅଣବିତ୍ତ ପ୍ରତିଷ୍ଠାନଗୁଡ଼ିକର ଖରାପ ଅବସ୍ଥା ଏବଂ ବେରୋଜଗାରୀ ହାର ଉଚ୍ଚରେ ରହିଥିଲା। ଅପରପକ୍ଷରେ ଆଗାମୀ ଦିନରେ ସ୍ଥିତି ଆହୁରି ବିଗିଡିବ ଏବଂ ଅର୍ଥ ବ୍ୟବସ୍ଥାରେ ଦୀର୍ଘ ମିଆଦୀ ସମସ୍ୟା ବଢ଼ିବା ନେଇ ଏହି ରିପୋର୍ଟରେ ଆଶଙ୍କା କରାଯାଇଛି। ଫଳରେ ଅଭିବୃଦ୍ଧି କୋଭିଡ୍-୧୯ ପୂର୍ବ ସ୍ଥିତିକୁ ଫେରିବା ଲାଗି ଅଧିକ ସମୟ ଲାଗିବ। ଆର୍ଥିକ ସ୍ଥିତି ଖରାପ ହେବା ସତ୍ତ୍ୱେ ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ଭାବେ ଗଢ଼ି ତୋଳିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଛନ୍ତି। ଅର୍ଥ ବ୍ୟବସ୍ଥାକୁ ଗତି ପ୍ରଦାନ କରିବା ଲାଗି ସରକାର ବିଭିନ୍ନ ଉପାୟ ଘୋଷଣା କରିଛନ୍ତି। ମାତ୍ର ଚାହିଦା ବଢ଼ାଇବା ଦିଗରେ ସରକାରୀ ପଦକ୍ଷେପଗୁଡ଼ିକ ସହାୟକ ହୋଇପାରିନାହିଁ। ରିଜର୍ଭ ବ୍ୟାଙ୍କ ପକ୍ଷରୁ ନିକଟରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଭାରତୀୟ ଅର୍ଥ ବ୍ୟବସ୍ଥା ଏକ ଟେକ୍ନିକାଲ ମାନ୍ଦାବସ୍ଥା ଦେଇ ଗତି କରୁଛି।

## ଆଜିଠୁ...

ପାଇଁ ଅତିରିକ୍ତ ବଜେଟ ଉପସ୍ଥାପନ କରିବେ। ଚଳିତ ଅଧିବେଶନ ଡିସେମ୍ବର ୩୧ ଯାଏ ଚାଲିବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ବିଧାନସଭା ମୋଟ ୪୦ ଦିନ ହେବ। ୪୦କାର୍ଯ୍ୟ ଦିବସରୁ ୩୫ଟି ସରକାରୀ ଦିବସ ଥିବା ବେଳେ ୫ ବେସରକାରୀ ଦିବସ ରହିଛି। ନଭେମ୍ବର ୨୬ରୁ ଖର୍ଚ୍ଚଦାବି ଆଲୋଚନା ଆରମ୍ଭ ହେବ। ୨୯ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ। ନଭେମ୍ବର ୩୦ରେ ରାସ ପୂର୍ଣ୍ଣିମା ଓ ଡିସେମ୍ବର ୨୫ରେ ବଡ଼ଦିନ ଲାଗି ବିଧାନସଭା ଅଧିବେଶନ ବନ୍ଦ ରହିବ। ତେବେ ରବିବାର ମଧ୍ୟ ଗୃହ କାର୍ଯ୍ୟ ଚାଲିବ। ତେବେ ଗୃହରେ କୌଣସି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହେବ ନାହିଁ ବୋଲି ପୂର୍ବରୁ ଘୋଷଣା କରାଯାଇଛି। ଲିଖିତ ପ୍ରଶ୍ନର ଉତ୍ତର ସଦସ୍ୟମାନଙ୍କୁ ଇ-ମେଲ୍ ଯୋଗେ ଯୋଗାଇ ଦିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୂର୍ବରୁ ଘୋଷଣା କରିଛନ୍ତି।

- ୨୯ରେ ବ୍ୟୟ ମଞ୍ଜୁରୀ ବିଲ୍
- ପ୍ରତ୍ୟହ ୪ ଘଣ୍ଟା ଚାଲିବ
- ସରକାର ଆଣିବେ ୧୦ ବିଲ୍

ଏହି ଅଧିବେଶନରେ ସରକାର ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଗୃହୀତ କରିବେ। ଗୃହରେ ୧୦ଟି ବିଲ ଆସିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବିଧାନସଭା ଆରମ୍ଭ ହେବାର ଦୁଇଦିନ ପୂର୍ବରୁ ମନ୍ତ୍ରୀ, ବିଧାୟକ, ବିଧାନସଭା କର୍ମଚାରୀ, ଖବରଦାତାମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଛି। କୋଭିଡ୍ କଟକଣା ମଧ୍ୟରେ ଗୃହକାର୍ଯ୍ୟ ଚାଲିବା ନେଇ ବାଚସ୍ପତି ସୂଚନା ଦେଇଛନ୍ତି। ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନରେ ଦୁଇଜଣ ନବ ନିର୍ବାଚିତ ବିଧାୟକ ସ୍ୱରୂପ ଦାସ ଏବଂ ବିଜୟ ଶଙ୍କର ଦାସ ଚଳିତ ଅଧିବେଶନରେ ପ୍ରଥମ ଥର ଲାଗି ଯୋଗଦେବେ।

ଏଠାରେ ସୂଚନା ଯୋଗ୍ୟ, ଷୋଡ଼ଶ ବିଧାନସଭାର ପଞ୍ଚମ ଅଧିବେଶନ କୋଭିଡ୍ ମହାମାରୀ କଟକଣା ଯୋଗୁ ସୀମିତ ହୋଇଯାଇଛି। ଏହି ଅଧିବେଶନ ମାତ୍ର ୨୦ ଦିନ ହୋଇଥିବା ବେଳେ ଆହୁରି ୪୦ ଦିନ ଗୃହ କାର୍ଯ୍ୟ ବାକି ରହିଥିଲା। ଚଳିତ ଅଧିବେଶନରେ ଅବଶିଷ୍ଟ କାର୍ଯ୍ୟଦିବସକୁ ପୂରଣ କରାଯିବା ନେଇ ବିଜ୍ଞପ୍ତି ପ୍ରକଶିତ ହୋଇଛି। ଗତ ମୌସୁମୀ ଅଧିବେଶନ ୮ ଦିନ ପାଇଁ ବସିଥିଲା। ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଦିନକ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୬ରେ ଶେଷ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରିବାରିକ ପରିସ୍ଥିତି ପ୍ରତି ଦୃଷ୍ଟି ନ ରଖିଲେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ** ଯେକୌଣସି ପରିସ୍ଥିତିରେ ମଧ୍ୟ ମନବଳ ଖୁବ୍ ଟାଣ ରହିବ ଏବଂ କାର୍ଯ୍ୟ ହାସଲରେ ସମର୍ଥ ହେବେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ବନ୍ଧୁଙ୍କ ସମ୍ମୁଖରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ଆନୁଷଙ୍ଗିକ ସାହାଯ୍ୟ ମଧ୍ୟ ପାଇବେ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ, ଯାହା କି ସମସ୍ୟାର କାରଣ ହୋଇପାରେ।

**କର୍କଟ** ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କର୍ମକ୍ଷେତ୍ରରେ ପରିଶ୍ରମ ଅଧିକ ହେଲେ ମଧ୍ୟ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବେ। ପ୍ରିୟ ବନ୍ଧୁ ସମ୍ପର୍କରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ବ୍ୟବସାୟ, ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ।

**ସିଂହ** ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଏବଂ ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିପାରନ୍ତି। ପରିସ୍ଥିତିରେ ପଡି ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ସାମୟିକ ଦୁର୍ବଳତାଜନିତ ଅସୁସ୍ଥତା ଅନୁଭବ କରିପାରନ୍ତି।

**କନ୍ୟା** ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ନିଜ ନିଜର ସୁବିଧାକୁ ଆଖି ଆଗରେ ରଖି ମିତ୍ରମାନେ ଶତ୍ରୁତା ଆଚରଣ କରିବେ। ରୋଗ, ଋଣ ଓ ଶତ୍ରୁତାର ଦାଉ ଅସମ୍ଭାଳ ହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆଜି ପରିସ୍ଥିତିରେ ପଡି ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ ମାର୍ଗର ଅନୁସରଣ କରି ପସ୍ତେଇବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଅର୍ଥ ସଂକଟର ଦୂରୀକରଣ ନିମିତ୍ତ ସମ୍ପର୍କୀୟ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା** ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିବ। ଆଗାମୀ ସମୟରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବିଷୟକୁ ନେଇ ମନରେ ବାରମ୍ବାର ଆଲୋଡନଜନିତ ଅନ୍ୟମନସ୍କ ରହିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ।

**ଧନୁ** ପାରିବାରିକ ସମସ୍ୟାର ଆପୋଷ ଆଲୋଚନା ଦ୍ୱାରା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମାନସିକ ଚାପଜନିତ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଏଣେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ କାର୍ଯ୍ୟ ସମ୍ପନ୍ନର ଆଶା ମଉଳି ଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଧରି କର୍ମ କଲେ ସଫଳତା ପାଇପାରିବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟିବ।

**କୁମ୍ଭ** ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସାମାଜିକ ସ୍ତରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ବ୍ୟବସାୟ ଓ ପରିବହନରେ ଶିଥିଳତା କାରଣରୁ ମନ ଭଲ ରହି ନ ପାରେ।

**ମୀନ** କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ନେଇ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। କେତେକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ। ସାମାଜିକ ବୁଝାମଣା ଠିକ୍ ରହିବ। କୂଟନୀତି ବଳରେ କାର୍ଯ୍ୟ ସାଧିତ ହେବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟି ଆଶ୍ୱସ୍ତି ଲାଭ କରିବେ।

ଆଜି କାର୍ତ୍ତିକ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ନଭେମ୍ବର ୨୦ ତାରିଖ, ଆଜି ମକର ରାଶିକୁ ବୃହସ୍ପତି ଚଳନ ହେବ, ରାଶିନକ୍ଷତ୍ର-ଦିବା ଘ.୦୯.୨୩ମି. ଗତେ ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୦୧ମି. ଗତେ ଘ.୦୬.୪୬ମି. ମଧ୍ୟେ, ଘ.୦୭.୩୦ମି. ଗତେ ଘ.୦୯.୪୨ମି. ମଧ୍ୟେ, ଘ.୧୧.୫୪ମି. ଗତେ ଘ.୦୨.୫୦ମି. ମଧ୍ୟେ, ଘ.୦୩.୩୪ମି. ଗତେ ଘ.୦୫.୦୨ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୦୯ମି. ଗତେ ଘ.୧୧.୩୨ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302





**HIRE**

ବଡ଼ବିଲ୍ ମାଇନ୍‌ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876





**SALE**

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

ଭୁବନେଶ୍ୱର AMRI Hospital ପଛପଟେ yellowzone plot ନେଇ ଘର କରନ୍ତୁ। 7894216209. D-70106

ଘରବାଡ଼ି ପ୍ଲଟ ପିଚୁରୋଡ଼କୁ ଲାଗି ସାଇମନ୍ଦିର ପାଖରେ **50%** ଦେଇ **Registration** ନେଇ ବାକି କିସ୍ତିରେ ଦିଅନ୍ତୁ। **9556794241** D-69196

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

**10 Acer land for immediate sale Puri Town at Puri. Interested buyers please contact Deepak-9937329999.** D-69933

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9776974912, 7894433357. D-69200

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70101

2BHK Simplex 28,00,000/- finishing Hanspal, Gharabari boundary plot Bhingarpur- 9668194157. D-69644

**Plot sale near AIIMS Hospital, Bhubaneswar with 30' Road. 8456850883.** D-69199

1500 sqft. yellowzone residential plot for sale near Palasuni, Bhubaneswar. Near to NH, Price- 58.5 lakhs. Contact- 8260595320 (no brokers). D-70023

କଟକର ଫୁଲନଖରାରେ ଥିବା **Delhi Public School**କୁ ଲାଗି ବାସୋପଯୋଗୀ ଘରବାରି **plot** କିଣନ୍ତୁ ଏବଂ **immediate** ଗୃହନିର୍ମାଣ କରନ୍ତୁ। **8249310759.** D-70108

Gharabari developed plot for sale in Balakati, Bhubaneswar, 12decimal, 40feet Govt. road, resident's area contact-9338054965. D-18979

ଭୁବନେଶ୍ୱର ହଂସପାଳ ଛକଠାରୁ **9k.m** ଦୂରତାରେ ଘରବାଡ଼ି ପ୍ଲଟ ବିକ୍ରିହେବ। **9438299931.** D-70109

**PURCHASE**

Required flats independent houses GA plots from direct owner's Bhubaneswar 7978736177. D-68262

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





2BHK flat with parking at Lingipur, rent family Contact: 7894381416. D-59972





Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Newly open Spa Centre smart therapist full body massage: 8114970372. D-59971

Newly open relaxing massage male/ female therapist. Contact- 9861193818, 8018656899 D-59970

Get refreshment body massage by expert therapist contact for 7205084157. D-70018

Newly open full body massage SPA in Bhubaneswar. Contact: 7205058838. D-70019

Rejuvenate and Ayurvedic full body massage by smart therapist. 9348123330. D-70020

Refreshing your mind & body with best therapy at Lotus Spa. 8018234866 D-69581

Panchakarma, Acupressure, Magneto all therapy start @ 749/- Bhubaneswar. 8763725072. D-18953

Available all types of health service and home service. 9583808247. D-18878

Monalisa massage club : All types body massage with hiprofile smart lady rooms service available 9708545108. D-18971

Swarna SPA newly open positively health benefits with expert therapist. 9556978408. D-70024

**LOST**

Kindly note, Degree Certificate of Bachelor of Engineering (2002-2006) of Soumya Ranjan Das, Roll No: 12701HT02052 and Regd No: 17807/02 has been damaged. 9160400060. D-18974

**AFFIDAVIT**

I, Swopna Rani Chahataray, spouse of Bikram Kumar Baliyarsingh resident At- Dochhian, PO- Adala, Via- Nirakarpur, PS- Gadisagoda, Dist- Puri, PIN- 752019 have changed my name from Swopna Rani Chahataray to Swapna Rani Baliyarsingh vide affidavit dated 13 Nov. 2020 before Executive Magistrate, Jatni. D-18981

By virtue of Affidavit sworn on 11.11.2020 before the Executive Magistrate, Bhubaneswar, I have changed my son's name from PRARABDH PRANAB PRAHARAJ to DEVYAM PRAHARAJ. Henceforth, my son shall be known, called and identified as DEVYAM PRAHARAJ instead of PRARABDH PRANAB PRAHARAJ for all purposes. S.d./-PRANAB KUMAR PRAHARAJ. D-18975

By an affidavit before the Executive Magistrate Bhubaneswar. My educational certificate name is mentioned as Gyanendra Nath Patra and my Voter I Card name is mentioned as Gyanaranjan Jena. So that Gyanendranath Patra and Gyanaranjan Jena is one and same person. D-69582

By an affidavit before the Executive Magistrate Bhubaneswar. I Basanti Patra, W/O- Gyanendranath Patra, D/O- Anadi Jena after my marriage my surname changed Jena to Patra. That Basanti Patra and Basanti Jena is same and one person. D-69583

**NOTICE**

ଏତଦ୍ୱାରା ସୂଚିତ କରାଯାଉଛି ଯେ ମୋର ମହକିଲ ଏଲ୍.ଆଇ.ସି.ଏଚ୍.ଏଫ୍.ଏଲ୍. ଇପିକଲ ହାଉସ୍, ଭୁବନେଶ୍ୱର ତରଫରୁ ଜୟକୃଷ୍ଣ ସାହୁଙ୍କ ନୟାଗଡ଼ସ୍ଥିତ ବାସଭବନ ପ୍ଲଟ୍ ନଂ.-୨୯୬/୩୬୨୫, ଖାତା ନଂ.-୧୨୧୯/୩୬୮ ନିର୍ମାଣ ନିମନ୍ତେ ପରାମର୍ଶ କରୁଅଛି। ସେ ତାଙ୍କ ଜାଗାର ଦଲିଲ୍ ନମ୍ବର-୩୭୦୭।୦୧-୧୧-୧୯୯୭ କପିଳ ଚରଣ ପଟ୍ଟନାୟକ, ଖଣ୍ଡପଡ଼ା ଓ ଦୟାନିଧି ମହାପାତ୍ର, ପଞ୍ଚୁମୁଙ୍କ ମଧ୍ୟରେ ହୋଇଥିବା ଦଲିଲ୍‌ଟିକୁ ନୟାଗଡ଼ ଓଲ୍ଡ୍ ଟାଉନ୍‌ରୁ ବି.ଇ.ଓ ଅଫିସ୍ ନୟାଗଡ଼ ଯିବା ସମୟରେ ଲେଖନପୁର ରୋଡ୍‌ରେ ହଜିଯାଇଛି। ଯଦି ଏହି ସମ୍ପତ୍ତି ଉପରେ କାହାର ଅଧିକାର ଥାଏ ପ୍ରକାଶନରେ ୧୫ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ୧୫ଦିନ ପରେ ଦଲିଲ୍ ତାର ବୈଧତା ହରାଇବ। ଏଥିପାଇଁ ଏଲ୍.ଆଇ.ସି.ଏଚ୍.ଏଫ୍.ଏଲ୍. ଦାୟୀ ରହିବେ ନାହିଁ।
ଯେ।ଗ।ଯେ।ଗ - ଏନ୍.ସି.ପଟ୍ଟନାୟକ, ଓକିଲ, ୯୮୫୩୩୧୧୧୮୯, ଏରିଆ ମ୍ୟାନେଜର ଏଲ୍.ଆଇ.ସି.ଏଚ୍.ଏଫ୍.ଏଲ୍, କଟକ (ଏ.ଓ). ଧ-୧୮୯୭୬

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୬୮,୭୨,୫୪୫ | ୧୩,୬୦,୦୩୯ | ୩,୯୫,୫୩,୧୩୮ |
| ଭାରତ | ୮୯,୭୪,୯୧୦ | ୧,୩୧,୭୭୦ | ୮୪,୦୦,୧୧୩ |
| ଓଡ଼ିଶା | ୩,୧୧,୭୮୮ | ୧୫୯୨(+୫୩) | ୩,୦୨,୭୯୬ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆସନ୍ତା ଶିକ୍ଷାବର୍ଷରୁ ୩ ମେଡିକାଲ କଲେଜରେ ନାମଲେଖା

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)** ରାଜ୍ୟରେ ୩ଟି ନୂଆ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନାର ପ୍ରତିଷ୍ଠା କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି। ତେଣୁ ଡିସେମ୍ବର ଶେଷସୁଦ୍ଧା ଏଠାରେ ଆନୁଷଙ୍ଗିକ କାର୍ଯ୍ୟ ଶେଷକରି ଛାତ୍ରୀଛାତ୍ରଙ୍କ ନାମ ଲେଖା ନମନ୍ତେ ମେଡିକାଲ୍ କାଉନ୍‌ସିଲ୍ ଅଫ ଇଣ୍ଡିଆ (ଏମ୍‌ସିଆଇ)ର ଅନୁମୋଦନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରେ ଡିଜିଟାଲ୍ ମୋଡ୍‌ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକରୁ ଏହି ସୂଚନା ମିଳିଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ମହାବିଦ୍ୟାଳୟଗୁଡ଼ିକ ବିଷୟରେ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ। ତାଳଚେରଠାରେ ନିର୍ମାଣାଧୀନ ମହାନଦୀ ଭେଷଜ ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ସୁନ୍ଦରଗଡର ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ଏବଂ ପୁରୀଠାରେ ନିର୍ମାଣାଧୀନ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା କାର୍ଯ୍ୟର ଅଗ୍ରଗତି ନେଇ ବୈଠକରେ ସମୀକ୍ଷା କରାଯାଇଥିଲା। ଏହିସବୁ ଅନୁଷ୍ଠାନରେ ଉଚ୍ଚସ୍ତରୀୟ ବିଶେଷଜ୍ଞ ଚିକିତ୍ସା ଉପଲବ୍ଧ ହେବ। ୨୦୨୧-୨୨ରୁ ଏଠାରେ ନାମଲେଖା ଆରମ୍ଭ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତିବର୍ଷ ୧୦୦ ଜଣ ଲେଖାଏ ଡାକ୍ତରୀ ଛାତ୍ରୀଛାତ୍ର ଏସବୁ ମେଡିକାଲ କଲେଜରେ ନାମ ଲେଖାଇ ପାରିବେ। ଏମ୍‌ସିଏଲ୍ ସହଯୋଗିତାରେ ତାଳଚେରରେ ନିର୍ମାଣ ହେଉଥିବା ମେଡିକାଲ କଲେଜକୁ ଏକ ଟ୍ରଷ୍ଟ ମାଧ୍ୟମରେ ପରିଚାଳନା କରାଯିବ। ସୁନ୍ଦରଗଡ଼ ଜିଲାରେ ଏନ୍‌ଟିପିସି ସହଯୋଗିତାରେ ନିର୍ମାଣାଧୀନ ଭେଷଜ ମହାବିଦ୍ୟାଳୟରେ ମଧ୍ୟ ପ୍ରତିବର୍ଷ ୧୦୦ ଡାକ୍ତରୀ ଛାତ୍ରୀଛାତ୍ର ନାମ ଲେଖାଇ ପାରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଡାକ୍ତର ସି.ବି.କେ. ମହାନ୍ତିଙ୍କ ସମେତ ଏନ୍‌ଟିପିସି ଏବଂ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ହେଲମେଟ୍ ନ ପିନ୍ଧିଲେ ଲାଇସେନ୍ସ ରଦ୍ଦ

■ ନିୟମ କଡ଼ାକଡ଼ି କରିବାକୁ ପରିବହନ ସଚିବଙ୍କ ଚିଠି
■ ଜିଲାୱାରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)** ହେଲମେଟ୍ ନ ପିନ୍ଧି ଗାଡ଼ି ଚଳାଇଲେ ଏଣିକି ଡ୍ରାଇଭିଂ ଲାଇସେନ୍ସ ବାତିଲ ହେବ। ବାରମ୍ବାର ସଚେତନତା, ତାଗିଦ୍ ସତ୍ତ୍ୱେ ଅନେକ ବାଇକ୍ ଚାଳକ ହେଲମେଟ ପିନ୍ଧୁ ନାହାନ୍ତି। ଏଭଳି ଅମାନିଆ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ଗୁରୁବାର ଚିଠି ଲେଖିଛନ୍ତି ପରିବହନ ସଚିବ। ଏଥିସହ ୨୦୧୯ରୁ



୨୦୨୦ ଅକ୍ଟୋବର ମଧ୍ୟରେ କେତେଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି, ସେ ସମ୍ପର୍କିତ ଜିଲାୱାରି ରିପୋର୍ଟ ୭ଦିନ ମଧ୍ୟରେ ସୁପ୍ରିମକୋର୍ଟ କମିଟିକୁ ପ୍ରଦାନ କରିବା ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ବାଇକ୍ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଗତବର୍ଷ ଘଟିଥିବା ୧୧,୦୬୪ ସଡ଼କ ଦୁର୍ଘଟଣା ମଧ୍ୟରୁ ୪,୬୮୮ଟିରେ ଦୁଇଚକିଆ ଯାନ ସମ୍ପୃକ୍ତ ଥିଲା। ମୋଟ୍ ୫,୩୩୩ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟରୁ ବାଇକ୍ ଆରୋହୀଙ୍କ ସଂଖ୍ୟା ୨,୩୯୮। ମୃତକଙ୍କ ମଧ୍ୟରୁ ୨,୧୫୬ଜଣ ହେଲମେଟ୍ ପିନ୍ଧି ନ ଥିଲେ। ହେଲମେଟ୍ ବ୍ୟବହାର କରିଥିଲେ ଅନେକ ଜୀବନ ରକ୍ଷା ହୋଇପାରିଥାନ୍ତା ବୋଲି ପରିବହନ ସଚିବଙ୍କ ଚିଠିରେ ଉଲ୍ଲେଖ ରହିଛି। ୨୦୧୯ରେ ବିନା ହେଲିମେଟ୍‌ରେ ଗାଡ଼ି ଚଳାଉଥିବାବେଳେ ମୋଟ୍ ୮.୫ ଲକ୍ଷ ଜଣ ଧରାପଡ଼ିଛନ୍ତି। ନୂତନ ନିୟମ ଲାଗୁ ପରେ ନିୟମ ଭଙ୍ଗକାରୀଙ୍କଠାରୁ ହଜାରେ ଟଙ୍କା ଫାଇନ୍ ଆଦାୟ କରାଯିବ। ଏଥିସହ ୩ ମାସ ଲାଗି ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବ। ଏମ୍‌ଭି (ମୋଟର ଭେହିକିଲ) ଆକ୍ଟ ୧୯୪ 'ଡି' ଅନୁଯାୟୀ ଏହି ନିୟମ ଲାଗୁ ହେବ। ସୂଚନାଯୋଗ୍ୟ, କରୋନା ସମୟରେ ହେଲମେଟ୍ ଏବଂ ମାସ୍କ ପିନ୍ଧିବାକୁ ରାଜ୍ୟ ସରକାର କଡ଼ାକଡ଼ି କରିଥିଲେ। କିନ୍ତୁ ଗାଡି କାଗଜ ପତ୍ର ଯାଞ୍ଚ କୋହଳ କରାଯାଇଥିଲା। ଗତ ୯ ତାରିଖରେ ସଡକ ଦୁର୍ଘଟଣା ନେଇ ସୁପ୍ରିମକୋର୍ଟ କମିଟି ପକ୍ଷରୁ ଏକ ବୈଠକ ବସିଥିଲା। ଏଥିରେ ଏମ୍‌ଭି ଆଇନ କଡାକଡି ଲାଗୁ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଜେଲ ଛାତରୁ ଖସି କଏଦୀ ମୃତ

**ଖୋର୍ଦ୍ଧା ଅଫିସ,୧୯।୧୧** ବାଣପୁର ସବ୍‌ଜେଲ ଛାତରୁ ଖସିପଡ଼ି ଗୁରୁବାର ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆସାମର ଶିବୁନ କୁଶକ୍ (୪୦)। ଏ ନେଇ ଜେଲ କର୍ତ୍ତୃପକ୍ଷ ବାଣପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ଶିବୁନ୍ ଏକ ବଳାତ୍କାର ମାମଲାରେ ଭୁବନେଶ୍ୱରସ୍ଥ ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଥିଲେ। ବୁଧବାର ଝାରପଡ଼ା ଜେଲରୁ ତାଙ୍କ ସମେତ ୧୯ ଜଣ କଏଦୀଙ୍କୁ ବାଣପୁର ସବ୍‌ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ଅପରାହ୍ନରେ ଶିବୁନ୍ ଖାଇସାରିବା ପରେ ନିଜ ସେଲକୁ ଚାଲିଯାଇଥିଲେ। ସନ୍ଧ୍ୟା ସାଢ଼େ ୫ଟାରେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମେଡିକାଲ ନାମଲେଖା ଆବେଦନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)** ରାଜ୍ୟରେ ଥିବା ମେଡିକାଲ କଲେଜଗୁଡ଼ିକର ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ଆବେଦନ ଅବଧିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ଆବେଦନର ସମୟ ସୀମା ୧୮ ତାରିଖ ଥିବାବେଳେ ଏବେ ୨୩ ତାରିଖ ରାତି ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କରୋନା ପରିସ୍ଥିତି ଲାଗି ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରି ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ନଭେମ୍ବର ୨୧ ପରିବର୍ତ୍ତେ ୨୬ ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ୨୬ ତାରିଖ ପୂର୍ବାହ୍ନ ୧୦ଟାରୁ ୨୭ ତାରିଖ ରାତି ୧୧ଟା ୫୯ ମଧ୍ୟରେ ଛାତ୍ରୀଛାତ୍ର ଚଏସ୍ ଫିଲିଂ ଓ ଲକିଂ କରିପାରିବେ। ୨୯ ତାରିଖରେ ପ୍ରଥମ ରାଉଣ୍ଡ ନାମଲେଖା ତାଲିକା ପ୍ରକାଶ ପାଇବ। ଡିସେମ୍ବର ୨ରେ ଅଲ୍ ଇଣ୍ଡିଆ କୋଟାରୁ ଏମ୍‌ବିବିଏସ୍ ଓ ବିଡିଏସ୍ ସିଟ୍‌ଗୁଡ଼ିକ ବଳକା ରହିବା ପରେ ୩ ତାରିଖରେ ଖାଲି ସିଟ୍ ତାଲିକା ପ୍ରକାଶ କରାଯିବ। ଏଥିପାଇଁ ପୁଣିଥରେ କାଉନ୍‌ସେଲିଂ ଅନୁଷ୍ଠିତ ହେବ। ଡିସେମ୍ବର ୪ ପୂର୍ବାହ୍ନ ୧୧ଟାରୁ ୫ ତାରିଖ ରାତି ମଧ୍ୟରେ ଦ୍ୱିତୀୟ ରାଉଣ୍ଡ ନାମ ପଞ୍ଜୀକରଣ ଓ ଅନ୍‌ଲାଇନ୍ ଡକ୍ୟୁମେଣ୍ଟ ଯାଞ୍ଚ ହେବ। ୬ ତାରିଖରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବା ପରେ ସେହିଦିନ ରାତି ୭ଟାରୁ ୭ ତାରିଖ ରାତି ୧୧ଟା ୫୯ ମଧ୍ୟରେ ନୂତନ ଭାବେ ପଞ୍ଜୀକରଣ କରିଥିବା ଛାତ୍ରୀଛାତ୍ର ଚଏସ୍ ଫିଲିଂ ଓ ଲକିଂ କରିପାରିବେ। ଡିସେମ୍ବର ୧୫ରେ ସ୍ୱଟ୍ କାଉନ୍‌ସେଲିଂ ଅନୁଷ୍ଠିତ ହେବ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି।

# 'ପାଠପଢ଼, ପରୀକ୍ଷା ହେବ'

**ଦ୍ୱନ୍ଦ୍ୱ ଦୂରକଲେ ଉଚ୍ଚଶିକ୍ଷା ମନ୍ତ୍ରୀ**
■ ଖୁବ୍‌ଶୀଘ୍ର ପିଜି ପାଠ୍ୟକ୍ରମରେ ନାମଲେଖା
■ ନୂତନ ଗାଇଡ୍‌ଲାଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)** ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବା ସଂକ୍ରାନ୍ତ ଗାଇଡ୍‌ଲାଇନ୍ ଆସିବା ପରେ ରାଜ୍ୟରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବାକୁ ତତ୍ପରତା ପ୍ରକାଶ ପାଇଛି। ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଥିବାବେଳେ ପାଠପଢ଼ା ଓ ପରୀକ୍ଷାକୁ ନେଇ ଏବେବି ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ରହିଛନ୍ତି। ଏଭଳିସ୍ଥଳେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଛାତ୍ରୀଛାତ୍ରଙ୍କୁ ଦ୍ୱନ୍ଦ୍ୱରେ ନ ରହିବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କରୋନା ସଂକ୍ରମଣ ଯୋଗୁ ଚଳିତ ଶିକ୍ଷାବର୍ଷ ପ୍ରଭାବିତ ହୋଇଛି। ଗତ ସେମିଷ୍ଟର ପରୀକ୍ଷା ବିଳମ୍ବରେ ହୋଇଛି। ଏସବୁ ସତ୍ତ୍ୱେ ଠିକ୍ ସମୟରେ ୟୁଜି ଓ ପିଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ନୂଆ ଆଡ୍‌ମିଶନ ପାଇଁ ପ୍ରବେଶିକା ପରୀକ୍ଷା ମଧ୍ୟ ହୋଇଛି। ଯୁକ୍ତ ୩ ନାମଲେଖା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ପିଜି ପାଠ୍ୟକ୍ରମରେ ନାମଲେଖା ଅନୁଷ୍ଠିତ ହେବ। ପାଠପଢ଼ା ସହ ପରୀକ୍ଷା ବି ହେବ। ତେଣୁ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ରୁହନ୍ତୁ ନାହିଁ। କ୍ଲାସରୁମ୍ ପାଠପଢ଼ା ହେଉ ନ ଥିଲେ ବି ସମୟ ନଷ୍ଟ ନ କରି ଯଥାସମ୍ଭବ ପାଠବହି ସହ ଅନ୍ୟାନ୍ୟ ବହି ପଢ଼ିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ କମୁଛି। କେବେ ଶିକ୍ଷାନୁଷ୍ଠାନ ଖୋଲିବ ସେନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନି। ରାଜ୍ୟ ସରକାରଙ୍କ ନୂତନ ଗାଇଡ୍‌ଲାଇନ୍ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ଲାଗି ଅନ୍‌ଲାଇନ୍ କ୍ଲାସ୍ ଚାଲିଥିଲେ ମଧ୍ୟ ପାଠ୍ୟକ୍ରମ ଶେଷ ହୋଇ ନ ଥିବାରୁ ଚଳିତ ଶିକ୍ଷାବର୍ଷର ସେମିଷ୍ଟର ପରୀକ୍ଷାକୁ ନେଇ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତାରେ ଅଛନ୍ତି। ତେଣୁ ଶିକ୍ଷାନୁଷ୍ଠାନ ଖୋଲିବା ପରେ ସିଲାବସ୍‌କୁ କେତେକାଂଶରେ ଶେଷ କରାଯାଇପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଯୁକ୍ତ ୩ ଓ ପିଜି ପାଠ୍ୟକ୍ରମର ନାମଲେଖା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏପଟେ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ଏକକ ପିଜି ପ୍ରବେଶିକା ପରୀକ୍ଷା ଶେଷ ହୋଇଥିଲେ ମଧ୍ୟ ଫଳ ବାହାରିନି। ସେହିପରି ଯୁକ୍ତ୩ ନାମଲେଖା ସମୟ ସୀମା ମଧ୍ୟ ବଢ଼ିଚାଲିଛି। ନଭେମ୍ବର ଶେଷସୁଦ୍ଧା ଉଭୟ ପାଠ୍ୟକ୍ରମର ନାମଲେଖା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ତାହା ଚୂଡ଼ାନ୍ତ ହୋଇପାରୁନି। ନାମଲେଖା ପ୍ରକ୍ରିୟା ଶେଷ ହେବାବେଳକୁ ଡିସେମ୍ବର ହୋଇଯିବ ବୋଲି ଅନୁମାନ କରାଯାଉଛି। ତେଣୁ ପାଠପଢ଼ା କେବେଠାରୁ ଆରମ୍ଭ ହେବ ଓ ପରୀକ୍ଷା କେବେ ଅନୁଷ୍ଠିତ ହେବ ସେନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱ ଓ ଆଶଙ୍କାରେ ଅଛନ୍ତି।

# ଥମୁନି ମୃତ୍ୟୁ, ପୁଣି ୧୭ ଜୀବନ ଗଲା

**ଆଉ ୮୬୮ ଆକ୍ରାନ୍ତ, ୧୦୧୯ ସୁସ୍ଥ**


**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା କମୁଥିଲେ ମଧ୍ୟ ମୃତ୍ୟୁ ଥମୁନି। ଶେଷ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରୁ ଆଉ ୧୭ ଜଣଙ୍କ ଜୀବନ ନେଇଛି ଏହି ଘାତକ ମହାମାରୀ। ସୁନ୍ଦରଗଡରୁ ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସମ୍ବଲପୁରରୁ ୩, ଖୋର୍ଦ୍ଧା ୨, ଭଦ୍ରକ, କଟକ, ଗଜପତି, ଗଞ୍ଜାମ, କେନ୍ଦ୍ରାପଡ଼ା, ନୟାଗଡ଼, ରାୟଗଡ଼ା ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୫୯୨କୁ ବୃଦ୍ଧି ପାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି। ଅନ୍ୟପକ୍ଷରେ ରାଜ୍ୟରୁ ଆଉ ୮୬୮ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୯୯ଜଣ ସଙ୍ଗରୋଧରୁ ଓ ୩୬୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୧୨୬ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ ୮୭, କଟକ ୬୪, ଅନୁଗୋଳ ୫୪, ନୂଆପଡ଼ା ଓ ମୟୂରଭଞ୍ଜରୁ ୪୬ ଲେଖାଏ, ଜଗତ୍‌ସିଂହପୁର ୪୪, କେନ୍ଦୁଝର ୩୯, କେନ୍ଦ୍ରାପଡ଼ା ୩୫, ବଲାଙ୍ଗୀର ୩୪, ଯାଜପୁର ୩୧, ପୁରୀ ୨୮, ଝାରସୁଗୁଡ଼ା ଓ ବରଗଡ଼ରୁ ୨୧ ଲେଖାଏ, କଳାହାଣ୍ଡି ୨୦, ସମ୍ବଲପୁର, ଢେଙ୍କାନାଳ ଓ ବାଲେଶ୍ୱରରୁ ୧୮ ଲେଖାଏ, ନବରଙ୍ଗପୁର ୧୪, ଭଦ୍ରକ ୧୩, ମାଲକାନଗିରି ଓ କୋରାପୁଟରୁ ୧୨ ଲେଖାଏ, ଗଞ୍ଜାମ ୧୧, ରାୟଗଡ଼ା ଓ ଦେବଗଡ଼ରୁ ୭ ଲେଖାଏ, ସୋନପୁର ଓ କନ୍ଧମାଳରୁ ୬ ଲେଖାଏ, ଗଜପତି ଓ ନୟାଗଡ଼ରୁ ୩ ଲେଖାଏ, ବୌଦ୍ଧରୁ ଜଣେ ଓ ଷ୍ଟେଟ୍ ପୁଲ୍‌ରୁ ୨୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୧୧,୭୮୮ରେ ପହଞ୍ଚିଛି। ସେପଟେ ଆଉ ୧୦୧୯ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୦୨,୭୯୬ ଛୁଇଁଛି।

# ବିଏସ୍‌ଏଫ୍ ଆଇଜିଙ୍କ ମାଲକାନଗିରି ଜିଲା ଗସ୍ତ

**ମାଓବାଦୀ ଦମନ ସମୀକ୍ଷା**

**ମାଲକାନଗିରି,୧୯।୧୧ (ଡି.ଏନ୍.ଏ.)** ମାଲକାନଗିରି ଜିଲାରେ ମାଓବାଦୀଙ୍କ ଦମନ ନେଇ ବିଏସ୍‌ଏଫ୍ ଆଇଜି ମଧୁସୂଦନ ଶର୍ମା ଦୁର୍ଗମ ଅଞ୍ଚଳ ମାଥିଲି ବ୍ଲକର ଟେମ୍ପୁରୁପାଲି, କର୍ତ୍ତନପାଲି, ମହୁପଦର ଅଞ୍ଚଳ ଗସ୍ତ କରିଛନ୍ତି। ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବୁଧବାର ଉକ୍ତ ଅଞ୍ଚଳରେ ପହଞ୍ଚି ଟେମ୍ପୁରୁପାଲିରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ବିଏସଏଫ କ୍ୟାମ୍ପ ଗସ୍ତ କରିଥିଲେ। ଏହି ସବୁ ଅଞ୍ଚଳ ଛତିଶଗଡ ସୀମାନ୍ତରେ ଥିବାରୁ ଦର୍ଭା ମାଓବାଦୀ ଡିଭିଜନ ପକ୍ଷରୁ ଏଠାରେ ହିଂସାକାଣ୍ଡ ଘଟାଇ ପ୍ରଜାକୋର୍ଟ କରି ଲୋକଙ୍କୁ ଟାର୍ଗେଟ କରୁଥିଲେ। ଏହି ଅଞ୍ଚଳର ବିକାଶ ସହ କିଭଳି ମାଓବାଦୀ ଦମନ ହୋଇପାରିବ ସେନେଇ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତି ଲାଗି ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ।






ମନୁଷ୍ୟମାନେ ଭଗବାନଙ୍କଠାରୁ ଦୂରେଇ ଯାଇପାରନ୍ତି ଏବଂ ସେମାନେ ପ୍ରାୟ ସବୁବେଳେ ଇ ଦୂରେଇ ଯାନ୍ତି। କିନ୍ତୁ ପରମକାରୁଣିକ ଭଗବାନଙ୍କ ପକ୍ଷରେ ମନୁଷ୍ୟଠାରୁ ଦୂରେଇ ଯିବା ଅସମ୍ଭବ ବ୍ୟାପାର। -ଶ୍ରୀମା



# ସଂଗ୍ରହ ସହଜ କର

ରାଜ୍ୟରେ ଧାନ କିଣା ବା ସଂଗ୍ରହ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କୃଷି-ବ୍ୟବସାୟିକ କାର୍ଯ୍ୟ। ଧାନ ସଂଗ୍ରହ ପ୍ରକ୍ରିୟା ଦୁଇ ପର୍ଯ୍ୟାୟରେ ୫ ମାସ ଧରି ଚାଲେ। ଏହା ମଧ୍ୟରେ ପାଖାପାଖି ଦୁଇ ମାସ ବ୍ୟବଧାନ ରହେ। ଏହା ମଧ୍ୟ ରାଜ୍ୟର ସାମଗ୍ରିକ ଅର୍ଥବ୍ୟବସ୍ଥାରେ ଏକ ପ୍ରମୁଖ ଭୂମିକା ନେଇଥାଏ। ଚଳିତ ବର୍ଷ ସରକାର ୭୧ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। ଏହା ଗତ ବର୍ଷର ଧାନ ସଂଗ୍ରହ ପରିମାଣ ଠାରୁ ୫୦,୦୦୦ ମେଟ୍ରିକ ଟନ୍ ଅଧିକ। ୨୦୦୪ରେ ଡିସେଣ୍ଟ୍ରାଲାଇଜଡ ପ୍ରୋକ୍ୟୁରମେଣ୍ଟ (ଡିସିପି)ରାଜ୍ୟ ଭାବେ ଓଡ଼ିଶାକୁ ଘୋଷଣା କରାଯିବା ପରେ ସେବେଠାରୁ ପ୍ରତିବର୍ଷ ଧାନ ସଂଗ୍ରହ ଲଗାତର ଭାବେ ବଢ଼ିଚାଲିଛି। ଧାନ ସଂଗ୍ରହ ପାଇଁ ରାଜ୍ୟ ଯୋଗାଣ ନିଗମ( ଓଏସ୍‌ସିଏସ୍‌ସି) ଏଠାରେ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରୁଛି। ୨୦୦୪-୦୫ରେ ସଂଗ୍ରହ କରାଯାଇଥିବା ୫-୬ ଲକ୍ଷ ମେଟ୍ରିକ ଟନ୍ ଧାନରୁ ଏବେ ଏହା ଆସି ପହଞ୍ଚିଛି ୭୦ ଲକ୍ଷ ମେଟ୍ରିକ ଟନ୍‌ରେ, ଯେଉଁଥିରୁ ପ୍ରତିବର୍ଷ ଆନୁମାନିକ ୪୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ମିଳୁଛି। ଧାନ ସଂଗ୍ରହ ପରିମାଣ ବୃଦ୍ଧିରୁ ଜଣାପଡୁଛି ଯେ, ରାଜ୍ୟରେ ଧାନ ଉତ୍ପାଦନ ସହ କଞ୍ଜ୍ୟୁମେବଲ ସର୍ପଲସ ବି ବଢୁଛି। ଏଥିରୁ ସୂଚନା ମିଳୁଛି ଯେ, ଅନ୍ୟ ଶସ୍ୟଗୁଡ଼ିକ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ନ ଥିବାରୁ ଚାଷୀମାନେ ସେମାନଙ୍କ ପାଖରେ ଥିବା ଜମିର ସିଂହଭାଗରେ ଧାନ ଚାଷ କରୁଛନ୍ତି। କିନ୍ତୁ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟାରେ ଅନେକ ଚାଷୀ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରଥମେ ସରକାର ଧାନ ସଂଗ୍ରହ ପରିମାଣ ବଢ଼ାଇବାକୁ ଚାହୁଁନାହାନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟରେ ପ୍ରତିବର୍ଷ ଚାଷୀଙ୍କଠାରୁ ଧାନ କିଣିବାରେ ସରକାର ୧୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହା ସହ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯାହା ଅଖା କିଣା ଓ ପ୍ରଶାସନିକ ବାବଦରେ କରାଯାଉଛି। ଏମଏସ୍‌ପି ବାବାଦରେ ସମସ୍ତ ଆର୍ଥିକ ବୋଝ କେନ୍ଦ୍ର ସରକାର ବହନ କରିବାକୁ ଥିବାବେଳେ ରାଜ୍ୟ ଯୋଗାଣ ନିଗମ ଧାନ କିଣିବା ଲାଗି ଆଗୁଆ ବ୍ୟାଙ୍କରୁ ପାଣ୍ଠି ଋଣରେ ଆଣୁଛି। ଚଳିତ ବର୍ଷ କେନ୍ଦ୍ର ଓଏସ୍‌ସିଏସ୍‌ସିକୁ ପାଣ୍ଠି ଯୋଗାଇ ଦେବାରେ ବିଳମ୍ବ କରିଛି। ଫଳରେ ଏହାକୁ ପୂର୍ବପରି ଅଧିକ ସୁଧରେ ଅଧିକ ଋଣ କରିବାକୁ ପଡିଛି। ଧାନ ସଂଗ୍ରହ ବଢାଇବାରେ ଓଏସ୍‌ସିଏସ୍‌ସି ଅଧିକ ଆଗ୍ରହ ପ୍ରକାଶ ନ କରିବାର ଏହା ଏକ ପ୍ରମୁଖ କାରଣ।

## ଆଜିର ଅର୍ଥନୀତି

ଓଡ଼ିଶାରେ ତିନି ଚତୁର୍ଥାଂଶ ଲୋକ କୃଷି ଉପରେ ନିର୍ଭର କରନ୍ତି। ଧାନ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଥିବାରୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଧାନ ଚାଷ କରିଥାନ୍ତି। କିନ୍ତୁ ଏମିତି କୌଣସି ଗୋଟିଏ ବର୍ଷ ନାହିଁ ଯେଉଁଠି ଏମଏସ୍‌ପି ସମସ୍ୟା ମୁକ୍ତ ରହିଛି। ପୂର୍ବ ଭଳି ଏ ବର୍ଷ ମଧ୍ୟ ପଶ୍ଚିମ ଓଡ଼ିଶାର ଚାଷୀମାନେ ଟୋକନ ସିଷ୍ଟମକୁ ବିରୋଧ କରିଛନ୍ତି। ଏହି ସିଷ୍ଟମର ନିୟମାନୁସାରେ ଯେଉଁମାନେ ଏମଏସ୍‌ପି ପାଇବାକୁ ଚାହୁଁଛନ୍ତି ସେମାନଙ୍କୁ ଧାନ ବିକ୍ରି କରିବାର ୧୫ ଦିନ ପୂର୍ବରୁ ଟୋକନ ନେବାକୁ ପଡିବ । କେଉଁଦିନ କେତେ କ୍ୱିଣ୍ଟାଲ ଧାନ ବିକିବ ତାହା ଟୋକନରେ ଉଲ୍ଲେଖ ରହିବ ଓ ତାହା କୃଷକଙ୍କ ମୋବାଇଲକୁ ପଠାଯିବ। ହିତାଧିକାରୀମାନେ ଯେଉଁଠି ରହିଥାଆନ୍ତୁ କାହିଁକି ସେମାନଙ୍କୁ ଭୁବନେଶ୍ୱରରୁ କାର୍ଯ୍ୟ କରୁଥିବା ସେଣ୍ଟ୍ରାଲାଇଜଡ୍ ସିଷ୍ଟମ ବା କେନ୍ଦ୍ରୀକୃତ ପଦ୍ଧତି ସହ ପଞ୍ଜୀକରଣ କରିବାକୁ ହେବ। କିନ୍ତୁ ଏହି ସିଷ୍ଟମର କାର୍ଯ୍ୟ ବିପରୀତ ହେବା ପ୍ରମାଣିତ ହୋଇଛି। ଚାଷୀମାନେ ସେମାନଙ୍କ ଧାନକୁ ଗଚ୍ଛିତ କରିବାକୁ ବାଧ୍ୟ ହେଉଛନ୍ତି ଓ ଟୋକନ ଲାଗି ଅପେକ୍ଷା କରୁଛନ୍ତି। ଅଧିକ ଦିନ ଅପେକ୍ଷା କରିବା ଦ୍ୱାରା ଧାନ ଶୁଖିଯାଉଛି ଓ ତା'ର ଓଜନ ବି କମୁଛି। କେବେ ଟୋକନ ପାଇବେ ସେମାନେ ତାହା ମଧ୍ୟ ଜାଣିପାରୁନାହାନ୍ତି। କହିବାକୁ ଗଲେ ସିଷ୍ଟମ ଠିକ୍ ଭାବେ କାମ କରୁନାହିଁ। ଯେଉଁମାନେ ଧାନ ଅମଳ କରିନାହାନ୍ତି ସେମାନଙ୍କୁ ଟୋକନ ଦିଆଯାଉଥିବାବେଳେ ଅମଳ କରି ଅପେକ୍ଷାରେ ରହିଥିବା ଚାଷୀମାନଙ୍କୁ ତାହା ଦିଆଯାଉନାହିଁ। ଏଣୁ ସରକାର ଏହି ଟୋକନ ସିଷ୍ଟମର ସମୀକ୍ଷା କରିବା ଉଚିତ। ଗତ ସପ୍ତାହରେ ବରଗଡ ଓ କଳାହାଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହୋଇଥିବାବେଳେ ସେଠାରେ ଚାଷୀମାନେ ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ଧାନ ସଂଗ୍ରହରେ ବିଳମ୍ବ ହେଉଥିବାରୁ ଏହି ପ୍ରତିବାଦ ଆହୁରି ତୀବ୍ର ହୋଇପାରେ। ଏହି ସିଷ୍ଟମରେ ମଧ୍ୟସ୍ଥମାନେ ନକଲି ଚାଷୀଙ୍କ ନାମ ଉଲ୍ଲେଖ କରି ଟୋକନ ନେଇଯାଉଛନ୍ତି। ଜୟପୁରରେ କେତେକ ବୋକା ଚାଷୀମାନେ ଏମଏସ୍‌ପିର ଲାଭ ପାଇବାକୁ ମଧ୍ୟସ୍ଥଙ୍କ ଜରିଆରେ ନାମ ପଞ୍ଜୀକରଣ କରିଛନ୍ତି।

ଟୋକନ ସିଷ୍ଟମରେ ସ୍ୱାଭାବିକ ଭାବେ ତ୍ରୁଟି ରହିଥିବାରୁ ତୁରନ୍ତ ଏହା ଉପରେ ସମୀକ୍ଷା କରିଯିବା ଉଚିତ। ବରଗଡ଼ର ଏକ ଗାଁରେ ଜଣେ ଚାଷୀ କେତେବେଳେ ଧାନ ଅମଳ କରିବ ଓ ବିକିବ ତାହା ଭୁବନେଶ୍ୱରରେ ବସିଥିବା ବାବୁମାନେ ଜାଣିବା କଷ୍ଟକର । ପୁନଶ୍ଚ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଧାନର ସାଇଜ ବା ଆକାର ଓ ଅମଳର ପରିମାଣ ଭିନ୍ନ ରହିଥାଏ। ଏଣୁ ଗୋଟିଏ ସାଇଜ ଧାନର ନୀତି ସବୁ ପାଇଁ ଲାଗୁ କରାଯିବା ଯୁକ୍ତି ସଙ୍ଗତ ହୋଇ ନ ପାରେ। ଏକ୍ଷେତ୍ରରେ ନିର୍ଣ୍ଣୟ ନେଉଥିବା ଉଚ୍ଚପଦାଧିକାରୀ ସ୍ଥାନୀୟ ଅଧିକାରୀମାନଙ୍କ ସହ ଆଲୋଚନା କଲେ ବିକ୍ରି ଓ ସଞ୍ଚାଳନ ବ୍ୟବସ୍ଥାକୁ ଆହୁରି ଉନ୍ନତ କରାଯାଇପାରିବ। କିନ୍ତୁ ସେଣ୍ଟ୍ରାଲାଇଜଡ୍ ସିଷ୍ଟମ ଏହାକୁ ଅଧିକ ମାନ୍ଦା କରିଦେଇଛି। ଟୋକନ ପାଇବା ଲାଗି ଦିନରାତି ଶୀତରେ ମାର୍କେଟ ଅଗଣାରେ ଧାନ ଠୁଳ କରି ତାହାକୁ ଜଗିବାକୁ ଚାଷୀମାନେ ବାଧ୍ୟ ହୋଇଛନ୍ତି। ଛତିଶଗଡ଼ରେ ଏମଏସପି ଅଧିକ (କ୍ୱିଣ୍ଟାଲ ପ୍ରତି ୨୫୦୦ଟଙ୍କା) ଥିବାରୁ ତା'ଲୋଭରେ ପଶ୍ଚିମଓଡ଼ିଶାରୁ ଧାନ କିଣିବା ଲାଗି ବ୍ୟବସାୟୀମାନେ ଭିଡ ଜମାଉଥିବା ଲକ୍ଷ୍ୟ କରାଯାଉଛି। ଓଡ଼ିଶାରୁ କମ୍ ମୂଲ୍ୟରେ ଧାନ କିଣି ସେଠାରେ ବିକି ଲାଭ ପାଇବା ପାଇଁ ସେମାନେ ଆକର୍ଷିକ ହେଉଛନ୍ତି। ଟୋକନ ସିଷ୍ଟମ ଚାଷୀମାନଙ୍କୁ ଅଭାବୀ ବିକ୍ରି କରିବାକୁ ବାଧ୍ୟ କରୁଛି। ଏଣୁ ଏହି ସିଷ୍ଟମ ଉପରେ ସରକାର ଏବେ ସମୀକ୍ଷା କରନ୍ତୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | | | E | | D | | | | 6 | | | | | 7 |
| | | | | 5 | | 2 | 6 | | | | 3 | | 4 | C |
| | 6 | 2 | | | 0 | D | 7 | | | 9 | 4 | 5 | | |
| | | B | | | | | 4 | 3 | | | | | | |
| 5 | | | | 8 | 6 | | | | | | | B | | |
| | 0 | 6 | 8 | 7 | | | | E | | B | | | | |
| | | | | | E | | | | | 4 | | C | 3 | 1 |
| | | | A | 2 | 1 | 8 | D | | | | | | | |
| 8 | | 3 | C | | | | 1 | | | | | | B | |
| C | | E | | | | | | 4 | D | | | 2 | | A |
| 3 | 5 | | | 1 | B | | 2 | | 7 | | | E | | |
| | 4 | D | | | | 1 | | | | | 9 | | | 5 |
| | | 7 | 2 | | | | E | | | 5 | | | 0 | 8 |
| | | 9 | | 0 | | C | | 6 | | 8 | | 4 | | 3 |
| | | 0 | 4 | 9 | 8 | | 5 | | A | E | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | 0 | D | 1 | E | 5 | 4 | 3 | 8 | 7 | 6 | 2 | C | 9 |
| 8 | 7 | 1 | C | 5 | 2 | D | A | B | 4 | E | 9 | 3 | 0 | 6 |
| 9 | 5 | 6 | 8 | 0 | 3 | C | 7 | 2 | 1 | A | B | D | 4 | E |
| C | 4 | 2 | A | 6 | 9 | E | 0 | 1 | 5 | D | 3 | 7 | 8 | B |
| D | 3 | E | 7 | 4 | B | 8 | 6 | 9 | 2 | C | 0 | A | 5 | 1 |
| 7 | E | 3 | 6 | 8 | 0 | 1 | C | D | 9 | 5 | 2 | 4 | B | A |
| 0 | 8 | D | B | 9 | 4 | A | 3 | 6 | 7 | 1 | C | E | 2 | 5 |
| 2 | B | 4 | 1 | 3 | D | 9 | 5 | 8 | E | 0 | A | 6 | 7 | C |
| 5 | 9 | A | 2 | E | C | 4 | B | 7 | 6 | 3 | D | 0 | 1 | 8 |
| 1 | 6 | C | 5 | A | 7 | 0 | 2 | E | B | 8 | 4 | 9 | 3 | D |
| 4 | 2 | 9 | E | C | A | 7 | D | 5 | 3 | B | 1 | 8 | 6 | 0 |
| 3 | 1 | 8 | 9 | D | 6 | 2 | E | 0 | C | 4 | 5 | B | A | 7 |
| E | 0 | B | 3 | 7 | 5 | 6 | 9 | C | A | 2 | 8 | 1 | D | 4 |
| 6 | D | 5 | 4 | B | 8 | 3 | 1 | A | 0 | 9 | 7 | C | E | 2 |
| A | C | 7 | 0 | 2 | 1 | B | 8 | 4 | D | 6 | E | 5 | 9 | 3 |

ଗତକାଲିର ଉତ୍ତର

# ଓଡ଼ିଶା ଓ ତାରକସୀ ଶିଳ୍ପ



ରମେଶ ଚନ୍ଦ୍ର ସାହୁ

ଭାରତ ଭଳି ଗୋଟିଏ ଅର୍ଥନୈତିକ ବିକାଶଶୀଳ ରାଷ୍ଟ୍ରରେ ହାରାହାରି ପ୍ରାୟ ୮୦ପ୍ରତିଶତ ଲୋକ ସାଧାରଣ ସୁଖ ସୁବିଧାରୁ ବଞ୍ଚିତ ହୋଇ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରନ୍ତି। ଓଡ଼ିଶାରେ ଏ ଅବସ୍ଥା ଆହୁରି ଦୟନୀୟ। ଏଠାରେ ମୁଣ୍ଡପିଛା ବ୍ୟୟର ହାର ଜାତୀୟ ହାରଠାରୁ ବହୁ ନିମ୍ନରେ। କେରଳ ଭଳି ଗୋଟିଏ ରାଜ୍ୟରେ ଦୈନିକ ମଜୁରିର ପରିମାଣ ୪୮୧ ଟଙ୍କା ଥିବାବେଳେ ଓଡ଼ିଶାରେ ଏହା ହେଉଛି ମାତ୍ର ୨୨୫ ଟଙ୍କା। ତେଣୁ ଦୈନିକ ମୁଣ୍ଡପିଛା ବ୍ୟୟ କମ୍ ହେବା ସ୍ୱାଭାବିକ। ଓଡ଼ିଶାରେ ଏ ଶ୍ରେଣୀୟ ଲୋକଙ୍କ ପାଇଁ ଉପାର୍ଜନର ସୁଯୋଗ ଢେର୍ କମ୍। ଏଥିରୁ ରକ୍ଷାପାଇବା ପାଇଁ ଯେଉଁଠାରେ କୃଷିକାର୍ଯ୍ୟର ସୁଯୋଗ ଓ ସମ୍ଭାବନା ଊଣା ସେଠାରେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଓ କୁଟୀରଶିଳ୍ପ ଅନୁଷ୍ଠାନମାନ ସ୍ଥାପନ କରାଗଲେ ନିଯୁକ୍ତିର ସୁଯୋଗ ବ୍ୟାପକ ହୋଇପାରନ୍ତା। ଏ କ୍ଷେତ୍ରରେ ତାରକସୀ ଶିଳ୍ପର ଉପଯୋଗିତା ଢେର୍ ଅଧିକ। ଏଇ ଶିଳ୍ପଟି ଏବେ ଦୁର୍ବଳ ହୋଇ ଆସୁଥିବାବେଳେ ଏହାକୁ ଜୀବନ୍ୟାସ ଦେଇ ଏହାର ବ୍ୟାପକ ପ୍ରଚାର ଓ ପ୍ରସାର କରାଗଲେ ଏ କ୍ଷେତ୍ରରେ କାମ କରୁଥିବା ହଜାର ହଜାର ଶିଳ୍ପୀ କେବଳ ଉପକୃତ ହେବେ ନାହିଁ, ବରଂ ସେମାନଙ୍କ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖଯୋଗ୍ୟ ଉନ୍ନତି ଘଟିବ।

କେବଳ କଟକ ସହରକୁ ଏକ ନମୁନା ସ୍ୱରୂପ ଗ୍ରହଣ କରାଯାଇପାରେ। କଟକ ସହର ଏବଂ ଏହାର ଆଖପାଖରେ ପ୍ରାୟ ପାଞ୍ଚହଜାର କାରିଗର ଏଇ କ୍ଷେତ୍ରରେ ନିଯୁକ୍ତ ଅଛନ୍ତି, ସେମାନେ ବର୍ଷସାରା କାର୍ଯ୍ୟ ପାଆନ୍ତି ନାହିଁ। ବିବାହ ଋତୁ ଏବଂ ଦଶହରାରେ ମେଢ଼ସଜା ବ୍ୟତୀତ ଅନ୍ୟ ପ୍ରାୟ ସାତମାସ ସେମାନେ ବେକାର ରହନ୍ତି। ବର୍ଷସାରା ସେମାନଙ୍କୁ କିପରି କାମ ଯୋଗାଇ ଦେଇହେବ, ସେ ସମ୍ପର୍କରେ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରାଯିବା ଆବଶ୍ୟକ। ୨୦୦୮ରେ ଏ ସମ୍ପର୍କିତ ଗୋଟିଏ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ କଟକ ସହରକୁ ରୌପ୍ୟ ତାରକସୀ ଶିଳ୍ପର ଗୋଟିଏ କେନ୍ଦ୍ର ଭାବରେ ଗଠନ କରିବାକୁ କୁହାଯାଇଥିଲା। ପ୍ରସ୍ତାବଟି କାର୍ଯ୍ୟକାରୀ ହେଲେ ଏଥିପାଇଁ ଅନ୍ୟୁନ ତିନି ଏକର ଜମି ଆବଶ୍ୟକ ହେବ। ଏହି ଜମି ଉପରେ ଆବଶ୍ୟକୀୟ କୋଠାବାଡ଼ି ନିର୍ମାଣ କରାଯିବ। ଏଥିରେ କେତେଗୁଡ଼ିଏ ବିଭାଗ ରହିବ। ଯଥା- ନକ୍ସା ଅଙ୍କନ, ଦକ୍ଷତା ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ, ପ୍ରସ୍ତୁତ ଦ୍ରବ୍ୟର 'ମାନ' ନିର୍ଦ୍ଧାରଣ ନିମନ୍ତେ ଲାବରେଟୋରି ବା ପରୀକ୍ଷାଗାର ସ୍ଥାପନ, ଆବଶ୍ୟକୀୟ କଞ୍ଚାମାଲ ସଂରକ୍ଷଣ ଓ ତିଆରି ସାମଗ୍ରୀର ପ୍ରଦର୍ଶନୀ ଗୃହ ତଥା ବିକ୍ରୟ କେନ୍ଦ୍ର। ହିସାବ କରାଯାଇଥିଲା ଯେ ଜମି ଅଧିଗ୍ରହଣ ଓ କୋଠାବାଡ଼ି ନିର୍ମାଣ ବ୍ୟତୀତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ନିମନ୍ତେ ୧୬୩.୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଇଟି କାର୍ଯ୍ୟକାରୀ ହୋଇଥିଲେ କେବଳ ୫ ହଜାର କାରିଗର ପରିବାର ଉପକୃତ ହୋଇ ନ ଥାନ୍ତେ, ବରଂ ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ଏହା ସହାୟକ ହୋଇଥାଆନ୍ତା। କଟକ ଯେ ଗୋଟିଏ ସିଲ୍‌ଭର ସିଟି ବା ରୌପ୍ୟ ନଗରୀ ଏଇ ନାମକରଣ ସାର୍ଥକ ହୋଇଥାଆନ୍ତା।

ଉତ୍କଳ ଗୌରବ ମଧୁସୂଦନ ଦାସ କଟକରେ ଗୋଟିଏ ତାରକସୀ ଶିଳ୍ପକେନ୍ଦ୍ର ସ୍ଥାପନ କରିଥିଲେ। ସେଥିରେ ସେ ଶତାଧିକ କାରିଗରଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ପରିବାରକୁ ରୋଜଗାରକ୍ଷମ କରିପାରିଥିଲେ। ସେତେବେଳେ ଯଥେଷ୍ଟ ପରିମାଣରେ ତାରକସୀ କାମ ପ୍ରସ୍ତୁତ କରାଯାଉଥିଲା ଏବଂ ସେଗୁଡ଼ିକ ଦେଶ ବିଦେଶରେ ଢେର୍ ଆଦୃତି ଲାଭ କରିଥିଲା। ଓଡ଼ିଶାର ଜନଜାତିର ମହିଳାମାନଙ୍କ ନିକଟରେ ରୁପାର ତାରକସୀ କାମର ଯେତିକି ଆଦର ବିଦେଶରେ ମଧ୍ୟ ତା'ର ଆଦର ସେଇ ଅନୁସାରେ କମ୍ ନୁହେଁ। ଏଠାରେ ଉତ୍ପାଦିତ ଅଳଙ୍କାରଗୁଡ଼ିକ ମଧ୍ୟରେ ସ୍ତ୍ରୀଲୋକମାନଙ୍କର ପାଉଁଜି, ଚୁଡ଼ି, ବଟଫଳ, ହାର, ପିଜୁଳି ଫୁଲ ଓ ଗୋଲାପ ଫୁଲ ଆକୃତିର କାନଫୁଲ, ପଦକ ଓ ବାଲା ଇତ୍ୟାଦି ପ୍ରଧାନ। ଏଗୁଡ଼ିକ ପ୍ରଚୁର ପରିମାଣରେ ସେତେବେଳେ ବିକ୍ରି ହେଉଥିଲା। ଏତଦ୍‌ବ୍ୟତୀତ ପୁରୀର ଶ୍ରୀମନ୍ଦିର, ବିଶ୍ୱବିଖ୍ୟାତ ତାଜମହଲ, କୁତବ୍‌ମିନାର, ସାଞ୍ଚି ସ୍ତୂପ, କୋଣାର୍କର ସୂର୍ଯ୍ୟମନ୍ଦିର ପ୍ରଭୃତିର ପ୍ରତିକୃତିଗୁଡ଼ିକ ଖୁବ୍ ଆଦରଣୀୟ ଥିଲା। ଏବେ ମଧ୍ୟ ଏଗୁଡ଼ିକର ଆଦର ହ୍ରାସ ପାଇନାହିଁ। ଏତଦ୍‌ବ୍ୟତୀତ ଖେଳନା ଆକୃତିର ପାଣି ଜାହାଜ, ଉଡ଼ାଜାହାଜ, ରଥୋପବିଷ୍ଟ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କର ପ୍ରତିକୃତି, 'ଆଇଫେଲ୍ ଟାୱାର', ମୋନାଲିସା ଇତ୍ୟାଦିର ପ୍ରତିକୃତି ଦକ୍ଷ କାରିଗରମାନଙ୍କ ହାତରେ ବେଶ୍ ଜୀବନ୍ତ ହୋଇଥାଏ। ଅନ୍ତର୍ଜାତୀୟ ବଜାରରେ ସୌଖୀନ ଲୋକମାନଙ୍କ ନିକଟରେ ଏହାର ଢେର୍ ଚାହିଦା ଅଛି। ମଧୁସୂଦନ ଦାସ ତାଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକ ନିମନ୍ତେ ବିଦେଶରେ ପ୍ରଶସ୍ତ ବଜାର ସୃଷ୍ଟି କରିଥିଲେ। ମାତ୍ର ଦୁଃଖର କଥା ସଂପ୍ରତି ଏଭଳି ସୁବିଧା ସୁଯୋଗର ଅଭାବରୁ ଶିଳ୍ପୀ ପରିବାର ଦୁଃଖ ଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି।

ସରକାର ଏ କ୍ଷେତ୍ରରେ ଆନ୍ତରିକତା ପ୍ରଦର୍ଶନ କରି ଏଇ ଶିଳ୍ପର ପୃଷ୍ଠପୋଷକତା କଲେ ଏହାର ଯଥେଷ୍ଟ ଉନ୍ନତି ହୋଇପାରନ୍ତା। ପୁରୀ, ଭୁବନେଶ୍ୱର ଭଳି ପର୍ଯ୍ୟଟନସ୍ଥଳୀରେ ଏହାର ବିଜ୍ଞାପନ ଫଳକ ଲଗାଗଲେ ଆଗ୍ରହୀ କ୍ରେତାମାନେ ଏ ଦିଗରେ ଆକର୍ଷିତ ହୁଅନ୍ତେ। ରାଜ୍ୟର ବିଭିନ୍ନ ସହର ବା ନଗରଗୁଡ଼ିକରେ ଥିବା ହସ୍ତଶିଳ୍ପ ବିକ୍ରୟ କେନ୍ଦ୍ରରେ ତାରକସୀ ସାମଗ୍ରୀଗୁଡ଼ିକ ବିକ୍ରି ପାଇଁ ଗଚ୍ଛିତ ରଖାଗଲେ ବିକ୍ରିବଟା ସୁଗମ ହୁଅନ୍ତା।

ବିକ୍ରିବଟାରେ ଆଉ ଗୋଟିଏ ଉତ୍ତମ ମାଧ୍ୟମ ହେଉଛି ଆଜିକାଲିର 'ସୋସିଆଲ ଇଲେକ୍‌ଟ୍ରୋନିକ୍ ମିଡିଆ' ଏବଂ ଇଣ୍ଟରନେଟ୍। ଏହା ମାଧ୍ୟମରେ ଉତ୍ପନ୍ନ ସାମଗ୍ରୀଗୁଡ଼ିକର ଚିତ୍ରିତ କ୍ୟାଟ୍‌ଲଗ୍ ଓ ମୂଲ୍ୟସୂଚୀ ପୃଥିବୀର ଯେ କୌଣସି ଆଗ୍ରହୀ ବ୍ୟକ୍ତିଙ୍କ ନିକଟକୁ ପଠାଇହେବ। ପୃଥିବୀର ବିଭିନ୍ନ ସଂସ୍ଥା ଯଥା- ଆମାଜନ, ୱାଲମାର୍ଟ, ଫ୍ଲିପ୍‌କାର୍ଟ, ମାଇନ୍ତ୍ରା, ଲାଇମ ରୋଡ, ସ୍ନାପ୍‌ଡିଲ୍ ଏବଂ ଓ.ଏଲ୍.ଏକ୍ସ. ପ୍ରଭୃତିଙ୍କ ମାଧ୍ୟମରେ ବ୍ୟାପକ ପ୍ରଚାର କରାଯାଇ ପାରିବ। ଏ କ୍ଷେତ୍ରରେ ସରକାରଙ୍କ ସାହାଯ୍ୟ ଓ ସହଯୋଗ ଏକାନ୍ତ ଜରୁରୀ। ଆଉ ଗୋଟିଏ କଥା, ପ୍ରତ୍ୟେକ କାରିଗର, ଉଦ୍ୟୋଗୀ ତଥା ବିତରକଙ୍କ ନାମ ଓ ମୋବାଇଲ ନମ୍ବର ସହ ଠିକଣା ରାଜ୍ୟର ହସ୍ତଶିଳ୍ପ ଓ କୁଟୀରଶିଳ୍ପ ବିଭାଗର ଅଫିସରଙ୍କ ଦ୍ୱାରା ପଦାର୍ଥଗୁଡ଼ିକର ଚିତ୍ର ଓ ମୂଲ୍ୟଥିବା ତାଲିକା ପ୍ରସ୍ତୁତ କରାଯାଇ ବିଭାଗୀୟ ୱେବ୍‌ସାଇଟ୍‌ରେ ରଖାଯିବା ଉଚିତ। ଏହାଦ୍ୱାରା କ୍ରୟ ଅର୍ଡର ସିଧାସଳଖ ସେଇ କାରିଗର, ଉଦ୍ୟୋଗୀ ଓ ବିତରକଙ୍କ ନିକଟରେ ପହଞ୍ଚିପାରିବ ଏବଂ ତତ୍‌ସହିତ ଜିନିଷର ବିକ୍ରୟ ମୂଲ୍ୟ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ସିଧାସଳଖ ଜମା ହୋଇପାରିବ। ଏ ବ୍ୟବସ୍ଥା ଅନୁସାରେ ସରକାରଙ୍କ ଉପରେ କୌଣସି ଆର୍ଥିକ ବୋଝ ପଡ଼ିବ ନାହିଁ।

ଗତ ୫ ବର୍ଷ ମଧ୍ୟରେ ଭାରତ ସରକାର ଦେଶର ଯୁବପିଢ଼ିଙ୍କ ନିମନ୍ତେ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଶ୍ରମ ସୁବିଧା ପୋର୍ଟାଲ', 'ଷ୍ଟାର୍ଟ ଅପ୍ ଇଣ୍ଡିଆ', 'ମେକ୍ ଇନ୍ ଇଣ୍ଡିଆ' ଓ 'ସ୍କିଲ୍ ଇଣ୍ଡିଆ' ଭଳି କେତେକ ଯୋଜନା ପ୍ରଣୟନ କରିଛନ୍ତି। ଉଦ୍ଦେଶ୍ୟ ହେଉଛି ଏହାଦ୍ୱାରା କାରିଗର ଓ ଉଦ୍ୟୋଗୀ ଉଭୟେ ଉପକୃତ ହେବେ। କୋଭିଡ୍-୧୯ ଭଳି ମହାମାରୀ ସଙ୍କଟ କାଳରେ କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସେମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଏଇ ପରିପ୍ରେକ୍ଷୀରେ ସରକାର କେତେଗୁଡ଼ିଏ ଯୋଜନା ପ୍ରଣୟନ କରିଛନ୍ତି। Export Credit Linked Guarantee Scheme (ECLGS) ଯୋଜନା ମାଧ୍ୟମରେ ସରକାର ତିନିଲକ୍ଷ କୋଟି ଟଙ୍କାର ଏକ ପାଣ୍ଠି ସୃଷ୍ଟି କରିଛନ୍ତି। ଏଇ ପାଣ୍ଠିରୁ ଜରୁରିକାଳୀନ ଭିତ୍ତିରେ ସରକାର ଶତପ୍ରତିଶତ ଋଣ ବିନା ସମ୍ପତ୍ତି ବନ୍ଧକରେ ଯୋଗାଇ ଦେବେ। ଏହା 'ଆତ୍ମନିର୍ଭର ଭାରତ' ଯୋଜନାର ଏକ ଅଂଶବିଶେଷ। ଆହୁରି ମଧ୍ୟ ଏହି ଯୋଜନା ଅନୁଯାୟୀ ତାରକସୀ ଶିଳ୍ପ ନିମିତ୍ତ ଆବଶ୍ୟକ ହେଉଥିବା କଞ୍ଚାମାଲ 'ରୁପା'ର ମୂଲ୍ୟ ଅଧିକ ହୋଇଥିବାରୁ କାରିଗର ତଥା ଉଦ୍ୟୋଗୀମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯିବା ଉଚିତ। ସରକାରଙ୍କ ଅନୁମୋଦନ କ୍ରମେ କମର୍ସିଆଲ ବ୍ୟାଙ୍କ୍‌ଗୁଡ଼ିକ କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ଋଣ ପ୍ରଦାନ କରିପାରିବେ।

ସାଧାରଣତଃ ଦେଖାଯାଇଥାଏ ଯେ, ବେଳେବେଳେ ଯୋଜନା ଓ ତା'ର କାର୍ଯ୍ୟକାରିତା ମଧ୍ୟରେ ଆକାଶ ପାତାଳ ତଫାତ୍ ରହିଯାଇଥାଏ। ତେଣୁ ଏଇ ଯୋଜନାକୁ ସରକାର ଗୁରୁତ୍ୱର ସହିତ ନେଇ ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ବିକ୍ରିବଟା ଦିଗରେ ଯଥେଷ୍ଟ ଧ୍ୟାନ ଦେବା ଉଚିତ। ତତ୍‌ସହିତ ଏଇ ଶିଳ୍ପର ପ୍ରଚାର ପ୍ରସାର କିଭଳି ଦେଶ ଭିତରେ ଓ ବାହାରେ ହୋଇପାରିବ, ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ।

ପୂର୍ବତନ ନିର୍ଦ୍ଦେଶକ
ହସ୍ତଶିଳ୍ପ ଓ କୁଟୀରଶିଳ୍ପ, ଓଡ଼ିଶା
ମୋ-୯୦୯୦୯୬୧୪୫୯
rameshsahu1945@gmail.com

# କୂଅର ଜଳ



ଅଞ୍ଜନ ଚାନ୍ଦ

ଅନେକ ଦିନ ତଳର କଥା। ଥରେ ଜଣେ ବଣିକ ତୀର୍ଥ ଯାତ୍ରାରେ ବାହାରିଲେ। ଯିବା ଆଗରୁ ସେ ବାଡ଼ିରେ ଦୁଇଟି କୂଅ ଖୋଳାଇଲେ। ନିଜ ଦୁଇ ପୁଅଙ୍କୁ ପାଖକୁ ଡାକି କୂଅ ଦୁଇଟିକୁ ବାଣ୍ଟି ଦେଲେ। କହିଲେ, ମୁଁ ଆସିବାଯାଏ ଏହାର ଦାୟିତ୍ୱ ନେବ। ପାଣି ଯେମିତି ସୁରକ୍ଷିତ ରହେ ସେଥିପାଇଁ ଯତ୍ନ କରିବ।

ବଣିକ ତୀର୍ଥ କରିବାକୁ ଚାଲିଗଲେ। ବଡ଼ ପୁଅ ଲୁହାର ଢାଙ୍କୁଣିଟିଏ ତିଆରି କଲା। କୂଅର ମୁହଁ ଉପରେ ରଖି ଜଞ୍ଜିରରେ ବାନ୍ଧି ତାଲା ପକାଇଦେଲା। ସାନପୁଅ କୂଅ ଉପରେ ପୁଲିଟିଏ ଲଗାଇଲା। ସେଥିରେ ରଶି ଲଗାଇ ଗୋଟେ ବାଲ୍ଟି ବାନ୍ଧିଦେଲା। ଗାଁଲୋକଙ୍କୁ କହିଲା, ବାପା ତୀର୍ଥ କରିବାକୁ ଯାଇଛନ୍ତି। ଯିବା ଆଗରୁ ଏଇ କୂଅଟି ଆପଣମାନଙ୍କ ପାଇଁ ଖୋଳି ଦେଇଛନ୍ତି । ଏହାର ଜଳ ଶୀତଳ ଓ ମଧୁର। ସମସ୍ତେ ଆସି ଏଠାରୁ ପିଇବା ପାଇଁ ପାଣି ନେଇଯିବେ। ଗାଁ ଲୋକେ ଖୁସି ହେଲେ। ସବୁଦିନ ସେଠାକୁ ଆସି କୂଅରୁ ପାଣି ନେଲେ।

ବହୁଦିନ ବିତିଗଲା। ବଣିକ ତୀର୍ଥସାରି ଘରକୁ ଫେରି ଆସିଲେ। ଦେଖିଲେ ସାନପୁଅର କୂଅ ପାଖରେ ମେଳା ଲାଗିଛି। ସ୍ତ୍ରୀଲୋକମାନେ କଳସୀରେ ପାଣି ଭରୁଛନ୍ତି। ଛୋଟପିଲାମାନେ ପାଖରେ ଖେଳୁଛନ୍ତି। ଜାଗାଟି ସରସ, ଶୀତଳ ଓ ସବୁଜିମାରେ ସୁନ୍ଦର ଦିଶୁଛି। ବଡ଼ପୁଅ ବଣିକଙ୍କୁ ତା' କୂଅପାଖକୁ ନେଇଗଲା। ତାଲା ଖୋଲି ଢାଙ୍କୁଣି କାଢ଼ିଦେଲା। କହିଲା, ଆପଣ ଯିବାସମୟରେ ପାଣି ଯେମିତି ଥିଲା ଆଜି ବି ସେମିତି ଅଛି। ବଣିକ କହିଲେ, କୂଅରୁ ପାଣି କାଢ଼ି ଦେଖ। ବଡ଼ପୁଅ ପାଣି ବାହାରକଲା। ତାହା କଦର୍ଯ୍ୟ ଦିଶୁଥିଲା ଓ ଦୁର୍ଗନ୍ଧ ହେଉଥିଲା।

ପ୍ରତ୍ୟେକ ଜିନିଷ ବ୍ୟବହାର ହେଲେ ହିଁ ତାହା ସୁନ୍ଦର ରହେ। ବ୍ୟବହାର ନ ହେଲେ ମନ୍ଦିର ବି ଭୂତଙ୍କ ଆଖଡ଼ା ବନିଯାଏ।

ଆମ ଦେଶ ଦୁନିଆରେ ଯେତେ ଖାଦ୍ୟ ରହିଛି ସମାନ ଆବଣ୍ଟନ ହେଲେ କେହି ଜଣେ ଅଭୁକ୍ତ ରହିବ ନାହିଁ। ଯେତେ ବସ୍ତ୍ର ଅଛି ସମସ୍ତଙ୍କ ଶରୀରକୁ ଢାଙ୍କିଦେବ। ଯେତେ ଘର ଅଛି ସଭିଙ୍କ ମୁଣ୍ଡ ଉପରେ ଛାତ ମିଳିଯିବ। ଅଥଚ ଆଜି ବି ଅନେକ ଲୋକ ଖରା ବର୍ଷା ଶୀତରେ ଖୋଲା ଆକାଶ ତଳେ ରହୁଛନ୍ତି। ଅର୍ଦ୍ଧ ଉଲଗ୍ନ ଘୂରି ବୁଲୁଛନ୍ତି। ଦିନକୁ ଦି' ଓଳି ପେଟପୂରା ଖାଇବାକୁ ପାଉ ନାହାନ୍ତି। ଅବ୍ୟବହୃତ ଖାଦ୍ୟ ବସ୍ତ୍ର ଓ ଗୃହ ପଡ଼ି ପଡ଼ି ନଷ୍ଟ ହେଉଛି ଏବଂ ପ୍ରାକୃତିକ ତଥା ସାମାଜିକ ପରିବେଶକୁ ନଷ୍ଟ କରୁଛି।

ଏଇ କିଛିଦିନ ତଳେ ଶାନ୍ତି ଅପାଙ୍କ ଘରକୁ ଯାଇଥିଲି। ସେ ଜଣେ ଅବସରପ୍ରାପ୍ତ ଅଧ୍ୟାପିକା। ତାଙ୍କ ସ୍ୱାମୀ ବଡ଼ କଣ୍ଟ୍ରାକ୍ଟର। ଘର ନାଁରେ ସେ ଯେବେ ବିଶାଳ ଅଟ୍ଟାଳିକାଟିକୁ ତିଆରି କରିଥିଲେ ତାହାକୁ ଦେଖି ସମସ୍ତଙ୍କ ଆଖି ଖୋସିହୋଇ ଯାଇଥିଲା। ଘରଟିକୁ ଅନ୍ୟମାନଙ୍କୁ ବୁଲାଇ ଦେଖାଇବାବେଳେ ଗର୍ବରେ ତାଙ୍କ ଛାତି ଫୁଲିଉଠୁଥିଲା। ଅଥଚ ଆଜି ସେଇ ଘରଟି ସେମାନଙ୍କ ପାଇଁ ବୋଝ ପାଲଟିଛି। ପିଲାମାନେ ବଡ଼ଲୋକ ହୋଇ ଯେ ଯାହାର ପରିବାର ସହିତ ଦେଶାନ୍ତରୀ ହୋଇଛନ୍ତି। କାହିଁ କେବେଠାରୁ ଦେଶକୁ ଆସିନାହାନ୍ତି। ସମୟକ୍ରମେ ସହର ଦୂରକୁ ଘୁଞ୍ଚିଯିବାରୁ ଭଡ଼ାଟିଆ କେହି ରହିବାକୁ ଆସୁନାହାନ୍ତି। ଏତେ ବଡ଼ ଘରେ ସ୍ୱାମୀ ସ୍ତ୍ରୀ ଦୁଇ ପ୍ରାଣୀ। ଦିନବେଳେ ଜଣେ କାମବାଲୀ, ଅନ୍ୟକାମରେ କେହି କେବେ ଆସନ୍ତି। ରାତି ହେଲେ ଚାରିଆଡ଼େ ଖାଁ ଖାଁ। ଅସହ୍ୟ ଶୂନ୍ୟତା ଭରିଯାଏ ସବୁଠି। ଗଭୀର ରାତିରେ କେଜାଣି କେଉଁ ଘର ସନ୍ଧିରୁ ଅସ୍ୱାଭାବିକ ଶବ୍ଦମାନ ଶୁଣାଯାଏ। ପତିପତ୍ନୀଙ୍କ ବୟସ୍କ ଛାତିରେ ଭୟ ସଞ୍ଚାର କରେ। କବାଟ ଖୋଲି ବାହାରକୁ ବାହାରିବାକୁ ସାହସ ହୁଏନାହିଁ। ମୁଁ କହିଲି, ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥା ବାଳାଶ୍ରମ ଖୋଲିବାକୁ ଘର ଖୋଜୁଛନ୍ତି। ଆପଣ ଏ ଘରୁ କିଛି ଅଂଶ ଦାନ କରି ଦିଅନ୍ତୁ। ଭାବନାର ବିପରୀତ ସ୍ୱାମୀ ସ୍ତ୍ରୀ ଦୁହେଁ ହଠାତ୍ ଅନ୍ୟ ପ୍ରସଙ୍ଗକୁ ଚାଲିଗଲେ, ଯେମିତି ସେମାନେ ମୋ କଥା ଶୁଣିପାରି ନାହାନ୍ତି।

କିଛିବର୍ଷ ତଳେ ଘଟିଥିବା ଅନ୍ୟ ଏକ ଭୟଙ୍କର ଘଟଣା ଏବେ ମନକୁ ଆସୁଛି। ଜଣେ ଅଶୀତିପର ବୃଦ୍ଧଙ୍କୁ ହତ୍ୟାକରି ଦୁର୍ବୃତ୍ତମାନେ ଘରୁ ଟଙ୍କା ଓ ସୁନାଗହଣା ଲୁଟିନେଲେ। ତାଙ୍କ ପୁଅ ଝିଅମାନେ ସେମିତି ବାହାରେ ରହୁଥିଲେ। ସ୍ତ୍ରୀ ମରି ଯାଇଥିଲେ। ତାଙ୍କର ସୁନାଗହଣା ସବୁ ଝିଅବୋହୂଙ୍କୁ ନ ଦେଇ ସେ ନିଜ ପାଖରେ ରଖିଥିଲେ। ନିଜର ଯତ୍ନ ନେବାପାଇଁ ସମ୍ପର୍କୀୟ ପୁତୁରା ଓ ତା' ସ୍ତ୍ରୀକୁ ପାଖରେ ରଖିଥିଲେ। ସେମାନେ ଜରୁରୀ କାମରେ ଯେଉଁଦିନ ଗାଁକୁ ଚାଲିଗଲେ ସେଇ ଦିନ ରାତିରେ ହିଁ ଏଇ ଦୁର୍ଘଟଣା ଘଟିଲା।

ଅସଲ ରହସ୍ୟ ହେଉଛି କିଛିଦିନ ପରେ ହତ୍ୟାକାରୀ ଭାବରେ ସେଇ ପୁତୁରା ଓ ତା' ସ୍ତ୍ରୀକୁ ପୋଲିସ ଗିରଫ କଲା। ସେମାନେ ମାନିଲେ, ସେବା ବଦଳରେ ବୃଦ୍ଧଙ୍କଠାରୁ କିଛି ଆଶା କରୁଥିଲେ। ଗହଣା ଦି'ଖଣ୍ଡ ପିନ୍ଧିବା ପାଇଁ ବୋହୂଟି ବାରମ୍ବାର ନେହୁରା ହୋଇ ନିରାଶ ହୋଇଥିଲା। ଟଙ୍କା, ସୁନା କିଛି ନ ପାଇ ଶେଷରେ ସେମାନେ ଏଇ ରାସ୍ତାକୁ ଆପଣେଇଥିଲେ ଏବଂ ଧରାପଡ଼ି ଜେଲଗଲେ।

ଏମିତି ଅନେକ ଅଘଟଣ ଦିନ ଦିନ ଆମେ ପ୍ରତ୍ୟକ୍ଷ କରୁଛୁ। ଅଥଚ ଅଯଥା ସଞ୍ଚିବାର ମୋହ ଆମ ମନରୁ ଯାଉନାହିଁ। ଜଣେ ଏକୁଟିଆ ଲୋକ, ମାତ୍ର କେତେ ବର୍ଷର ଆୟୁଷ କିନ୍ତୁ ସେ ନିଜକୁ ଅଜର ଅମର ଭାବି କୁଢ଼େଇ ଚାଲିଛି ସମ୍ପତ୍ତି। ମୋହରେ ପଡ଼ି ଭୁଲିଯାଉଛି ବାସ୍ତବତାକୁ। ସତ ହେଉଛି ବ୍ୟବହାର ନ ହୋଇ ପଡ଼ି ରହିଥିବା ସୁନା ବି କ୍ରମଶଃ ମଳିନ ପଡ଼ିଯାଏ। ଅଥଚ ବ୍ୟବହାର ହେଉଥିବା ବେଙ୍ଗି ପିତଳ ଖଣ୍ଡେ ବି ସୁନା ପରି ଚକ୍‌ଚକ୍ ଦିଶେ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ଏଇ ଭାରତରେ

ଟ୍ରାନ୍ସଜେଣ୍ଡରଙ୍କ ଜୀବନ ଜୀବିକା ଉପରେ ଯେଉଁ କେତେଜଣ ଚିନ୍ତା କରୁଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ତାମିଲନାଡୁର ଆଇଏଏସ୍ ଅଧିକାରୀ ସନ୍ଦିପ ନନ୍ଦୁରି। ସେ ୩୦ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ନେଇ କୋଭିଡ଼ରେ ଭାରତର ସର୍ବ ପ୍ରଥମ ମିଲ୍କ କୋଅପରେଟିଭ ସୋସାଇଟି ଗଠନ କରିଛନ୍ତି। ସନ୍ଦିପ ଏହି ଫାର୍ମକୁ ନିୟମିତ ବ୍ୟବଧାନରେ ନିରୀକ୍ଷଣ କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଟ୍ରାନ୍ସଜେଣ୍ଡରମାନେ ଏଥିରୁ ଏବେ ମାସକୁ ୩ ଲକ୍ଷ ଟଙ୍କାର କାରବାର କରି ପ୍ରତ୍ୟେକେ ୮,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଏହି ସୋସାଇଟିର ନାମ ରଖାଯାଇଛି 'ମଲ୍ଲିଥୋପେ ଟ୍ରାନ୍ସଜେଣ୍ଡର୍ସ ମିଲ୍କ ପ୍ରଡ୍ୟୁସର୍ସ କୋଅପରେଟିଭ ସୋସାଇଟି'। ସନ୍ଦିପ ଥୁଥୁକୋଡ଼ି ଜିଲାର ଜିଲାପାଳ ଭାବେ ଦାୟିତ୍ୱ ନେବା ପରେ ଜିଲାରେ ପ୍ରାୟ ୨୫୦ ଟ୍ରାନ୍ସଜେଣ୍ଡରଙ୍କୁ ଠାବ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ଏହି ସୋସାଇଟି ଆରମ୍ଭ କରିଥିଲେ। ଫାର୍ମରେ କାର୍ଯ୍ୟରତ ୩୦ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ବି ପ୍ରାଣୀପାଳନ ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇଛି। ପ୍ରତ୍ୟେକଙ୍କୁ ଗୋଟିଏ ଲେଖା ଗାଈ ହିସାବରେ ୩୦ଟି ଗାଈ ଲାଗି ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କରୁ ଋଣ ଦିଆଯାଇଛି। କ୍ଷୀର ବିକ୍ରି କରିବା ପାଇଁ ଜିଲା ପ୍ରଶାସନ ଅଭିନ୍ନ ନାମକ ଏକ ମିଲ୍କ ବ୍ରାଣ୍ଡ ସହ ଚୁକ୍ତି କରିଛି। ସକାଳ ୬ଟାରୁ ଉଠି ସେମାନେ କାମରେ ଲାଗି ଯାଉଛନ୍ତି ଓ କ୍ଷୀର ଦୁହିଁ ଅଭିନ୍ନକୁ ଦେଉଛନ୍ତି। ଯାହା ଆୟ ହୁଏ ,ତାହାକୁ ସୋସାଇଟି ଆକାଉଣ୍ଟରେ ଜମା କରାଯାଏ ଓ ପରେ ତାହାକୁ ସମାନ ଭାବେ ବାଣ୍ଟି ଦିଆଯାଏ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୯୫

- ଇସ୍‌ଲାମାବାଦସ୍ଥିତ ଇଜିପ୍ଟ ଦୂତାବାସଠାରେ ଦୁଇଟି ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟିବା ଫଳରେ ଇଜିପ୍ଟର ବାଣିଜ୍ୟିକ ରାଷ୍ଟ୍ରଦୂତ ଉସ୍‌ମାନ ଆଲ୍ଗାସଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ।
- ବିତର୍କିତ ଲେଖକ ସଲ୍‌ମନ ରସ୍‌ଡିଙ୍କ 'ଅନୀଶ ଭିଲ୍ଲା' ଇଷ୍ଟେଟ୍‌କୁ ହିମାଚଳ ପ୍ରଦେଶ ସରକାର ତାଙ୍କ ପରିବାରକୁ ପ୍ରତ୍ୟର୍ପଣ କରିଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗଣମାଧ୍ୟମ ଉପରେ ଅଙ୍କୁଶ ଗ୍ରହଣୀୟ ନୁହେଁ

ମହାଶୟ,

ସମୟ ସ୍ରୋତରେ ପରିବର୍ତ୍ତିତ ରାଜନୈତିକ ଦୃଶ୍ୟପଟ, ସାମାଜିକ ଅର୍ଥନୈତିକ ବ୍ୟବସ୍ଥା ଓ ସର୍ବୋପରି ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଭ୍ରଷ୍ଟାଚାର ଅଭିଯୋଗ ଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାବଳୀର ଗୁରୁତ୍ୱକୁ ନେଇ ଗଣମାଧ୍ୟମ ନିଜର ଆଭିମୁଖ୍ୟରେ ସ୍ୱଚ୍ଛତା ରକ୍ଷାକରି ନିରନ୍ତର ସଚେତନାତ୍ମକ ଖବର ପରିବେଷଣ ସ୍ୱାଗତଯୋଗ୍ୟ। ଗଣମାଧ୍ୟମ ଏକ ମୁକ୍ତ, ନିରପେକ୍ଷ ଓ ଦାୟିତ୍ୱଶୀଳର ପ୍ରତୀକ। ରାଷ୍ଟ୍ରର ସୁରକ୍ଷା ଏବଂ ସୁପରିଚାଳନା ନିମନ୍ତେ ଗଣମାଧ୍ୟମର କାର୍ଯ୍ୟ ସମ୍ପାଦନ, ଏକ ସୁଦୃଢ଼ ସୁସ୍ଥ ସମାଜଗଠନ କରିବାରେ ସହାୟକ ହୋଇଥାଏ ବୋଲି ଅସ୍ୱୀକାର କରାଯାଇ ନ ପାରେ। ଗଣମାଧ୍ୟମ, ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପରସ୍ପର ପରିପୂରକ ବୋଲି ହୃଦୟଙ୍ଗମ କରିବା ଆବଶ୍ୟକ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ଦାୟିତ୍ୱବୋଧତା ବୃଦ୍ଧି ପାଉଥିବାରୁ କେତେକ କ୍ଷେତ୍ରରେ ସାମାଜିକ ଓ ରାଜନୈତିକ ସ୍ତରରେ ଏହା ବିରୋଧରେ ଅଯଥା ମାଲି ମକଦ୍ଦମା ରୁଜୁକରି କୋର୍ଟ କଚେରିକୁ ଟାଣି ନିଆଯିବା ଅତ୍ୟନ୍ତ ଦୁଃଖଦାୟକ। ଗଣମାଧ୍ୟମର ସ୍ୱାଧୀନତା ତଥା ସୁରକ୍ଷା ପାଇଁ ଜାତୀୟ ସ୍ତରରେ ଏକ ବଳିଷ୍ଠ ବିଧେୟକ ପ୍ରଣୟନ ଜରୁରୀ। ଯଦି ସାମ୍ବାଦିକମାନଙ୍କର ସାମ୍ବାଦିକତାକୁ ନେଇ ଜୀବନ ଜୀବିକା ବିପନ୍ନ, ତେବେ ମାନ୍ୟବର କୋର୍ଟ ତାଙ୍କ କର୍ତ୍ତବ୍ୟ ସମ୍ପାଦନରେ ସ୍ୱତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ମଧ୍ୟରେ ସାମ୍ବାଦିକମାନଙ୍କୁ ଆଇନସମ୍ମତ ସୁରକ୍ଷା ଓ ମର୍ଯ୍ୟାଦା ପ୍ରଦାନରେ ଉଲ୍ଲେଖନୀୟ ମୌଳିକ ଅଧିକାର ରଖିବାକୁ ନିର୍ଦ୍ଦେଶନାମା ଜାରି କରିବା ଉଚିତ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

## ଚିରନ୍ତନୀ

ତୁମେ କପାଳେ ନ ଦିଅ କଳା ଅଭର ଗୋ
ଅଧରେ ନ ଦିଅ ରଜତ,
ଆଜି ପୁନିଅଁ ଚାନ୍ଦର ଦୋଳ ଉତ୍ସବେ
ମୁଁ ପରା ହୋଇଛି ଭକତ।
(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ନଭେମ୍ବର, ୨୦୨୦



# ମନ୍ଦଙ୍କ ପରିବାରକୁ ୧.୫ ଲକ୍ଷ କ୍ଷତିପୂରଣ ଦିଅ: ଓଏଚ୍ଆର୍ସି

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ): ନିୟମଗିରିରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ମନ୍ଦ କଦ୍ରାକାଙ୍କ ପରିବାରକୁ ୧.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି) ରାଜ୍ୟ ସ୍ୱରାଷ୍ଟ୍ର ବିଭାଗ ପ୍ରମୁଖ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ପ୍ରବୀର କୁମାର ଦାସ, ମାନାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ବିଜୟ କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ପୃଥକ୍ ମାମଲାର ବିଚାର କରି ରାଜ୍ୟ ମାନବାଧିକାର କମିଶନ ଅଧକ୍ଷ ଜଷ୍ଟିସ ବି.ପି. ଦାସ ଏବଂ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇମାସ ମଧ୍ୟରେ ଉକ୍ତ କ୍ଷତିପୂରଣ ରାଶି ଦେବାକୁ କୁହାଯାଇଛି। ସୂଚନାଯୋଗ୍ୟ,

**ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ**

୨୦୧୬ ଫେବୃୟାରୀ ୨୭ରେ ନିୟମଗିରି ପର୍ବ ଚାଲିଥିବା ସମୟରେ ରାୟଗଡ଼ା ଜିଲା କଲ୍ୟାଣସିଂପୁର ଥାନା ଅନ୍ତର୍ଗତ ଡାଙ୍ଗମାଟିଆ ଗ୍ରାମର ମନ୍ଦ କାଦ୍ରାକା ସଲପ ରସ ସଂଗ୍ରହ କରୁଥିବାବେଳେ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ। ଉକ୍ତ ସମୟରେ ଏହାକୁ ମାଓବାଦୀ ଏବଂ ସୁରକ୍ଷା କର୍ମୀଙ୍କ ଗୁଳିବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ତେବେ ମୃତକଙ୍କ ଭାଇ ଡ୍ରିକା କାଦ୍ରାକା ଏ ନେଇ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଘଟଣାର ନିରପେକ୍ଷ ତଦନ୍ତ କରି କ୍ଷତିପୂରଣ ଦେବା ସହିତ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନକାରୀ ଦାବି କରିଥିଲେ। ଘଟଣାର ତଦନ୍ତ କରି ଦକ୍ଷିଣାଞ୍ଚଳ ଆର୍‌ଡିସି ଏବଂ ଦକ୍ଷିଣାଞ୍ଚଳ ଡିଆଇଜି ରିପୋର୍ଟ ଦାଖଲ କରିଥିଲେ। ମାଓବାଦୀ କ୍ୟାମ୍ପରେ ମନ୍ଦ ଥିବା ବେଳେ ସୁରକ୍ଷା କର୍ମୀଙ୍କ ଗୁଳିରେ ତାଙ୍କର ମୃତ୍ୟୁ ହୋଇଥିବା ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟକୁ ତର୍ଜମା କରି ଓଏଚ୍ଆର୍ସି ଏହି ନିର୍ଦ୍ଦେଶ ଦେଇଛନ୍ତି।

# 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ ସ୍କିମ୍'ରେ କେନ୍ଦୁଝର ବଡ଼ି

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୧୯।୧୧**

ରାଜ୍ୟ ସରକାର 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ ସ୍କିମ୍'ରେ ସାମିଲ ହେବ କେନ୍ଦୁଝର ଜିଲାର ପ୍ରସିଦ୍ଧ ବଡ଼ି। ଫଳରେ ଆଞ୍ଚଳିକ ବଜାରରେ ସୁନାମ ଅର୍ଜିଥିବା ଏହି ପରିଚିତ ଘରୋଇ ଖାଦ୍ୟ ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବା ଲାଗି ବାଟ ଫିଟିବ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସହାୟତାରେ ବଡ଼ି ପ୍ରସ୍ତୁତ କରାଯିବ। ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍‌ରେ ଏହାର ବିକ୍ରିବଟା ହେବ। ଏହି ସ୍କିମ୍ ୫ ବର୍ଷ ପାଇଁ ଚାଲିବ। ଏହାକୁ ଅଧିକ ବ୍ୟାପକ କରିବା ଲାଗି ପ୍ରଶାସନିକ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। କେନ୍ଦୁଝରର ସ୍ୱାଦିଷ୍ଟ କଖାରୁ, ଖସା ବଡ଼ିର ଚାହିଦା ରାଜ୍ୟରେ ବେଶ୍ ଅଧିକ। ଜିଲାରେ ଉତ୍ପାଦିତ ହେଉଥିବା ସ୍ୱତନ୍ତ୍ର ପେଜୁଆ ବିରି ଏବଂ କଖାରୁକୁ ଉପଯୋଗ କରି ବାର୍ଷିକ ଲକ୍ଷାଧିକ ଟଙ୍କାର ବଡ଼ି ବ୍ୟବସାୟ ହୋଇଥାଏ। ତେବେ



ବଡ଼ି ପ୍ରସ୍ତୁତ କରୁଛନ୍ତି ଜଣେ ମହିଳା।

ଦରିଆ ପାରି ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଲାଗି ଏହାକୁ ରାଜ୍ୟ ସରକାର 'ୱାନ୍ ଡିଷ୍ଟ୍ରିକ୍ଟ ୱାନ୍ ପ୍ରଡକ୍ଟ ସ୍କିମ୍'ରେ ସାମିଲ କରିଛନ୍ତି। ଜିଲା ଶିଳ୍ପ କେନ୍ଦ୍ର, କୃଷି ବିଭାଗ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ସହାୟତାରେ ଏହି ସ୍କିମ କାର୍ଯ୍ୟକାରୀ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ସଦର ବ୍ଲକରେ ବଡ଼ି ପ୍ରସ୍ତୁତ କରୁଥିବା ୨୨ ଏସ୍ଏଚ୍‌ଜିକୁ ନେଇ ୨ଟି କ୍ଲଷ୍ଟର କରାଯାଇଛି। ସେମାନଙ୍କୁ ସରକାର ୩୦ ଲକ୍ଷ ଟଙ୍କା ସବ୍‌ସିଡିରେ ଋଣ ପ୍ରଦାନ କରିବେ। ଏହି ଅର୍ଥରେ ବଡ଼ି ପ୍ରସ୍ତୁତି, ପ୍ୟାକିଂ ପାଇଁ ମେସିନ ସମେତ ଅନ୍ୟାନ୍ୟ ସାମଗ୍ରୀ କିଣାଯିବ। ସ୍ୱାସ୍ଥ୍ୟକର ଏବଂ ସ୍ୱାଦିଷ୍ଟ ବଡ଼ି ପ୍ରସ୍ତୁତ ଲାଗି ଆବଶ୍ୟକ ତାଲିମ ଦିଆଯିବ।

- ପ୍ରସ୍ତୁତ କରିବେ ସ୍ୱୟଂ ସହାୟକ ଗୋଷ୍ଠୀ
- ୫ ବର୍ଷିଆ ସ୍କିମ୍, ବିଦେଶକୁ ହେବ ରପ୍ତାନୀ
- ଅନ୍‌ଲାଇନ, ଅଫ୍‌ଲାଇନରେ ହେବ ବିକ୍ରି

ରାଜ୍ୟସ୍ତରରେ ଖୋଲିବାକୁ ଥିବା ରପ୍ତାନୀ ଭବନ ଜରିଆରେ ଏହାର ବିକ୍ରିବଟା କରାଯିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ କହିଛନ୍ତି। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ କେ.ସି. ନାୟକ କହିଛନ୍ତି, ବଡ଼ିର ଉଦ୍ୟୋଗୀକରଣ ଲାଗି ଜିଲାସ୍ତରୀୟ କମିଟି ଗଠନ ହୋଇଛି। ବ୍ୟକ୍ତିଗତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି। ଏହି ସ୍କିମ୍ ୫ ବର୍ଷ ପାଇଁ ଚାଲିବ। ସାମଗ୍ରୀ ବିକ୍ରି ପାଇଁ ସୁଚିନ୍ତିତ ବ୍ୟବସ୍ଥା କରାଯିବ।

# ସାଲେପାଲି ସରପଞ୍ଚ ଗିରଫ, ୨ ଭାଇ ଅଟକ

**ମ.ରାମପୁର, ୧୯।୧୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ସାଲେପାଲି ସରପଞ୍ଚ ରମେଶ ସାହୁଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ପ୍ରଧାନମନ୍ତ୍ରୀ ଆବାସ ପ୍ରତିବଦଳରେ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ସେ ବାଧ୍ୟ କରୁଥିବା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ମ.ରାମପୁର ଥାନାରେ ଆଟ୍ରୋସିଟି ଆକ୍ଟ ସହିତ ଦଫା ୩୪୧, ୩୫୪, (ଏ ଓ ବି), ୩୫୬, ୫୧୧ରେ ଏକ ମାମଲା (ନଂ.୧୯୫/୨୦) ରୁଜୁ ହୋଇଛି। ତାଙ୍କୁ ଜିଲା ସଦର ମହକୁମା ସେସନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଏହି ଘଟଣା ଗତ ମାସରେ ଘଟିଥିଲା। ବୁଧବାର ମ.ରାମପୁର ବ୍ଲକ ସମିତି ବୈଠକ ଚାଲିଥିବା ସମୟରେ ପୋଲିସ ଆସି ସରପଞ୍ଚ ସାହୁଙ୍କୁ ଉଠାଇ ନେଇଥିଲା। ପରେ ଜନପ୍ରତିନିଧିମାନେ ଏକତ୍ରିତ ହୋଇ ମ.ରାମପୁର ଥାନାରେ ରୁଣ୍ଡ ହୋଇଥିଲେ। ଅଭିଯୋଗକାରିଣୀଙ୍କୁ ବୁଝାଶୁଝା ପାଇଁ ତାଙ୍କ ବଡମାଆ ଥାନାରେ ପହଞ୍ଚି ଥିଲେ। ହେଲେ ଅଭିଯୋଗକାରିଣୀଙ୍କ ସମର୍ଥକଙ୍କ ସହ ତାଙ୍କ ବଡମାଆଙ୍କ ମାର୍‌ପିଟ ଘଟିଥିଲା। ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାର ଏହି ମାର୍‌ପିଟ ମାମଲାରେ ସରପଞ୍ଚଙ୍କ ୨ ସମ୍ପର୍କୀୟ ଭାଇଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଜାରି ରଖିଛି।

ଅଭିଯୋଗକାରିଣୀଙ୍କ ମା'ବାପା

**ଆବାସ ଗୃହ ପାଇଁ ଶାରୀରିକ ସମ୍ପର୍କ ଦାବି ଘଟଣା**

ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଛନ୍ତି। ଯୁବତୀ ଜଣକ ଭୁବନେଶ୍ୱରରେ ରହି ପାଠ ପଢୁଥିଲେ। ଗତ କିଛିଦିନ ତଳେ ସେ ଗାଁକୁ ଆସି ଅଦିନିଆ ବର୍ଷାରେ ଭାଙ୍ଗି ପଡିଥିବା ଘରକୁ ସଜାଡି ରହୁଥିଲେ। ଇତିମଧ୍ୟରେ ସେ ପ୍ରଧାନମନ୍ତ୍ରୀ କିମ୍ବା ବିଜୁ ପକ୍କା ଘର ପାଇଁ ଆବେଦନ କରିଥିଲେ। ହେଲେ ସରପଞ୍ଚ ସାହୁ କୁଆଡ଼େ ଏଥିପାଇଁ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ଲାଗି ବାଧ୍ୟ କରୁଥିଲେ। ସେ ଏ ନେଇ ବାରମ୍ବାର ଚାପ ପକାଉଥିଲେ। ଏପରି କି ଘରକୁ ଆସି ସରପଞ୍ଚ ସାହୁ ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରୁଥିବା ଯୁବତୀ ଜଣକ ଅଭିଯୋଗ କରିଛନ୍ତି।

ଏ ନେଇ ସରପଞ୍ଚ ସାହୁ କହିଛନ୍ତି, ଏପରି ଅଭିଯୋଗ ଭିତ୍ତିହୀନ। ବିଜୁ ପକ୍କା ଘର ପ୍ରଦାନ ସରକାରଙ୍କ ଦ୍ୱାରା ଏଠାରେ ବନ୍ଦ ରହିଛି। ପ୍ରଧାନମନ୍ତ୍ରୀ ଆବାସ ଅର୍ଥନୈତିକ ସର୍ଭେ ତାଲିକାରେ ନାମ ଥିଲେ କ୍ରମାନୁସାରେ ହିତାଧିକାରୀଙ୍କୁ ବ୍ଲକ ପ୍ରଶାସନ ଦ୍ୱାରା ପ୍ରଦାନ କରାଯାଉଛି। ତେଣୁ ମୋର ସେଥିରେ କୌଣସି ଭୂମିକା ନାହିଁ। ଅଭିଯୋଗ ଅମୂଳକ, ମୁଁ ବିଜେଡିରେ ଥିବା ବେଳେ ଭାଜପାର କିଛି ଗୋଷ୍ଠୀ ଗତବର୍ଷଠାରୁ ମୋ ବିରୋଧରେ ବହୁବିଧ ଅଭିଯୋଗ ଆଣି ବିଫଳ ହୋଇଥିଲେ। ଶେଷରେ ସେମାନେ ଏଭଳି ଚକ୍ରାନ୍ତ କରିଛନ୍ତି ବୋଲି ସରପଞ୍ଚ ସାହୁ କହିଛନ୍ତି।

# ବୃଦ୍ଧଙ୍କୁ ସାଢ଼େ ୧୦ କୋଟିର ଜିଏସ୍‌ଟି ଠକେଇ ନୋଟିସ୍

**ବିନିକା,୧୯।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳର ଜଣେ ଗରିବ ଆଦିବାସୀ ବୃଦ୍ଧଙ୍କ ନାମରେ ୧୦ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କିଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ବ୍ୟକ୍ତି ଜଣକ ହେଲେ ସିଂଘିଯୁବା ଗ୍ରାମ ଇନ୍ଦ୍ରା କଲୋନୀପଡାର ବାସିନ୍ଦା ଭଗବାନ ଧରୁଆ (୬୮)। ଜିଏସ୍‌ଟି ଫାଙ୍କିବା ନେଇ ସିଟି ଆଣ୍ଡ ଜିଏସ୍‌ଟି ଏନଫୋର୍ସମେଣ୍ଟ ୟୁନିଟ୍ ,ବଲାଙ୍ଗୀର ପକ୍ଷରୁ ବୁଧବାର ଅପରାହ୍ନ ୫ଟାରେ ଭଗବାନଙ୍କୁ (ନଂ-୨୯୭/ସିଟି ଓ ଜିଏସ୍‌ଟି ତା୧୮।୧୧।୨୦ରିଖ) ନୋଟିସ ଦିଆଯାଇଛି। ଏହାଛଡା ବଲାଙ୍ଗୀର ୟୁନିଟର ଏକ ୪ଜଣିଆ ଟିମ୍ ତାଙ୍କ ଘରେ ପହଞ୍ଚି ପଚରାଉଚୁରା କରିଥିବା ଜଣାଯାଇଛି।

ଓଡିଶା ରାଜ୍ୟ ସେବାକର ଅଧିନିୟମ ୨୦୧୭ ଧାରା ୭୦ ଅନୁସାରେ ଉକ୍ତ ନୋଟିସ ଦ୍ୱାରା ଦର୍ଶାଯାଇଛି ଯେ, ସିଂଘିଯୁବା ଗ୍ରାମର ଭଗବାନଙ୍କ ମାଲିକାନାରେ କଟକଠାରେ କାଲେଶ୍ୱର ଷ୍ଟିଲ ନାମକ ଏକ କମ୍ପାନୀ ରହିଛି। ଯାହାର ଜିଏସ୍‌ଟି ନମ୍ବର ମଧ୍ୟ ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ନୋଟିସ୍‌ରେ ଭଗବାନଙ୍କ ଠିକଣା ଓ ମୋବାଇଲ ନମ୍ବର ମଧ୍ୟ ରହିଛି। ନୋଟିସ୍ ମାଧ୍ୟମରେ ତାଙ୍କୁ କମ୍ପାନୀର ଜିଏସ୍‌ଟି ଭରଣା ପାଇଁ ଅବିଳମ୍ବେ ସମସ୍ତ ବିବରଣୀ ଏବଂ କାଗଜପତ୍ର ଦାଖଲ କରିବାକୁ ସୂଚନା ଦିଆଯାଇଛି। ଏଥିସହିତ ସମସ୍ତ ପ୍ରମାଣ ପତ୍ର ଏବଂ କମ୍ପାନୀ ପକ୍ଷରୁ ବିକ୍ରି ଓ କ୍ରୟ ହୋଇଥିବା ସାଢେ ୧୦କୋଟି ଟଙ୍କାର ସେବାକର ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ଏହା ନ ଦେଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ନୋଟିସରେ ସୂଚାଇ ଦିଆଯାଇଛି। ମାତ୍ର ଏନେଇ କିଛି ଜାଣି ନ ଥିବା ୪ ଜଣିଆ ଟିମ୍ ଆଗରେ ଭଗବାନ କହିଛନ୍ତି। ସେ କହିଛନ୍ତି ଯେ, ଆମେ ଅତ୍ୟନ୍ତ ଗରିବ। ଭଙ୍ଗା ଦଦରା ଚାଳଛପର ଘରେ ପରିବାର ସହ ରହୁଛି। ଘରେ ୨ପୁଅ, ଝିଅ ଓ ସ୍ତ୍ରୀ ରହୁଛନ୍ତି। ମୂଲ ଲାଗିଲେ ଚୁଲି ଜଳେ। ଏମିତି ରେ ସାଢେ ୧୦କୋଟି ଟଙ୍କା ଆମ ପାଇଁ ସ୍ୱପ୍ନ ବୋଲି କହିଥିଲେ।

ପରେ ଟିମ୍‌ର ସଦସ୍ୟମାନେ ନିଜ ଡକ୍ୟୁମେଣ୍ଟ ପୂର୍ବରୁ କାହାକୁ ଦେଇଛ କି ବୋଲି ପଚାରିଥିଲେ। ଏହା ଶୁଣି ଭଗବାନଙ୍କ ସାନ ପୁଅ ସଦାନନ୍ଦ ଧରୁଆ(୨୬) ଦେଣ୍ଟୁପଦର ଗାଁର ଜଣେ ସ୍କୁଲ ସାଙ୍ଗଙ୍କୁ ତାଙ୍କ ବାପାଙ୍କ ଡକ୍ୟୁମେଣ୍ଟ ଦେଇଥିବା କହିଥିଲେ। ୪ ଜଣିଆ ଟିମ୍ କାହିଁକି ଡକ୍ୟୁମେଣ୍ଟ ଦେଲ ଏବଂ କ'ଣ ସବୁ ଦେଇଥିଲ ବୋଲି ପଚାରିବାରୁ ସଦାନନ୍ଦ କହିଥିଲେ ସାଙ୍ଗ ଜଣକ ମୋର ବାପାଙ୍କ ବ୍ୟାଙ୍କ ଖାତାରେ କୌଣସି ବାବଦରେ ୩ ହଜାର ଟଙ୍କା ଜମା ହେବ କହି ବାପାଙ୍କର ଆଧାର କାର୍ଡ, ପ୍ୟାନ୍‌କାର୍ଡ ଏବଂ ୨ ପାସ୍‌ପୋର୍ଟ ସାଇଜ୍ ଫଟୋ ନେଇଥିଲେ। ଏହା ଶୁଣିଲା ପରେ ଟିମ୍‌ର ସଦସ୍ୟମାନେ ନୋଟିସ ଅନୁଯାୟୀ ତୁରନ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କହି ଫେରି ଯାଇଥିଲେ। ଗୁରୁବାର ସଦାନନ୍ଦ ବିନିକା ଥାନାକୁ ଯାଇ ତାଙ୍କ ବାପାଙ୍କ ନାମରେ ମିଥ୍ୟା ଜିଏସଟି ଠକେଇ ଅଭିଯୋଗ ହୋଇଥିବା ଦର୍ଶାଇଛନ୍ତି। ତାଙ୍କ ସାଙ୍ଗଙ୍କର ଏହି ଘଟଣାରେ ସମ୍ପୃକ୍ତି ଥାଇପାରେ ବୋଲି ସେ ବିନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଏନ୍ଏଚ୍ଆର୍ସି ରିପୋର୍ଟ ଦାଖଲ ଲାଗି ଓଡ଼ିଶାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧୯।୧୧**

କନ୍ଧମାଳ ଦଙ୍ଗା ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି) ରିପୋର୍ଟ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ଗୁରୁବାର ଓଡ଼ିଶା ସରକାରଙ୍କୁ ସୁଯୋଗ ଦେଇଛନ୍ତି। ଆବେଦନକାରୀ ମୁଖ୍ୟ ବିଶପ୍ (ଧର୍ମଯାଜକ) ଜନ୍ ବରୁୱାଙ୍କ ପିଟିଶନ୍‌ର ସବିଶେଷ ଶୁଣାଣି ଆବଶ୍ୟକ ଥିବା ଅନୁଭବ କରି ଜଷ୍ଟିସ୍ ୟୁ.ୟୁ. ଲଳିତ, ଏସ୍. ରବୀନ୍ଦ୍ର ଭଟ୍ଟ ଓ ବିନୀତ ସରଣଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୧୩କୁ ଧାର୍ଯ୍ୟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବାଶିଷ ମିଶ୍ର କନ୍ଧମାଳ ଦଙ୍ଗା ଉପରେ ଏନ୍ଏଚ୍ଆର୍ସି ରିପୋର୍ଟ ତଥ୍ୟ ଉପସ୍ଥାପନ କରି ସର୍ବୋଚ୍ଚ ଅଦାଲତଙ୍କ ୨୦୧୬ ରାୟ ଅନୁଯାୟୀ ଅତିରିକ୍ତ କ୍ଷତିପୂରଣ ୨୦୦୮ ଦଙ୍ଗା କ୍ଷତିଗ୍ରସ୍ତଙ୍କୁ ଦିଆଯାଇଥିବା କହିଥିଲେ। ତେବେ ୨୦୦୭ ଦଙ୍ଗାର କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳି ନ ଥିବା ବରୁୱା ତାଙ୍କ ପିଟିଶନ୍‌ରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ୨୦୦୭ ଡିସେମ୍ବର ୨୪ ଓ ୨୭ରେ କନ୍ଧମାଳ ଜିଲାରେ ହୋଇଥିବା ଦଙ୍ଗାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଚର୍ଚ୍ଚ, ହଷ୍ଟେଲ ଓ ପାଖାପାଖି ୭୦୦ ଗୃହ ଦାହ କରାଯାଇଥିଲା। ୨୦୦୮ ଅଗଷ୍ଟରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ମୃତ୍ୟୁ ପରେ ହୋଇଥିବା ଦଙ୍ଗାରେ ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ୩୯୫ ଚର୍ଚ୍ଚ ଓ ୬୦୦ ଗାଁରେ ଭଙ୍ଗାରୁଜା ହୋଇଥିଲା। ୫୬୦୦ ଘର ଲୁଟ ହେବା ସହ ୫୪ ହଜାର ଲୋକ ଗୃହଶୂନ୍ୟ ହୋଇଥିଲେ।

**ସୁପ୍ରିମକୋର୍ଟରେ କନ୍ଧମାଳ ଦଙ୍ଗା ମାମଲା**

# ଜନଶୁଣାଣିକୁ ବିରୋଧ ପାଇଁ ୩ ପଞ୍ଚାୟତବାସୀ ଏକାଠି

**କୋରାପୁଟ, ୧୯।୧୧(ସ୍ୱ.ପ୍ର.)**

କୋରାପୁଟ ଓ ରାୟଗଡା ଜିଲାରେ ଲାଗି ରହିଥିବା କୋଡିଙ୍ଗାମାଳି ବକ୍‌ସାଇଟ ଖଣିଖନନ ଓ ଉତ୍ପାଦନ ବୃଦ୍ଧିଲାଗି ଓଡିଶା ଖଣିନିଗମ ୨୫ରେ ରାୟଗଡା ଜିଲାର କାଶୀପୁର ବ୍ଲକର କଂସାରିଗୁଡାଠାରେ ଏବଂ କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକର ଓଡିଆପେଣ୍ଠାରେ ଡିସେମ୍ବର ୨ରେ ଜନଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛି। ମାତ୍ର ଏହି ୨ ଜିଲାର ଓଡିଆପେଣ୍ଠ, ପୋଡାପାଡି, ବାଙ୍କାମ ପଞ୍ଚାୟତର ଶତାଧିକ ଲୋକ ଏକାଠି ହୋଇ କଂସାରିଗୁଡାଠାରେ ରତ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଗୁରବାର ଏକ ବୈଠକ କରିଛନ୍ତି। ଏଥିରେ କାଶୀପୁର ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ରୁଆଇ ମାଝି, ପୋଡାପାଡି ସରପଞ୍ଚ ଅଲ୍ଲାଇ ମାଝି, ଜିଲା ପରିଷଦ ସଭ୍ୟ ନୀଳ ଝୋଡିଆ, ଓଡିଆପେଣ୍ଠ ସରପଞ୍ଚଙ୍କ ସ୍ୱାମୀ ମହେଶ୍ୱର ହିକକା, ଲକ୍ଷ୍ମୀପୁର ବ୍ଲକ ବିଧାୟକ ପ୍ରତିନିଧି ପାରଦା କୁଲୁସିକା, ଦିବାକର ବାଘଙ୍କ ସମେତ କୋଡିଙ୍ଗାମାଳି ପାରିପାର୍ଶ୍ୱିକ ଗ୍ରାମର ଲୋକେ ଯୋଗଦେଇଥିଲେ। ସେମାନେ ଆସନ୍ତା ୨୫ ଓ ୨ ତାରିଖର ଜନଶୁଣାଣିକୁ ବିରୋଧ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଯେ ପର୍ଯ୍ୟନ୍ତ କଂସାରିଗୁଡାଠାରେ କାରକାଖାନା ପ୍ରତିଷ୍ଠା କରାଯାଇ ନାହିଁ ସେ ପର୍ଯ୍ୟନ୍ତ କୌଣସି ଜନଶୁଣାଣି କି ବୈଠକ କରାଇଦେବୁ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହା ପରେ ଯଦି ଓଡିଶା ଖଣି ନିଗମ ଜନଶୁଣାଣି କରେ ତାହେଲେ ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସେଥିପାଇଁ ଜିଲା ପ୍ରଶାସନ, ଓଡିଶା ଖଣି ନିଗମ ଏବଂ ରାଜ୍ୟ ସରକାର ଦାୟୀ ରହିବେ ବୋଲି ୩ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଜନଶୁଣାଣି ତାରିଖ ଗଲା ପରେ ଡିସେମ୍ବର ୩ରେ ସିଙ୍ଗାରାମ ଷ୍ଟେସନରେ ରେଳ ରୋକୋ କରାଯିବ। କୋରାପୁଟ ଜିଲା ପ୍ରଶାସନଠାରେ କୋଡିଙ୍ଗାମାଳୀ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ପକ୍ଷରୁ କୁମୋ ହାଲବା, ବିନୁ ମାଣ୍ଡିଙ୍ଗା, ଅଗସ୍ତି ହାଲବା, ଜେ. ହିକକା ପ୍ରମୁଖ ଏହାକୁ ବିରୋଧ କରି ତୁରନ୍ତ ବାତିଲ କରିବା ପାଇଁ ଦାବି କରି ଜିଲାପାଳ ମଧୁସୁଧନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପତ୍ରର ନକଲ ଏସପି, ସ୍ଥାନୀୟ ତହସିଲଦାର, ବିଡିଓ, ଏସଡିପିଓ ରାୟଗଡା ଏବଂ ଓଏମସି ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER, KALAHANDI
RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in, Phone No.06670-230784
INVITATION OF BID THROUGH e-TENDERING
Bid Identification No.-24/EE/RWSS/2020-21/Bpt Dated 13.11.2020
No.O-564:- 01. Name of the work: As per ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 24/EE/RWSS/ 2020-21/Bpt Dated-13.11.2020 | 21.11.2020 10.00 A.M. | 14.12.2020 05.30 P.M. | 15.12.2020 10.00 A.M. onwards |

Cost of tender paper & payment of EMD to be made online payment system. Further details can be seen from the e-procurement portal http://tenderodisha.gov.in.
Sd./- Executive Engineer, Kalahandi RWS&S Division, Bhawanipatna
OIPR-25005/11/0007/2021

ଖରିଫ୍ ୨୦୨୦ର ଅମଳ ପରବର୍ତ୍ତୀ ଅଣଧାନ ଶସ୍ୟ ଯଥା ମୁଗ, ବିରି, ହରଡ଼, ଚିନାବାଦାମ, କପା, ଝୋଟ ଓ ମାଣ୍ଡିଆ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ କ୍ରୟ ନିମନ୍ତେ ବିଜ୍ଞାପନ

No. 40-L

ଡାଲି ଓ ତୈଳବୀଜ

ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି କି ଯେ ୨୦୨୦ ବର୍ଷ ଖରିଫ୍ ଋତୁରେ ଅମଳ କରାଯାଇଥିବା ଅଣଧାନ ଫସଲ ଯଥା ଡାଲି ଓ ତୈଳବୀଜ ଜାତୀୟ ଶସ୍ୟ ଯଥା ମୁଗ, ବିରି, ହରଡ଼, ଚିନାବାଦାମର ଅଭାବି ବିକ୍ରୀକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ MARKFED ମାଧ୍ୟମରେ ନିକଟସ୍ଥ ସମବାୟ ସମିତି (PACS/LAMPCS) ଦ୍ୱାରା ସରକାରଙ୍କ ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟ କ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି। ଏହା ରାଜ୍ୟର ସମସ୍ତ ଜିଲ୍ଲାରେ ଚାଷୀମାନଙ୍କ ଠାରୁ କ୍ରୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

ଉପଯୁକ୍ତ ମାନ ବହନ କରୁଥିବା ଫସଲର କ୍ୱିଣ୍ଟାଲ ପ୍ରତି ଧାର୍ଯ୍ୟ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ

| ଫସଲ | ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପ୍ରତି) |
|---|---|
| ମୁଗ | ୭୧୯୬ ଟଙ୍କା |
| ବିରି | ୬୦୦୦ ଟଙ୍କା |
| ଚିନାବାଦାମ | ୫୨୭୫ ଟଙ୍କା |
| ହରଡ଼ | ୬୦୦୦ ଟଙ୍କା |

ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଫସଲର ବଳକା ଶସ୍ୟ ରହିଅଛି, ସେମାନେ ନିକଟସ୍ଥ ଗ୍ରାମ୍ୟକୃଷି କର୍ମଚାରୀ / କୃଷି ଅଧିଦର୍ଶକଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ୍, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ PACS/LAMPCS/ RMC ରେ ପଞ୍ଜିକୃତ କରି ଏହି ସୁବିଧାର ଲାଭ ନିଅନ୍ତୁ। ଆବଶ୍ୟକ ସ୍ଥଳେ ସମ୍ପୃକ୍ତ ବ୍ଲକ / ଜିଲ୍ଲାର କୃଷି ଅଧିକାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ।

ମାଣ୍ଡିଆ

ଓଡ଼ିଶା ସରକାର ମଣ୍ଡି ମାଧ୍ୟମରେ ଚାଷୀଙ୍କ ଠାରୁ ଆଦିବାସୀ ଉନ୍ନୟନ ସମବାୟ ନିଗମ (TDCCOL) ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟ ଯଥା କ୍ୱିଣ୍ଟାଲ ପ୍ରତି ୩୨୯୫ଟଙ୍କାରେ ଖରିଫ୍ ଋତୁ ୨୦୨୦-୨୧ ପାଇଁ କ୍ରୟ କରିବେ। ଚାଷୀଭାଇ ଏବଂ ଭଉଣୀ ମାନେ ଏଥିପାଇଁ ତୁରନ୍ତ କୃଷି ବିଭାଗ ଓ ସେବା ସମବାୟ ସମିତି ମାଧ୍ୟବରେ ନିଜ ନାମକୁ ପଞ୍ଜୀକରଣ କରାନ୍ତୁ।

କପା

ଚଳିତ ବର୍ଷ ଉପଯକ୍ତ ମାନ ବହନ କରୁଥିବା କପାର ସର୍ବନିମ୍ନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୫୮୨୫ଟଙ୍କା (ଦୀର୍ଘ ତନ୍ତୁଯୁକ୍ତ କପା) ଏବଂ ୫୫୧୫ ଟଙ୍କା (ମଧ୍ୟମ ତନ୍ତୁଯୁକ୍ତ କପା) ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି। ଭାରତୀୟ କପା ନିଗମ ରାଜ୍ୟରେ କପା ସଂଗ୍ରହ ନିମନ୍ତେ ଜାତୀୟ ସଂସ୍ଥା ହିସାବରେ କାର୍ଯ୍ୟ କରୁଅଛି। କପା ଚାଷୀଭାଇ ମାନେ ନିଜ ଉତ୍ପାଦିତ କପାକୁ ନିର୍ଦ୍ଧାରିତ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ କପା ମଣ୍ଡିକୁ ଆଣି ଉଚିତ୍ ମୂଲ୍ୟରେ ବିକ୍ରୟ କରନ୍ତୁ। ମଣ୍ଡିକୁ କପା ଆଣିବା ପୂର୍ବରୁ ସ୍ଥାନୀୟ RMC ମଣ୍ଡି ଦ୍ୱାରା ନିଜ ନାମ ପଞ୍ଜୀକରଣ କରାଇ ନିୟନ୍ତ୍ରିତ ବଜାର କମିଟିରୁ ଟୋକେନ ସଂଗ୍ରହ କରି ନିଅନ୍ତୁ।

ଝୋଟ

ଚଳିତ ବର୍ଷ ଉପଯୁକ୍ତ ମାନ ବହନ କରୁଥିବା ଝୋଟର ସର୍ବନିମ୍ନ କ୍ୱିଣ୍ଟାଲ ପ୍ରତି ସହୟକ ମୂଲ୍ୟ ୪୨୨୫ ଟଙ୍କା ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି। ଭାରତୀୟ ଝୋଟ ନିଗମ ରାଜ୍ୟରେ ଝୋଟ ସଂଗ୍ରହ ନିମନ୍ତେ ଜାତୀୟ ସଂସ୍ଥା ହିସାବରେ କାର୍ଯ୍ୟ କରୁଅଛି। ଝୋଟ ଚାଷ କରୁଥିବା ଚାଷୀଭାଇ ମାନେ ସେମାନଙ୍କ ଉତ୍ପାଦିତ ଝୋଟକୁ ଭାରତୀୟ ଝୋଟ ନିଗମର ସଂଗୃହିତ କେନ୍ଦ୍ର ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିବା ନିମନ୍ତେ ଅନୁରୋଧ।

OIPR-01034/11/0019/2021

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

UTKAL UNIVERSITY
VANI VIHAR, BHUBANESWAR-751004, ODISHA
INDICATIVE ADVERTISEMENT
WALK-IN-INTERVIEW FOR EMPANELMENT OF GUEST/VISITING FACULTY
No.CPG/Adm/3795/2020 Date: 19.11.2020
**Applications are invited for empanelment of Guest/Visiting Faculty** in various Departments of the Utkal University. The empanelment of Guest/Visiting Faculty is purely temporary and for a period of one semester, likely to be extended for another semester on satisfactory performance. The candidates are requested to read the General Instructions and Qualifications carefully before filling up the application form. Minimum eligibility (Qualifications) shall be as per UGC Regulations on Minimum Qualification for Appointment of Teachers 2018 dated 18 July 2018. The honorarium for Guest/Visiting faculty is **Rs.1500/-** per lecture subject to a maximum of **Rs.50,000/-** per month. The Guest/Visiting faculty will NOT be given the benefit of allowances, pension, gratuity and leave etc. as admissible to the regular teachers.
The candidates seeking empanelment as Guest/Visiting Faculty are required to send the filled in prescribed application forms to **uuguestfaculty@gmail.com** on or before **25 November 2020** and come for walk in interview with the hard copy of the application along with the self-attested photocopies of the mark-sheets, certificates/ degrees and other relevant documents and original certificates and mark sheet. The date of walk in interview, prescribed application form and other details can be downloaded from the website of the Utkal University **www.utkaluniversity.nic.in**. The University reserves the right to withdraw partial or full notification without assigning any reason. Sd/-
Chairman, P.G. Council

ODISHA COOPERATIVE TASAR & SILK FEDERATION LTD. (SERIFED)
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-33(14)/SERIFED/2020-21/946/DT.16.11.2020
INVITATION FOR BIDS (e-Procurement)
The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work "Construction of 2nd floor of Tasar Silk Park at Bhagamunda TRCS, Keonjhar". The bid document such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period **dt. 27.11.2020 to 17:00 hours up to dt. 13.12.2020.** Online bids shall be received till **17.00 hours dt. 13.12.2020** & shall be opened at **11.30 AM on Dt. 14.12.2020.** Any addendum / corrigendum / cancellation of tender can also be seen in the said website.
Sd/-
MANAGING DIRECTOR

OFFICE OF THE
MUNICIPAL COUNCIL, TITILAGARH
Letter No. 2641/MUN(T) Dated: 19.11.2020
EXPRESSION OF INTEREST
Executive Officer, on behalf of Titilagarh Municipality, Dist.-Bolangir invites sealed quotation in plain paper from Registered/ Experienced/ Reputed Consultant/ Architects having valid Income Tax & GST Registration Certificate for the work.
1. Preparation of DPR for Construction of Town Library-cum-Modern Market Building & Shelter for Urban Homeless (SUH) Building to be taken up by this Municipality. The quotationer should furnish their rate in % of rate over the cost of DPR.
Only those bidders who have rendered similar projects successfully of Project Cost more than 60 lakhs in any Govt. organisation shall be considered. The quotation paper along with all documents shall be received in the Office of the Executive Officer, Titilagarh Municipaltiy through Regd. Post/Speed Post or by person on or before date 02.12.2020 upto 5.00 P.M. and the same will be opened on 04.12.2020 at 11.00 A.M. in the presence of the quotationer or their authorized representative in the office of the undersigned. The quotation received beyond the schedule date and time will not be considered at all.
The undersigned reserve the right to accept/cancel/reject any or all the quotations without assigning any reason thereof.
Sd./- Executive Officer
Titilagarh Municipality

## ପାଟଣା ରେଞ୍ଜରେ ହାତୀ ଉପଦ୍ରବ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲରେ ୭ ବଣୁଆ ହାତୀ ପହଞ୍ଚିଛନ୍ତି। ହାତୀ ପଲରେ ୨ ଦନ୍ତା ହାତୀ, ୩ ମାଈ ହାତୀ ଓ ଗୋଟିଏ ଛୁଆ ହାତୀ ରହିଛନ୍ତି। ୬ଦିନହେବ ଏହି ହାତୀ ପଲ ତଣ୍ଡ ବିଟ କାଳିଘାଇ, ରୋହିଣୀ ଦୁମା, ଷଡଙ୍ଗ ବାହାଳି, ପିଚ୍ଛୁଲାବେଡା ଓ ବଣ ମହୁଲଡିହା ଅଞ୍ଚଳରେ ଚାଷୀଙ୍କ ବିଲ ଓ ଖଳାରେ ଅମଳ ପାଇଁ ମହଜୁଦ ଥିବା ଧାନ ଫସଲ ଖାଇବା ସହ ମାଡି ଦଳି ନଷ୍ଟ କରିଛନ୍ତି।



## ସଂକ୍ଷେପରେ

### ଜାଲ୍ ଦିବ୍ୟାଙ୍ଗ ପ୍ରମାଣପତ୍ରରେ ଶିକ୍ଷକ ଚାକିରି ଅଭିଯୋଗ

ବାରିପଦା ଅଫିସ,୧୯।୧୧: ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଜଣେ ଜିଲା ପରିଷଦ(ଜେଡ୍‌ପି) ଶିକ୍ଷକ ଜାଲ ଦିବ୍ୟାଙ୍ଗ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଅଭିଯୋଗ ହୋଇଛି। ଏନେଇ ଡାଇରେକ୍ଟୋରେଟ ଅଫ୍ ଏଲିମେଣ୍ଟାରୀ ଏଜୁକେଶନ ଓଡ଼ିଶାଙ୍କ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ଚିଠି ନଂ.୧୯୦୩୯/୨୭।୧୦।୨୦ରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇଛି। ସୂଚନା ଅନୁଯାୟୀ, ବାରିପଦାସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜେଡ୍‌ପି ଶିକ୍ଷକଜଣକ ଜାଲ୍ ପ୍ରମାଣପତ୍ର ଦେଇ ଚାକିରି କରିଥିବା ନେଇ ସୂଚନା ଅଧିକାର କର୍ମୀ ଶରତ ରଣା ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ନିକଟରେ ୩୦ ଜୁଲାଇରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଉପରୋକ୍ତ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।

### ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା

ବାରିପଦା ଅଫିସ,୧୯।୧୧: ବିଦ୍ୟୁତ୍ ସରବାରହ ବନ୍ଦ ପ୍ରତିବାଦରେ ୩ଟି ଗ୍ରାମର ଶତାଧିକ ଉପଭୋକ୍ତା ଗୁରୁବାର ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର କୋଚିଲାଖୁଣ୍ଟା ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ବେତନଟୀ ବ୍ଲକ ଅଧୀନ ଡୁମାପଦା, ଶଙ୍ଖଯୋଡ଼ ଏବଂ ବଡ଼ସାହି ବ୍ଲକର ଜୁଣପଦା ଆଦି ୩ଟି ଗ୍ରାମର ନିର୍ଦ୍ଦିଷ୍ଟ କେତେଜଣ ଉପଭୋକ୍ତା ବିଦ୍ୟୁତ ବିଲ୍ ପୈଠ କରି ନ ଥିବାରୁ ସମଗ୍ର ଗାଁକୁ ବିଦ୍ୟୁତ୍ ସଂଯୋଗ ବନ୍ଦ କରାଯାଇଥିବାରୁ ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ବେତନଟୀ ନେସ୍କୋ ଏସଡିଓ ଶଶୀଭୂଷଣ ପାଲ ଏବଂ ଯନ୍ତ୍ରୀ ଅଶ୍ୱନୀ କୁମାର ସାହୁ ପହଞ୍ଚି ଉତ୍ତେଜିତ ଉପଭୋକ୍ତାଙ୍କୁ ବୁଝାସୁଝା କରିବା ସହିତ ବକେୟା ବିଲ୍ ଆଦାୟ ଉପରେ ଗୁରୁତ୍ୱ ଦେଇ ବିଦ୍ୟୁତ୍ ସଂଯୋଗ ଦେବାରୁ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ବାରିପଦା ଅଫିସ,୧୯।୧୧: ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା-ଉଦଳା ରାସ୍ତାର ଉତ୍ତରପାଳ ଛକ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ପଶୁଦା ଗ୍ରାମର କୃପାନିଧି ମିଶ୍ର। ଆହତ ବାଲେଶ୍ୱର ଜିଲା ଦୁର୍ଗାଦେବୀ ନିକଟସ୍ଥ ଭୂଇଁଛଡ଼ା ଗ୍ରାମର ଜିତୁ ଦଣ୍ଡପାଟ ଓ ସୁରେନ୍ଦ୍ର ବିନ୍ଧାଣୀଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବେତନଟୀ ଓ ପରେ ବାରିପଦା ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, କୃପାନିଧି ଏକ ବାଇକ୍‌ରେ ବୈଶିଙ୍ଗା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହିତ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କୃପାସିନ୍ଧୁଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଡିସେମ୍ବର ୨ରୁ ଧାନ କିଣା

- ୭ଦିନ ପୂର୍ବରୁ ଚାଷୀଙ୍କ ମୋବାଇଲ୍‌କୁ ଆସିବ ମେସେଜ୍
- ୧୬୯ ମଣ୍ଡିରୁ କ୍ରୟ ହେବ ଧାନ
- ମିଲର ଟାଳଟୁଳ ନୀତି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ବାଲେଶ୍ୱର ଅଫିସ,୧୯।୧୧



ବାଲେଶ୍ୱର ଜିଲାରେ ଆସନ୍ତା ଡିସେମ୍ବର ୨ ତାରିଖରୁ ଧାନ କିଣା ଆରମ୍ଭ ହେବ। ୭ଦିନ ପୂର୍ବରୁ ଚାଷୀଙ୍କ ମୋବାଇଲ୍‌କୁ ଆସିବ ମେସେଜ୍। ଜିଲାରେ ମୋଟ୍ ୭୯,୭୨୪ ଜଣ ଚାଷୀ ନିଜର ନାମ ପଞ୍ଜୀକରଣ କରିଥିବା ବେଳେ ୧୪୩ଟି ସୋସାଇଟି ୧୬୯ଟି ମଣ୍ଡିରୁ ଧାନ କ୍ରୟ ହେବ। ଧାନ କ୍ରୟରେ ମିଲର କିମ୍ବା ମଣ୍ଡିରେ ଟାଳଟୁଳ ନୀତି ଅବଲମ୍ବନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗାଣ ବିଭାଗ ଅଧିକାରୀମାନଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି।

ଚଳିତବର୍ଷ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସୋସାଇଟି ଏବଂ ମଣ୍ଡିକୁ କୋଭିଡ୍-୧୯ ପାଇଁ ସାନିଟାଇଜ୍ କରାଯାଇ କୋଭିଡ୍ ନିୟମକୁ ପାଳନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗତବର୍ଷ ଚାଷୀଙ୍କଠାରୁ ମୋଟ ୧୨,୭୧,୨୮୨ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବେଳେ ଚଳିତବର୍ଷ ୧୩,୫୭,୩୫୨ କୁଇଣ୍ଟାଲ ଧାନ ପ୍ରଥମ ପର୍ଯ୍ୟାୟରେ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟର ଲକ୍ଷ୍ୟ ଧାର୍ଯ୍ୟ କରାଯିବ। ଜିଲାରେ ନିର୍ଦ୍ଧାରିତ ସୋସାଇଟି ଓ ମଣ୍ଡିରୁ ଧାନ କ୍ରୟ ପରେ ସେମାନେ ୨୩ଟି ମିଲରଙ୍କୁ ଧାନ ଦେବେ। ଏହି ସୋସାଇଟି ମଧ୍ୟରୁ ବାହାନଗା ବ୍ଲକରେ ୧୦, ବାଲିଆପାଳ ବ୍ଲକରେ ୧୬, ବସ୍ତା ବ୍ଲକରେ ୧୨, ଭୋଗରାଇ ବ୍ଲକରେ ୧୯, ସଦରରେ ୧୯, ଜଳେଶ୍ୱର ବ୍ଲକରେ ୧୯ଟି ସୋସାଇଟି ରହିଛି। ସେହିପରି ଖଇରାରେ ୧୪, ନୀଳଗିରିରେ ୨, ଔପଦାରେ ୮, ରେମୁଣାରେ ୧୨, ସିମୁଳିଆରେ ୬, ସୋର ବ୍ଲକରେ ୭ଟି ସୋସାଇଟି ଚାଷୀଙ୍କ ନିକଟରୁ ଧାନ କ୍ରୟ କରିବେ। ନାମ ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଧାନ ବିକ୍ରି କରିବାର ସମସ୍ତ ସୁବିଧା ଯୋଗାଇ ଦିଆଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସାଧାରଣତଃ ପୂର୍ବବର୍ଷଗୁଡ଼ିକରେ ଚାଷୀ ସୋସାଇଟିରେ ଧାନ ବିକ୍ରି କରନ୍ତି। ମାତ୍ର ମିଲରଙ୍କ ମନମାନି ଯୋଗୁ ସୋସାଇଟିରୁ ଧାନ ଉଠାଯାଏନି। ଖରାବର୍ଷାରେ ଧାନ ବାହାରେ ରହି ନଷ୍ଟ ହୁଏ। ଚାଷୀଙ୍କୁ ଟଙ୍କା ମିଳେନି। ମାତ୍ର ଏଥର ଜିଲା ପ୍ରଶାସନ ଏହା ଉପରେ ତୀକ୍ଷ୍ଣ ନଜର ରଖିବ। ସୋସାଇଟିରୁ ମିଲର ଧାନ ନେବାରେ ଟାଳଟୁଳ ନୀତି କଲେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ସେମାନଙ୍କ ଲାଇସେନ୍ସକୁ ମଧ୍ୟ ବାତିଲ୍ କରାଯାଇପାରେ ବୋଲି ଚେତାବନୀ ଦିଆଯାଇଛି। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଧାନର ମୂଲ୍ୟ ମଧ୍ୟ ବୃଦ୍ଧି କରାଯାଇଛି। ଗତବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ଥିଲା ୧୮୧୫ ଟଙ୍କା। ଗ୍ରେଡ୍-ଏ ଧାନର ପ୍ରତି କୁଇଣ୍ଟାଲର ଦାମ୍ ଥିଲା ୧୮୩୫ ଟଙ୍କା। ତେବେ ଚଳିତବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ରହିଛି ୧୮୬୮ଟଙ୍କା। ସେହିଭଳି ଗ୍ରେଡ୍-ଏ ଧାନର କୁଇଣ୍ଟାଲର ଦାମ୍ ରହିଛି ୧୮୮୮ ଟଙ୍କା। କ୍ଷୁଦ୍ରଚାଷୀଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତିଦିନ ଯେତେ ଧାନ ବିକ୍ରି ହେବ ସେଥିରୁ ୮୦ପ୍ରତିଶତ ଧାନ କ୍ଷୁଦ୍ର ଚାଷୀଙ୍କଠାରୁ ଆଗ କ୍ରୟ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ଚାଷୀ ଧାନକ୍ରୟକୁ ନେଇ କିଛି ବି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀଙ୍କ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଚାଷୀମାନଙ୍କୁ ନିବେଦନ କରିଛନ୍ତି।

# ମହିଳାଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ



ଡାକ୍ତରଖାନା ପରିସରରେ ଉତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

ବାରିପଦା ଅଫିସ,୧୯।୧୧

### ଡାକ୍ତରଖାନା ପରିସରରେ ଉତ୍ତେଜନା

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୂଷାମାରୀ ଗ୍ରାମର ଜଣେ ମହିଳାଙ୍କୁ ଅଧିକ ଯୌତୁକ ଦାବିରେ ଶାଶୁ ଘର ଲୋକେ ବିଷ ପିଆଇ ମାରିଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୨୨୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ବିଳମ୍ବିତ ରାତିରେ ବାରିପଦା ପିଆର୍‌ଏମ ମେଡିକାଲରେ ମୃତଦେହ ରଖି ଶାଶୁ ଘର ଲୋକେ ଫେରାର ହୋଇଯାଇଥିବାରୁ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସଦର ଏସ୍‌ଡିପିଓ କେ.କେ ହରିପ୍ରସାଦ ଓ ସବ୍ ଇନିସପେକ୍ଟର ଅଶୋକ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ପୋଲିସ ସୂଚନା ଅନୁଯାୟୀ, ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମର ଶ୍ରୀକୃଷ୍ଣ ମଣ୍ଡଳଙ୍କ ଝିଅ ଝରଣାଙ୍କୁ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୂଷାମାରୀ ଗ୍ରାମର ସୁଦର୍ଶନ ତରାଇଙ୍କ ପୁଅ ମନୋରଞ୍ଜନ ୨ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ଅଧିକ ଯୌତୁକ ଆଣିବା ପାଇଁ ଶ୍ୱଶୁର ସୁଦର୍ଶନ, ଶାଶୁ ସରସ୍ୱତୀ, ଦେଢ଼ଶୁର ପ୍ରଶାନ୍ତ, ଦୁଇ ନଣନ୍ଦ ଡଲି ବେହେରା ଓ ମାମି, ନଣନ୍ଦେଇ ଟିକନ ବେହେରା ଓ ତପନ ମିଳିତ ଭାବେ ନିର୍ଯାତନା ଦେଇଆସୁଥିଲେ । ଏ ନେଇ ଉଭୟ ପରିବାର ମଧ୍ୟରେ ବୁଝାମଣା ହୋଇଥିଲେ ବି ନିର୍ଯାତନା ବନ୍ଦ ହୋଇ ନ ଥିଲା । ବୁଧବାର କୌଣସି କାରଣରୁ ଝରଣା ବିଷପିଇ ଦେଇଥିବା ବାପଘର ଲୋକେ ଜାଣିବାକୁ ପାଇଥିଲେ। ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ମୃତଦେହକୁ ପିଆର୍‌ଏମ ମେଡିକାଲରେ ରଖି ଦେଇ ଶାଶୁ ଘର ଲୋକେ ସେଠାରୁ ପଳାଇ ଯାଇଥିଲେ। ବାପ ଘର ଲୋକେ ମୃତଦେହ ନେଇ ଆସିଥିବା ଗାଡ଼ିର ଡ୍ରାଇଭରଙ୍କୁ ଅଟକ ରଖିବା ପରେ ଶ୍ୱଶୁର ସୁଦର୍ଶନ ଡାକ୍ତରଖାନାରେ ପହଞ୍ଚି ଥିଲେ। ଏନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

# ବାଲେଶ୍ୱର ଲୋକମଞ୍ଚର ଦାବିପତ୍ର



'ବାଲେଶ୍ୱର ଲୋକମଞ୍ଚ' ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାଲେଶ୍ୱର ଅଫିସ,୧୯।୧୧

### ସରୁନି ଏମ୍ସ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟରେ ଏମ୍ସ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା ଲାଗି ୨୦୧୩-୧୪ରେ କେନ୍ଦ୍ର ସରକାର ସ୍ଥିର କରିଥିଲେ। ଏହାଦ୍ୱାରା ଉତ୍ତରଓଡ଼ିଶାର ୪ଟି ଜିଲା ଏବଂ ପଡ଼ୋଶୀ ରାଜ୍ୟର ଲୋକମାନେ ଉପକୃତ ହେବେ। ଅନ୍ୟପକ୍ଷରେ ବିପିଏଲ ହିତାଧିକାରୀମାନଙ୍କୁ ବିଶେଷ ସହାୟତା ମିଳିବ ବୋଲି ଘୋଷଣା ହୋଇଥିଲା। ହେଲେ ଆଜକୁ ୬ବର୍ଷ ହେବ ଏହି କାର୍ଯ୍ୟର ଶେଷ ହୋଇନାହିଁ। ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁବାର ବାଲେଶ୍ୱର ଲୋକମଞ୍ଚ ତରଫରୁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଏହି ସ୍ୱତନ୍ତ୍ର ହସ୍ପିଟାଲ ଘୋଷଣା ହେବା ପରେ ଜିଲାପ୍ରଶାସନ ପକ୍ଷରୁ ୨୦୧୪ ଅଗଷ୍ଟରେ ସମଲପୁର-ବାମ୍‌ପଦା ମୌଜା ନିକଟରେ ୨୫ ଏକର ଜମି ଚିହ୍ନଟ ସହ କେନ୍ଦ୍ରକୁ ଅବଗତ କରାଯାଇଥିଲା। ପରେ ୫ଜଣିଆ ପ୍ରତିନିଧି ଦଳ ସ୍ଥାନ ପରିଦର୍ଶନ କରିଥିଲେ। ସ୍ଥାନ ଚିହ୍ନଟ ପରେ କେନ୍ଦ୍ରର ୨କୋଟି ଅର୍ଥରେ କେବଳ ପାଚେରି ନିର୍ମାଣ କରାଯାଇଛି। ଅନ୍ୟପକ୍ଷରେ ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ ଚାଲୁଥିବା ପରିଲକ୍ଷିତ ହେଉଛି। ଏହି କାର୍ଯ୍ୟକୁ ଦ୍ରୁତିତ୍ କରିବା ପାଇଁ 'ବାଲେଶ୍ୱର ଲୋକମଞ୍ଚ' ପକ୍ଷରୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ମଞ୍ଚର ଆବାହକ ବିକ୍ରମ ପଣ୍ଡା, ସଭାପତି ଅସିତ ଦାସ ଓ ସାଧାରଣ ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ, ଯୁଗ୍ମ ଆବାହକ ଜୟରାମ ଦାସ ଓ ନୀଳମତ ଦାସ, ଉପ-ସଭାପତି ନିଶିଥ ବାରିକ, ତାପସ ଦାସ, ସମ୍ପାଦକ ଶୁଭମ ସାଇ ମହାପାତ୍ର, ଜୟଶ୍ରୀ ବିଶ୍ୱାଳ ଓ ସମ୍ପିତ ବିଶ୍ୱାଳ, ଉପଦେଷ୍ଟା ପ୍ରଦୀପ୍ତ ମହାପାତ୍ର, ଜ୍ୟୋତିର୍ମୟୀ ସାମଲ, ରାଜଲକ୍ଷ୍ମୀ ପଟ୍ଟନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଭାଗ୍ୟ ଉଦିତଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# 'ରାସ୍ତା ପାଇଁ ଜନ ଆନ୍ଦୋଳନ ଡାକରା ଲୋକଦେଖାଣିଆ'

ଭଣ୍ଡାରିପୋଖରୀ,୧୯।୧୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଚଳଚଞ୍ଚଳ ରାସ୍ତା ଭାବେ ପରିଚିତ ଛତାବର-ନୀଳକ ରାସ୍ତାର ସ୍ଥାୟୀ ମରାମତି ଲାଗି ଶୁକ୍ରବାର ଜନ ଆନ୍ଦୋଳନ ପାଇଁ ଡାକରା ଦେଇଛି ଭାଜପା। ତେବେ ଭାଜପାର ଜନ ଆନ୍ଦୋଳନ ଡାକରା ଲୋକଦେଖାଣିଆ କହି ଭଣ୍ଡାରିପୋଖରୀ ବିଜେଡି ତୀବ୍ର ନିନ୍ଦା କରିଛି। ଏନେଇ ଗୁରୁବାର ସ୍ଥାନୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ରାସ୍ତାର ସ୍ଥିତି ଓ ଜନଆନ୍ଦୋଳନ ଡାକରା ସମ୍ପର୍କରେ ବିଜେଡି ନେତାମାନେ ମତ ରଖିଛନ୍ତି। ବିଜେଡି ପକ୍ଷରୁ କୁହାଯାଇଛି ଯେ, ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ସ୍ଥାନୀୟ ବିଧାୟକ ଓ ଏମ୍‌ପି ସଦା ତତ୍ପର ଥିବାବେଳେ କେନ୍ଦ୍ରୀୟ ବିଭାଗ ନାବାର୍ଡର ଅନୁଦାନକୁ ଅପେକ୍ଷା କରାଯାଇଛି। ଏପରି ସ୍ଥଳେ ଭାଜପା ଲୋକଙ୍କୁ ଅଯଥାରେ ବିଭ୍ରାନ୍ତି କରିବା ଲାଗି ଜନଆନ୍ଦୋଳନ ଡାକରା ଦେଉଛି। ସେହିପରି ଏହା ପୂର୍ବରୁ ରହଣିଆ ପଞ୍ଚାୟତ ବୋଧପଡ଼ାଠାରେ ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟା ଯୋଗୁ ଜରୁରିକାଳୀନ ଭାବେ ଏକ ରାସ୍ତା ନିର୍ମାଣ ବେଳେ ମଧ୍ୟ ଭାଜପା ବିଭ୍ରାନ୍ତିକର ତଥ୍ୟ ଦେଇ ଲୋକଙ୍କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବା ଘଟଣା ହାସ୍ୟାସ୍ପଦ। ଜିଲା ବିଜେଡି ଛାତ୍ର ସଭାପତି ଦୀପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ, ବ୍ଲକ ବିଜେଡି ଯୁବ ସଭାପତି ଲଳିତ ରାଉତ, ନାଆଁମୀ ସରପଞ୍ଚ ସଦାଶିବ ଦାସ, ସମିତିସଭ୍ୟ ପ୍ରଦୀପ କୁମାର ଜେନା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ଗାଡ଼ି ଅଟକାଇଲେ ଗ୍ରାମବାସୀ



ସାନିଟାଇଜିଙ୍ଗ୍ ଇନଚାର୍ଜ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଚମ୍ପୁଆ, ୧୯।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ପାଞ୍ଚପୋଖରିଆ ଠାରେ ନିର୍ମାଣ ହେଉଥିବା ମାଇକ୍ରୋ କମ୍ପୋଷ୍ଟିଙ୍ଗ ପ୍ଲାଣ୍ଟର ବାଉଣ୍ଡରି ନଥିବାରୁ ସହରାଞ୍ଚଳରୁ ସଂଗୃହ ହେଉଥିବା ଆବର୍ଜନା ସେଠାରେ ପକାଯାଉଛି। ଏହି ଆବର୍ଜନା ବିଭିନ୍ନ ମସୟରେ ପବନ ଦ୍ୱାରା ଉଡି ସ୍ଥାନୀୟ ଲୋକଙ୍କ ଚାଷ ଜମିରେ ପଡୁଥିବାରୁ ଏହାକୁ ବିରୋଧ କରି ଗୁରୁବାର ଏକ ଘଣ୍ଟା ଧରି ଗ୍ରାମବାସୀ ଆବର୍ଜନା ବୁହା ଗାଡିକୁ ଅଟକାଇଥିବା ଜଣାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ନିର୍ମାଣ ପୂର୍ବରୁ ପ୍ରଶାସନ ପକ୍ଷରୁ ପ୍ଲାଣ୍ଟ ନିର୍ମାଣ ଓ ପାଚେରୀ ଘେରାଉ ପରେ ସେଠାରେ ଆବର୍ଜନା ପକାଯିବା କଥା। ଏପରିକି ଏହି ପ୍ଲାଣ୍ଟ ନିର୍ମାଣ ପାଇଁ ସହମତି ପ୍ରକାଶ କରିଥିବା ଗ୍ରାମବାସୀଙ୍କୁ ଏନ୍‌ଏସି ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇ ନାହିଁ। ଏକ ଘଣ୍ଟା ପରେ ଚମ୍ପୁଆ ଏନ୍‌ଏସି ସାନିଟାଇଜିଙ୍ଗ ଇନଚାର୍ଜ ବିଜୟ କୁମାର ମିଶ୍ର ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହିତ ୭ ଦିନ ମଧ୍ୟରେ ଆବର୍ଜନା କରୁଥିବା ସ୍ଥାନ ଗୁଡିକରେ ଘେରାଉ କରାଯାଇ କିପରି ଆବର୍ଜନା ପକାଯିବ ଏବଂ ଉକ୍ତ ଗ୍ରାମ ରାସ୍ତାରେ ମୋରମ ପକାଇ ରାସ୍ତା ସମତୁଲ କରାଯିବ ବୋଲି କହିବା ପରେ ଗ୍ରାମବାସୀ ବର୍ଯ୍ୟବସ୍ତୁ ପରିଚାଳନା ଗାଡି ଗୁଡିକୁ ଛାଡିଥିଲେ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମିଳିଲା ଅତ୍ୟାବଶ୍ୟକ ସାମଗ୍ରୀ

ବନ୍ତ,୧୯।୧୧(ଡି.ଏନ୍.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁଅତ୍ୟାବଶ୍ୟକସାମଗ୍ରୀପ୍ରଦାନ କରାଯାଇଛି। ୫ ଜଣଙ୍କୁ ଟ୍ରାଇସାଇକେଲ, ୬ ଜଣଙ୍କୁ ହୁଇଲ୍ ଚେୟାର, ୭ ଜଣଙ୍କୁ ଶ୍ରବଣ ଯନ୍ତ୍ର ଓ ୧୦ ଜଣଙ୍କୁ ଆଶାବାଡ଼ି ଦିଆଯାଇଥିଲା। ସାମାଜିକ ଦୂରତା ମଧ୍ୟରେ ଅଭିଭାବକମାନେ ଉପସ୍ଥିତ ରହି ଏହି ସାମଗ୍ରୀ ଗ୍ରହଣ କରିଥିଲେ। ସାମଗ୍ରୀ ପ୍ରଦାନ କରିଥିଲେ ବ୍ଲକ ସମ୍ବଳ ଶିକ୍ଷୟିତ୍ରୀ ଟୁନାବାଳା ଦାଶ ଓ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ। ସ୍ୱେଚ୍ଛାସେବୀ ଶିକ୍ଷକ ସତ୍ୟନାରାୟଣ ଦାସ, ବିଷ୍ଣୁ ନାରାୟଣ ପରିଡ଼ା, ଆଶୁତୋଷ ଲେଙ୍କା, ମହେଶ୍ୱର ଲେଙ୍କା ଓ ଶିକ୍ଷୟିତ୍ରୀ ଆଶାଲତା ନାୟକ ସହଯୋଗ କରିଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

ବାଲେଶ୍ୱର ଅଫିସ, ୧୯।୧୧

ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ପରିସରରେ ପୌରପାଳିକା ଦ୍ୱାରା ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥି, ସୁପରଭାଇଜରମାନଙ୍କୁ ନେଇ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଶହରୁ ଉର୍ଦ୍ଧ୍ୱ ସଫେଇ କର୍ମଚାରୀ ଉପସ୍ଥିତ ରହି ତାଲିମ ନେଇଥିଲେ।

ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ସପନ କୁମାର ମହାନ୍ତି ଶିବିରରେ ଅଧ୍ୟକ୍ଷତା କରିଥିଲେ। ସହରକୁ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥି ଓ ସୁପରଭାଇଜରଙ୍କ କ'ଣ ଭୂମିକା ରହିଛି, ସେ ବିଷୟରେ ପରିମଳ ବିଶେଷଜ୍ଞ, ଉତ୍ସବ ଭଦ୍ର, ବିସ୍ମିତ ବେହୁରା ଓ ଶୁଭକାନ୍ତ ନାୟକ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ପୌରପାଳିକାର ସ୍ୱଚ୍ଛ ଭାରତ ମିଶନ ପ୍ରମୁଖ ଅଧିକାରୀ ବ୍ରଜଗୋପାଳ ଘୋଷ ମହାପାତ୍ର ସ୍ୱଚ୍ଛ ସର୍ବେକ୍ଷଣ-୨୦୨୧ରେ କିପରି ବାଲେଶ୍ୱର ସହର ଭଲ ର୍‍ୟାଙ୍କ ରଖିବ ଓ ଘରୁ ଅଳିଆକୁ କିପରି ଅଲଗା କରାଯିବ, ଲୋକେ ଏଠି ସେଠି ଅଳିଆ ନ ପକାଇ ସଫେଇ କର୍ମଚାରୀଙ୍କୁ କିପରି ଦେବେ ସେନେଇ ଲୋକଙ୍କୁ ସଚେତନ କରାଇବା ବାବଦରେ ଆଲୋକପାତ କରିଥିଲେ। ଏଥିସହିତ ବାଲେଶ୍ୱର ସହରକୁ ସାରା ଓଡ଼ିଶାରେ ୧ ନମ୍ବର କରିବା ପାଇଁ ଉଦ୍ୟମ ଆବଶ୍ୟକ ଏବଂ ଗୋଷ୍ଠୀ ଶୌଚାଳୟ, ଜନସାଧାରଣ ଶୌଚାଳୟକୁ ସ୍ୱଚ୍ଛତା ରଖିବା ଦିଗରେ ସମସ୍ତେ ଚେଷ୍ଟିତ ହେବା ଦରକାର ବୋଲି ପରିମଳ ପରିଦର୍ଶକ କମଳ ଲୋଚନ ପାତ୍ର କହିଥିଲେ। ଗୋଷ୍ଠୀ ସଙ୍ଗଠିକା ମମତା ପଣ୍ଡା ଏବଂ ଚନ୍ଦ୍ରକାନ୍ତି ରାଉତ ସ୍ୱଚ୍ଛତା ବିଷୟରେ ସଚେତନ କରାଇବା ସହିତ ସ୍ୱଚ୍ଛ ବାଲେଶ୍ୱର ଗଠନ ଦିଗରେ ସଫେଇ କର୍ମଚାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶେଷରେ ପରିମଳ ପରିଦର୍ଶକ ମହମ୍ମଦ ଅନାୟତ ରେଜାଉଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପରିମଳ ପରିଦର୍ଶକ ମୁକୁନ୍ଦ ମହାଳିକ, ସାନିଟେସନ୍ କଣ୍ଟ୍ରାକ୍ଟର ଓ ଅନ୍ୟାନ୍ୟ ସୁପରଭାଇଜରମାନେ ଉପସ୍ଥିତ ଥିଲେ।

# ସୁଧୁରୁନି ଏନ୍‌ଏଚ୍‌ର ଦୁରବସ୍ଥା

ଆନନ୍ଦପୁର,୧୯।୧୧(ସ୍ୱ.ପ୍ର.)

ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ଆନନ୍ଦପୁର ଦେଇ ଯାଇଥିବା ପାଣିକୋଇଲିରୁ ରିମୁଳି ଅଧପନ୍ତରିଆ ୨୦ ନଂ ଜାତୀୟ ରାଜପଥ ଦୀର୍ଘ ବର୍ଷ ପରେ ବି ଅବସ୍ଥାର ସୁଧାର ଆସିପାରୁନି। ଜିଲା ସଡକ ଠୁ ବି ନିମ୍ନ ଧରଣର ଅଧପନ୍ତରିଆ ରାସ୍ତାରେ ଦୈନିକ ଶହ ଶହ ଦୁର୍ଘଟଣା ନଜରକୁ ଆସୁଛି। ହେଲେ ପ୍ରଶାସନର ଚେତା ପଶୁନି। ଏକ ଥାକିଆ ଅସଜଡ଼ା ଜାତୀୟ ରାଜପଥରେ ଦୈନିକ ହଜାର ହଜାର ଭାରିଯାନ ଲୁହାପଥର ସାମଗ୍ରୀ ନେଇ ଯାଉଥିବା ଯାନବାହାନ ଯୋଗୁ ରାସ୍ତ ଖାଲଖମାରେ ଭର୍ତ୍ତି ହୋଇଛି। ବ୍ରିଟିଶ ଅମଳର ଅଣଓସାରିଆ ବିପଦପୂର୍ଣ୍ଣ ଆନନ୍ଦପୁର ବେଲବାହାଲି ଠାରେ ଥିବା ଭଙ୍ଗା ସେତୁ ଉପରେ ଯାତାୟତ ନିର୍ଭର କରାଯାଉଥିବାବେଳେ ଦିବସର ଅଧିକାଂଶ ସମୟ ଟ୍ରାଫିକ୍ ଜାମର ଶିକାର ହେବାକୁ ପଡୁଛି।



ଏନ୍‌ଏଚ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଅତଡ଼ା ଖାଇଛି।

ଆନନ୍ଦପୁର ଉପଖଣ୍ଡର ଦରଖଳା ଠାରେ ଜାତୀୟ ରାଜପଥ ମରଣ ଯନ୍ତା ପାଲଟିଛି। ବିଭିନ୍ନ ସ୍ଥାନରେ ସର୍ଭିସ ରୋଡ ଯଥା ରାମଚନ୍ଦ୍ରପୁର ଥାନା ଅଧିନ ଜର୍ଦ୍ଦା, ପଦନା, ସାଇଁକୁଳ, ଘସିପୁରା ଥାନା ଅଧିନ ବାରିଗାଁ, ଶାଳପଡା, ଘସିପୁରା, ଗୋହିରା, ଧକୋଠାର କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବରୁ ଆନନ୍ଦପୁର ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଓ ଚିଫ୍ ଜୋନାଲ ମ୍ୟାନେଜର୍ ଙ୍କୁ ଚିଠି (ନଂ ୩୩୩୧ /ଜିଏଣ୍ଡଏମ /୨୮।୦୬।୨୦୧୯)ରେ ଅବଗତ କରାଇଥିଲେ। ଜାତୀୟ ରାଜପଥର ନୈରାଶ୍ୟ ଜନକ ଅବସ୍ଥାକୁ ଲକ୍ଷକରି ଉପଖଣ୍ଡ ମାଜିଷ୍ଟ୍ରେଟ୍ ସିଏମସି ନଂ ୨୮ଅଫ୍‌୨୦୨୦ରେ ସିଜିଏମ ଓ ପ୍ରୋଜେକ୍ଟ ଡାଇରେକ୍ଟର ଏନଏଇଆଇଙ୍କୁ ପକ୍ଷଭୁକ୍ତ କରି ରାସ୍ତାର ଦୁରବସ୍ଥା ନେଇ ମକଦ୍ଦମା କରିଥିଲେ। ୨୦୨୦ମସିହା ଅଗଷ୍ଟ ୬ତାରିଖରେ ଉପଖଣ୍ଡ ମାଜିଷ୍ଟ୍ରେଟ୍ କୋର୍ଟ ତାଙ୍କର ଆଦେଶରେ ଜାତୀୟ ରାଜପଥ ଚିଫ୍ ଜେନେରାଲ ମ୍ୟାନେଜର, ଭୁବନେଶ୍ୱର ଓ ପିଡି କେନ୍ଦୁଝରଙ୍କୁ ସର୍ବସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩ ମାସ ମଧ୍ୟରେ ଅବଶିଷ୍ଟ ବଳକା ରାସ୍ତାକୁ ସମ୍ପୂର୍ଣ୍ଣ କରିବା ଏବଂ ଅସଜଡା ରାସ୍ତାକୁ ସୁଧାର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆନନ୍ଦପୁର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶନାମା ସତ୍ତ୍ୱେ ବି ୨୦ ନଂ ଜାତୀୟ ରାଜପଥ ସମସା ସୁଧୁରୁ ନାହିଁ। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ଜାତୀୟ ରାଜପଥର ସମ୍ପୂର୍ଣ୍ଣ ରୂପରେଖ ଦେବାକୁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ନଭେମ୍ବର ୨୦୨୦



## ଶିକ୍ଷୟିତ୍ରୀଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ୍

ଝୁମ୍ପୁରା, (ଡି.ଏନ.ଏ.): କେନ୍ଦୁଝର ଜିଲା ବାରିଆ ଥାନା ଖୁଦପଶି ଗ୍ରାମ୍ୟ ରାସ୍ତାରେ ଶିକ୍ଷୟିତ୍ରୀ ଲଳିତା ନାଏକଙ୍କ ଠାରୁ ଗୁରୁବାର ୪ଜଣ ଦୁର୍ବୃତ୍ତ ୧ଲକ୍ଷ ୧୨ହଜାର ଟଙ୍କା ଲୁଟ୍ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଲଳିତା ତାଙ୍କ ଝିଆରୀର ବାହାଘର ଖର୍ଚ୍ଚ ପାଇଁ ନିଜ ଜିପିଏଫରୁ ୧ଲକ୍ଷ ୧୨ ହଜାର ଟଙ୍କା ଉଠାଇ ଭ୍ୟାନିଟିରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ଖୁଦପଶି ଗ୍ରାମ ପାଖରେ ୪ଜଣ ଦୁର୍ବୃତ୍ତ ୨ଟି ବାଇକ୍ ଯୋଗେ ପଛରୁ ଆସି ଭ୍ୟାନିଟିକୁ ଛଡ଼ାଇ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ଓଆଇସି ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଅଟୋକୁ ପଛରୁ ପିଟିଲା ଟ୍ରକ୍ : ୫ ଆହତ

**ବାଙ୍ଗିରିପୋଷି,୧୯।୧୧(ଡିଏନଏ):** ମୟୂରଭଞ୍ଜ ଜିଲାର ବାଙ୍ଗିରିପୋଷି ଥାନା ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟି ରାସ୍ତାରେ ଏକ ଅଟୋ ପଛରୁ ଟ୍ରକ୍ ଧକ୍କା ଦେବାରୁ ୫ ଜଣ ଆହତ ହୋଇଛନ୍ତି। ଟ୍ରକଟି ଯୋଡ଼ାରୁ ପଶ୍ଚିମବଙ୍ଗର ହଳଦିଆ ଅଭିମୁଖେ ଲୁହାପଥର ଗୁଣ୍ଡ ଯାଉଥିବା ବେଳେ ଦ୍ୱାରଶୁଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଅଟୋକୁ ଧକ୍କା ଦେଇଥିଲା। ଅଟୋରେ ବିଶୋଇ ଅଞ୍ଚଳର କୁଡୁରାଠାରୁ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଢ଼ାକୁଦରକୁ ଯାଉଥିବା ଏକ ପରିବାରର ୫ ଜଣ ଆହତ ହୋଇଥିଲେ। ଆହତମାନେ ହେଲେ ସେବତୀ ମହାନ୍ତ ,ଗିରିଜା ଶଙ୍କର ମହାନ୍ତ, ମନମୋହନ ମହାନ୍ତ, ଲକ୍ଷ୍ମୀ ବନନ୍ଦା ମହାନ୍ତ ଓ ଜାଗୁପ୍ରଭା ମହାନ୍ତ। ଖବରପାଇ ବାଙ୍ଗିରିପୋଷି ଦମକଳ ବାହିନୀ ଓ ପୋଲିସ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଫିକା ପଡ଼ିଲା ଧୃଙ୍ଗୁଆନ ମହୋତ୍ସବ

**ପାଟଣା,୧୯।୧୧(ସ୍ୱ.ପ୍ର.):** କୋଭିଡ୍ କଟକଣା ପାଇଁ ଫିକା ପଡ଼ିଲା ଧୃଙ୍ଗୁଆନ ମହୋତ୍ସବ-୨୦୨୦। କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ କୁଣ୍ଡଳା ଗ୍ରାମର ଧୃଙ୍ଗୁଆନ କମିଟି ପକ୍ଷରୁ ମଙ୍ଗଳବାର ରାତିରେ କଟକଣା ମଧ୍ୟରେ ଏହି ମହୋତ୍ସବ ପାଳନ କରାଯାଇଛି। କୁଡୁମୀ ସମ୍ପ୍ରଦାୟର ପରମ୍ପରାକୁ କେବଳ ବଞ୍ଚାଇ ରଖିବାକୁ ଉଦ୍ୟମ ହୋଇଛି ବୋଲି ଧୃଙ୍ଗୁଆନ କମିଟିର ବରିଷ୍ଠ ସଦସ୍ୟମାନେ କହିଛନ୍ତି। ସନ୍ଧ୍ୟାରେ ଗ୍ରାମର ପଧାନ କାଳୀଚରଣ ମହାନ୍ତ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରିବା ପରେ ଅବସରପ୍ରାପ୍ତ ଶିକ୍ଷକ ବିନୋଦ ବିହାରୀ ମହାନ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୫ ଧୃଙ୍ଗୁଆନ ଦଳ ଭାଗ ନେଇଥିଲେ। ବିନା ମାଇକ୍ ଓ ସ୍ୱଳ୍ପ ସଂଖ୍ୟକ ଦର୍ଶକ କୋଭିଡ୍ ନିୟମ ମଧ୍ୟରେ ମାସ୍କ ପରିଧାନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**ଭଦ୍ରକ ଅଫିସ,୧୯।୧୧:** ଭଦ୍ରକ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଜିଲା କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୩ତମ ଜୟନ୍ତୀ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ସଭାପତି ସୁବ୍ରତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ଜାତୀୟ ସଂହତି ଶପଥ ପାଠ କରାଯାଇଥିଲା। ପୂର୍ବତନ ଜିଲା ସଭାପତି ଅଶୋକ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀକାନ୍ତ ମହାନ୍ତି, ପୂର୍ବତନ କାଉନସିଲର ଦିଲୀପ ନାୟକ, ପୂର୍ବତନ ନଗର ସଭାପତି ଅବଦୁଲ ମୁକିତ୍ ଖାଁ, ପୂର୍ବତନ ଭଦ୍ରକ ବ୍ଲକ କଂଗ୍ରେସ ସଭାପତି ପ୍ରଫୁଲ୍ଲ ସାମଲ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଚାନ୍ଦ, ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲା ସଭାପତି ପ୍ରଦ୍ୟୁମ୍ନ ଦା, ନଗର ସଭାପତି ବିଜୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଭଦ୍ରକ ବ୍ଲକ ଓଲଙ୍ଗ ପଞ୍ଚାୟତ ଆଦିବାସୀ ସାହିରେ ଯୁବ କଂଗ୍ରେସ ପକ୍ଷରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଛି। ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ବଳରାମ ରାଉତ ନେତୃତ୍ୱ ନେଇଥିଲେ।

## ନୂତନ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ

**କେନ୍ଦୁଝର, ୧୯।୧୧(ଡି.ଏନ୍.ଏ.):** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟାର ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଅବସରପ୍ରାପ୍ତ ଓଷ୍ଟା ଶିକ୍ଷକ ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ପୂର୍ବତନ ଜିଲା ସଭାପତି ପ୍ରସନ୍ନ କୁମାର ରଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଦନମୋହନ ଦ୍ୱିବେଦୀ ଓ ସୁଶିଲ କୁମାର ନାୟକ ପ୍ରମୁଖ ସାହୁଙ୍କୁ ସ୍ୱାଗତ କରିବା ସହ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବକେୟା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ କେନ୍ଦୁଝର ଜିଲା ଓଷ୍ଟାର ସମ୍ପାଦକ କ୍ଷୀରୋଦ କୁମାର ରାଉତ, ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣିଜ ପରିବହନକୁ ନେଇ ଉତ୍ତେଜନା

**ଯୋଡା, ୧୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ଖଣି ମଣ୍ଡଳର ବି–ପ୍ଲଟ ସ୍ଥିତ ଏକ ଖଣି ଫାଟକ ସମ୍ମୁଖରେ ଖଣିଜ ପରିବହନ ମୂଲ୍ୟକୁ କେନ୍ଦ୍ରକରି ଟ୍ରକ୍ ମାଲିକଙ୍କ ମଧ୍ୟରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଯୋଡ଼ା ଟ୍ରକ ମାଲିକ ସଂଘର ଶତାଧିକ ଟ୍ରକ ମାଲିକ ଏକତ୍ରିତ ହୋଇ ଅପରାହ୍ନରେ ଉକ୍ତ ଖଣି ଫାଟକ ସମ୍ମୁଖରେ ପ୍ରତିବାଦ କରିଥିଲେ । ଟ୍ରକ ମାଲିକ ସଂଘ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ପରିବହନ ମୂଲ୍ୟକୁ ନେଇ ଟ୍ରକ ମାଲିକ ଓ ପରିବହନକାରୀ ସଂସ୍ଥା ମଧ୍ୟରେ ଆଲୋଚନା ବେଳେ ଏହି ଉତ୍ତେଜନା ଦେଖାଦେଇଥିଲା। ଟ୍ରକ ମାଲିକମାନେ ନିର୍ଦ୍ଧାରିତ ଖଣିଜ ପରିବହନ ମୂଲ୍ୟ ଠାରୁ କମ୍ ଦିଆଯାଉଥିବା ଅଭିଯୋଗ କରିଥିଲେ। ଉତ୍ତେଜନା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ



ଖଣି ଫାଟକ ସମ୍ମୁଖରେ ପ୍ରତିବାଦ କରାଯାଉଛି।

ଘଟଣାସ୍ଥଳରେ ମୁତୟନ ହୋଇଥିଲେ ହେଁ କୌଣସି ସମାଧାନ ହୋଇପାରି ନ ଥିଲା । ଅନ୍ୟପକ୍ଷେ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ଏବଂ ପରିବହନକାରୀ ସଂସ୍ଥା ମଧ୍ୟରେ ହୋଇଥିବା ବୁଝାମଣା ଟ୍ରକ ମାଲିକମାନେ ଜାଣିପାରୁନଥିବାରୁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ଉପରେ ଟ୍ରକ ମାଲିକମାନେ ସନ୍ଦେହ ପ୍ରକାଶ କରିଥିଲେ। ଇନ୍ଦ୍ରାଣୀ ଖଣିରୁ ପରିବହନ ହେଉଥିବା ଖଣିଜର ଧାର୍ଯ୍ୟ ମୂଲ୍ୟ ଏପର୍ଯ୍ୟନ୍ତ ସଂଘ ପକ୍ଷରୁ ଦିଆଯାଇ ନ ଥିବା ଆଣ୍ଡଲ ଲଜିଷ୍ଟିକ ସଂସ୍ଥାର ବରିଷ୍ଠ ଅଧିକାରୀ ଭେଙ୍କଟେସ ପ୍ରକାଶ କରିଛନ୍ତି। ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ବିନୋଦ କୁମାର ପଟ୍ଟନାୟକ, ଟ୍ରକ ମାଲିକ ସୁଶାନ୍ତ ବାରିକ, ସୋଏବ ଖାନ୍‌ଙ୍କ ସମେତ ବହୁ ଟ୍ରକ ମାଲିକଙ୍କ ସହିତ ପରିବହନକାରୀ ସଂସ୍ଥା ଆଲୋଚନା କରିଥିଲା। ଗୁରୁବାର ଏନେଇ ଏକ ବିସ୍ତୃତ ଆଲୋଚନା କରାଯିବାର ସମୟ ସ୍ଥିର ହୋଇଥିଲା। ଯୋଡ଼ା ଟ୍ରକ ମାଲିକ ସଂଘର କାର୍ଯ୍ୟକର୍ତ୍ତାଙ୍କ ଉପରେ ଟ୍ରକ ମାଲିକମାନେ ଅସନ୍ତୋଷ ପ୍ରକାଶ କରି ସଂଘକୁ ବାତିଲ କରାଯାଇ ଏକ ୨୭ ଜଣିଆ କମିଟି ଗଠନ କରି ନିର୍ବାଚନ ନହେବା ପର୍ଯ୍ୟନ୍ତ ଦାୟିତ୍ୱ ଭାର ଗ୍ରହଣ କରିବ ଟ୍ରକ ମାଲିକମାନେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିବା କହିଛନ୍ତି।

## ଷଷ୍ଠଦିନରେ ମହାସରସ୍ୱତୀ ବେଶ



**ଭଦ୍ରକ ଅଫିସ,୧୯।୧୧**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ସପ୍ତମାତୃକା ବେଶର ଷଷ୍ଠ ଦିବସ ଗୁରୁବାର ମହାସରସ୍ୱତୀ ବେଶରେ ପୂଜା ପାଇଛନ୍ତି। ଏହି ବେଶରେ ମା' ଶ୍ୱେତବସ୍ତ୍ର ପରିଧାନ କରିଥିବା ବେଳେ ମୁଖମଣ୍ଡଳ ମଧ୍ୟ ଶ୍ୱେତବର୍ଣ୍ଣ ଥିଲା। ପଦ୍ମାସନରେ ମା' ବିରାଜମାନ କରିଥିବାବେଳେ ହଂସ ବାହନ ଥିଲା। ହସ୍ତଯୁଗଳରେ ବୀଣା ଧାରଣ କରିଥିଲେ ମା', ତୃତୀୟ ହସ୍ତରେ ଜପାମାଳି ଓ ଚତୁର୍ଥ ହସ୍ତରେ ପୁସ୍ତକ ଧାରଣ କରିଥିଲେ। ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଚତୁର୍ଦ୍ଧାମୂର୍ତ୍ତିରେ ସଜ୍ଜିତ ହୋଇଥିଲେ ମା'। ମହାସରସ୍ୱତୀ ବେଶରେ ଦର୍ଶନ କଲେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। ସଂସାରରୁ ଅଜ୍ଞାନ ଓ ଅନ୍ଧକାରକୁ ଦୂର କରି ଜ୍ଞାନାଲୋକରେ ଦୀପ୍ତ କରିବା ସକାଶେ ମା' ମହାସରସ୍ୱତୀ ବେଶ ଧାରଣ କରିଥାନ୍ତି। ଶୁକ୍ରବାର ସପ୍ତମାତୃକା ବେଶର ଅନ୍ତିମ ଦିନରେ ମା' ମହାଲକ୍ଷ୍ମୀ ବେଶରେ ପୂଜା ପାଇବେ।

# କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଖୋଲିଲା ଏଚ୍‌ଡିୟୁ



ଜଟିଳ ଚିକିତ୍ସା ସେବା କେନ୍ଦ୍ରକୁ ଜିଲାପାଳ ଆଶିଷ ଠାକ୍‌ରେ ଉଦ୍‌ଘାଟନ କରୁଛନ୍ତି।

**କେନ୍ଦୁଝର, ୧୯।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ବିଭାଗରେ ଏଚ୍‌ଡିୟୁ (ହାଇ ଡିପେଣ୍ଡେନ୍ସି ୟୁନିଟ୍) କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କେନ୍ଦୁଝର ଜିଲାର ଜଟିଳ ପ୍ରସବଜନିତ ଚିକିତ୍ସା ସେବାରୁ ବଞ୍ଚିତ ହେଉଥିବା ଗର୍ଭବତୀମାନେ ଏହା ମାଧ୍ୟମରେ ଚିକିତ୍ସିତ ହୋଇ ଉପକୃତ ହୋଇପାରିବେ। ଏହି ଏଚ୍‌ଡିୟୁ ୨ଗୋଟି ସଂକ୍ରମିତ ୱାର୍ଡ ସହିତ ୮ ଶଯ୍ୟା ବିଶିଷ୍ଟ ଅଟେ । ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ୨ ଜଣ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଏବଂ ୯ ଜଣ ଷ୍ଟାଫ୍ ନର୍ସଙ୍କୁ ଉକ୍ତ ୟୁନିଟ୍‌ରେ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ପରବର୍ତ୍ତୀ ସମୟରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପର୍ଯ୍ୟାୟକ୍ରମେ କର୍ମଚାରୀ ନିଯୁକ୍ତି କରାଯିବାର ବ୍ୟବସ୍ଥା କରାଯିବ। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଜିଲା ଚିକିତ୍ସା ଅଧିକାରୀ ତଥା ଅଧୀକ୍ଷକ ଡାଃ କିଶୋର କୁମାର ପୃଷ୍ଟି, ବିଭାଗୀୟ ମୁଖ୍ୟ ଡାଃ ମୃତ୍ୟୁଞ୍ଜୟ ମହାପାତ୍ର, ଡିପିଏମ୍ ଦିଲୀପ କୁମାର ଦୁବେ ଏବଂ ପିଏଚ୍ କନ୍‌ସଲଟାଣ୍ଟ ଡାଃ ହିମାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏତଦ୍‌ବ୍ୟତୀତ ଜିଲା ମୁଖ୍ୟ ଚିକିତ୍ସାଳୟର ଶତବାର୍ଷିକ କୋଠା ସମ୍ମୁଖ ଭାଗରେ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ପ୍ରସାରଣ କରିବା ପାଇଁ ଡିଜିଟାଲ୍ ଡିସ୍‌ପ୍ଲେ ଜିଲାପାଳଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି।ଏହା ଫଳରେ ଚିକିତ୍ସାଳୟକୁ ଆସୁଥିବା ଜନସାଧାରଣଙ୍କ ସୁବିଧାରେ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ଏବଂ ତଥ୍ୟ ଉପରେ ଅବଗତ ହୋଇପାରିବେ।

## ପ୍ରସିଦ୍ଧ ଶୂନ୍ୟମଣ୍ଡପ ପଞ୍ଝୁକ ମେଳା ବନ୍ଦ ନିଷ୍ପତ୍ତି

**ଖଇରା, ୧୯।୧୧(ଡି.ଏନ.ଏ.)**

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଚଳିତବର୍ଷ ବାଲେଶ୍ୱର ଜିଲା ଖଇରା ବ୍ଲକର ପ୍ରସିଦ୍ଧ ପଞ୍ଝୁକ ମେଳା ବନ୍ଦ ରଖିବାକୁ ପରିଚାଳନା କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ୧୫ତାରିଖରେ ଅନୁଷ୍ଠିତ ବୈଠକରେ ଆଲୋଚନା ପରେ ଏହା ସ୍ଥିର କରାଯାଇଥିବା ସମ୍ପାଦକ ଶରତ କୁମାର ବିଶ୍ୱାଳ ଜଣାଇଛନ୍ତି । ଏ ସମ୍ପର୍କରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବାଲେଶ୍ୱର ଜିଲାପାଳ, ଖଇରା ଥାନା ଆଇଆଇସି, ଖଇରା ବିଡିଓ, ଖଇରା ତହସିଲଦାର, ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି । ପ୍ରତ୍ୟେକ ବର୍ଷ ରାହାସ ପୂର୍ଣ୍ଣିମା ଦିନ ଶୂନ୍ୟମଣ୍ଡପ ପରିସରରେ ୫୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥାଏ । ଏବର୍ଷ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହା ବନ୍ଦ ରଖିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । କେବଳ ବିଧିରକ୍ଷା ପୂର୍ବକ ପାଳନ କରାଯିବ। ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦୃଷ୍ଟିରେ ରଖି କମିଟି ତରଫରୁ କ୍ଷମା ପ୍ରାର୍ଥନା କରାଯାଇଛି । ଏଥିସହ ପୂର୍ଣ୍ଣିମୀ ଦିନ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କୁ ଏ ସମ୍ପର୍କରେ ସଚେତନ କରିବା ପାଇଁ ପୋଲିସର ସହାୟତା ଲୋଡାଯାଇଛି ।

## କରୋନା ଯୋଦ୍ଧା ସମ୍ବର୍ଦ୍ଧନା ସମାରୋହ



ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥି।

**ଖଇରା, ୧୯।୧୧(ଡି.ଏନ.ଏ.)**

କରୋନା ସମୟରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଖଇରା, ସିମୁଳିଆ, ଔପଦା, ଭଦ୍ରକ ଅଞ୍ଚଳର ୧୫ସଙ୍ଗଠନ ଓ ୪୦ଜଣ ଖବରଦାତାଙ୍କୁ ସ୍ୱାମୀ ବିବେକାନନ୍ଦ ସମାଜ ସେବା ସଂସ୍ଥାନ ତରଫରୁ କରୋନା ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ଖଇରା ବ୍ଲକ ଶିକ୍ଷକ ସଂଘ ଭବନ ପରିସରରେ ଆୟୋଜିତ ସମାରୋହରେ ପ୍ରାକ୍ତନ ବାୟୁଯୋଦ୍ଧା ସତ୍ୟବ୍ରତ ନାରାୟଣ ବେହେରା ପୌରୋହିତ୍ୟ କରିଥିଲେ। ଖଇରା ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମାନବିକତା ବ୍ୟକ୍ତିର ପ୍ରଥମ ଧର୍ମ । ଏହି ଗୁଣ ଦ୍ୱାରା ପ୍ରକୃତ ମଣିଷପଣିଆ ଜଣାପଡିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସେହିଭଳି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ବେହେରା, ଶିକ୍ଷକ ରଘୁନାଥ ପତ୍ରୀ, ଗଗନ ବିହାରୀ ପଣ୍ଡା, ପ୍ରତିରକ୍ଷା ବିଭାଗର କାର୍ଯ୍ୟରତ କର୍ମଚାରୀ କିଶୋର କୁମାର ସାହୁ ,ରାମଚନ୍ଦ୍ର ଦାଶ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

# କଲ୍ୟାଣୀ ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ

**ବାହାନଗା, ୧୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ସେବା ସମବାୟ ସମିତିର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। କଲ୍ୟାଣୀ ଗ୍ରାମର ଥିବା ଏହି ସେବା ସମବାୟ ସମିତିର ନୂତନ ଗୃହ ନିମନ୍ତେ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସୋର ବିଧାୟକ ପର୍ଶୁରାମ ଧଡାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ସମିତି ସଭାପତି ଡ.ଆଲୋକ କୁମାର ଦାସ, ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ସମିତି ବ୍ୟାଙ୍କର ବାହାନଗା ଶାଖା ପରିଚାଳକ ଯଦୁନାଥ ସ, ସମିତି ଉପସଭାପତି ସୁକାନ୍ତି ବେହେରା ସମ୍ପାଦକ ବିଜୟ କୁମାର ଦାଶ ପ୍ରମୁଖ



ସମିତି ନୂତନ ଗୃହ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

ଉପସ୍ଥିତ ରହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି କର୍ମଚାରୀ ଶରତ କୁମାର ଦାସ, ଧିରେନ୍ଦ୍ର ପାଲ, ବିଜୟ ଜେନା, ବିଜୟ ରଥଙ୍କ ସମେତ ପଞ୍ଚାୟତର ପୂର୍ବତନ ସରପଞ୍ଚ ନୀଳାମ୍ବର ମହାଲିକ, ପ୍ରଭାକର ମିଶ୍ର, ବିଜେଡି ବ୍ଲକ ସଭାପତି ଅଜୟ କୁମାର ପଣ୍ଡା, ସବିତା ଅଗସ୍ତି, ବେଣୁଧର ଜେନା, ସଭ୍ୟ ମହେନ୍ଦ୍ର ମହାକୁଡ ପ୍ରମୁଖ ସମିତିସଭ୍ୟାସଭ୍ୟ ଉପସ୍ଥିତ ରହି ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କାର୍ଯ୍ୟରେ ଯୋଗଦେଲେ ବିଇଓ

**ବନ୍ତ,୧୯।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତର ନୂତନ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଭାବେ ଅଧିର କୁମାର ତରେଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଇଓ କାର୍ଯ୍ୟାଳୟ ପରିସରରେ ନୂତନ ଶିକ୍ଷାଧିକାରୀଙ୍କୁ ସେକ୍ସନ ଅଫିସର ମଦନ ମୋହନ ନାୟକ, ଏବିଇଓ ଅମୂଲ୍ୟ କୁମାର ମିଶ୍ର, ଅନାମ ଚରଣ ଜେନା, ଅଫିସ୍ ସିନିୟର ଆସିଷ୍ଟାଣ୍ଟ ମୁରଲୀଧର ବଳଙ୍କ ସମେତ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

## ବିଧାୟକଙ୍କ ଘର ଆଗରେ ଭଞ୍ଜସେନାର ବିକ୍ଷୋଭ



ଧାରଣାରେ ବସିଥିବା ଭଞ୍ଜସେନାର କର୍ମକର୍ତ୍ତା।

**ଉଦଳା,୧୯।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଭଞ୍ଜସେନା ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ଉଦଳା ବିଧାୟକ ଭାସ୍କର ମଢେଇଙ୍କ ବାସଭବନ ସମ୍ମୁଖରେ ସେନା ପକ୍ଷରୁ ଗଣଧାରଣା ସହିତ ବିକ୍ଷୋଭ କରାଯାଇଥିଲା। କପ୍ତିପଦା ଉପଖଣ୍ଡ ଭଞ୍ଜସେନା ସଭାପତି ରବୀନ ମହାନ୍ତିଙ୍କ ନେତୃତ୍ୱରେ ସେନାର କର୍ମୀମାନେ ସ୍ଥାନୀୟ ଏନ୍ଏସି ୧ନଂ.ୱାର୍ଡ ସ୍ଥିତ ବିଧାୟକ ମଢେଇଙ୍କ ବାସଭବନ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଏଥିରେ ସେନାର ଜିଲା ସମ୍ପାଦକ ଧନଞ୍ଜୟ ସାହୁ, ଜିତୁ ହେମ୍ବ୍ରମଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇଥିଲେ ।

# ସ୍ୱଚ୍ଛ ସର୍ବେକ୍ଷଣ ପ୍ରଶିକ୍ଷଣ

**ବାସୁଦେବପୁର, ୧୯।୧୧(ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକା ପକ୍ଷରୁ ସ୍ଥାନୀୟ ଟାଉନ ହଲ୍‌ଠାରେ ୨ୟ ପର୍ଯ୍ୟାୟ ସ୍ୱଚ୍ଛ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ପୌରପାଳିକା ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛସାଥୀ, ସୁପରଭାଇଜର, ସାନିଟାଇଜେସନ ୱାର୍କରମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପୌର ନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା ଶିବିରକୁ ଉଦ୍‌ଘାଟନ କରିବା ସହିତ ପୌରପାଳିକା ଗ୍ରହଣ କରିଥିବା ପରିମଳ ଓ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ ସଫଳ କ୍ଷେତ୍ରରେ ସ୍ୱଚ୍ଛସାଥୀ, ସୁପରଭାଇଜର ଓ ୱାର୍କର୍ସଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି କହିଥିଲେ। ଘର ଘର ବୁଲି ଶୁଖିଲା ଏବଂ ଓଦା ଅଳିଆ ସଂଗ୍ରହ କରି ଏହାକୁ ଡମ୍ପିଂୟାର୍ଡ଼ରେ ପକାଯାଇ ପାରିଲେ ଏହି ଯୋଜନା ସଫଳ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାନିଟାଇଜେସନ ଏକ୍ସପର୍ଟ ବିଶ୍ୱରଞ୍ଜନ ଜେନା, ସିଏମ୍‌ୟୁ ମ୍ୟାନେଜର ରାକେଶ ଦାଶ, ଗୋଷ୍ଠୀ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ମଲିକ ଓ ଭାଗ୍ୟଶ୍ରୀ ପଣ୍ଡା ଯୋଗ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଗଣଧାରଣା

**ବାରିପଦା ଅଫିସ,୧୯।୧୧**

ମୟୂରଭଞ୍ଜ ଜିଲାରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର କାର୍ଯ୍ୟରୁ ଅନ୍ତର କରିଥିବା ପ୍ରତିବାଦରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ୩ମାସର ବକେୟା ଦରମା ପ୍ରଦାନ ସହିତ ପୁନଃନିଯୁକ୍ତି ଦାବିକୁ ନେଇ ସ୍ୱାସ୍ଥ୍ୟକର୍ମୀମାନେ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ୫–ଟି ସଚିବ, ଜିଲାପାଳ ଓ ସିଡିଏମ୍‌ଓଙ୍କୁ ପ୍ରଦାନ କରିଛନ୍ତି। ଗୁରୁବାର ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

ଚୁକ୍ତିଭିତ୍ତିକ ଏହି ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଜିଲାର ବିଭିନ୍ନ କୋଭିଡ୍




ଧାରଣାରତ ମହିଳା ସ୍ୱାସ୍ଥ୍ୟକର୍ମୀ।

କେୟାର ସେଣ୍ଟର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ସହର ଓ ଗାଁ ଗାଁ ବୁଲି ମହାମାରୀ ସଂକ୍ରମଣକୁ ରୋକିବା ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ଆକ୍ରାନ୍ତଙ୍କ ଚିକିତ୍ସା କରୁଥିଲେ। ଦୀର୍ଘ ୧୦ବର୍ଷ ଧରି ତାଲିମ ଗ୍ରହଣ ପରେ ଚାକିରିରୁ ବଞ୍ଚିତ ଥିବା ଏହି ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଦୁର୍ଦ୍ଦିନରେ ସରକାର ୨ଟି ପର୍ଯ୍ୟାୟରେ ଦିନକୁ ୮୫୦ଟଙ୍କା ପ୍ରାପ୍ୟ ହାରରେ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। ତେବେ ୩ମାସ କାର୍ଯ୍ୟ କରିବା ପରେ ସଂକ୍ରମଣ କମିବାରୁ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାରେ ଥିବା ୪୦୨କର୍ମୀଙ୍କ ସମେତ ରାଜ୍ୟର ୭ହଜାର କର୍ମୀ ଏପରି ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଦିନରାତି ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ସ୍ୱାସ୍ଥ୍ୟକର୍ମୀ ଦୀପିକା ମଣ୍ଡଳ, ସରିତା ଘୋଷ, ଅନିମା ଦାସ, ଲକ୍ଷ୍ମୀ ମୁର୍ମୁ, ରୁନି ଦାସ, ନନ୍ଦିକା ମହାନ୍ତ, ଲୋପାମୁଦ୍ରା ମହାନ୍ତ, ଶୁଭଦର୍ଶିନୀ ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି ।

ଧରିତ୍ରୀ
DHARITRI
ଶୁକ୍ରବାର, ୨୦ ନଭେମ୍ବର, ୨୦୨୦

## ପୋଖରୀରେ ବୁଡ଼ି ଯୁବକ ମୃତ

ରାଜକନିକା, (ଡି.ଏନ୍.ଏ.): ରାଜକନିକା ଥାନା ଦଶଭଗାରିଆ ଗାଁର ଅଭୟ ବେହେରାଙ୍କ ପୁଅ ଆଲୋକ (୨୬) ନିଜ ଭଉଣୀ ଘର ଏହି ଥାନା ଅନ୍ତର୍ଗତ ବଡାଗ ଗ୍ରାମକୁ ବୁଧବାର ଯାଇଥିଲେ। ଗୁରୁବାର ଭଉଣୀ ଘର ଗାଁ ନିକଟସ୍ଥ ପୋଖରୀରେ ବୁଡି ଯାଇଥିଲେ। ଖୋଜାଖୋଜି ପରେ ସନ୍ଧ୍ୟାରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ନିକଟସ୍ଥ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।



### ସଂକ୍ଷେପରେ


## ୪ କଲେଜ ଛାତ୍ରୀଙ୍କୁ ଅସଦାଚରଣ, ଅଧ୍ୟାପକ ଗିରଫ

**ରାଜଗାଙ୍ଗପୁର, ୧୯।୧୧ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଏକ ଘରୋଇ କଲେଜର ଓଡ଼ିଆ ଅଧ୍ୟାପକ ପ୍ରତାପ ଚନ୍ଦ୍ର ସାହୁ ଉକ୍ତ କଲେଜର ୪ଜଣ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଧ୍ୟାପକ ଜଣକ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ଅଶ୍ଳୀଳ ଇଙ୍ଗିତ ସହ ଫୋନରେ ଅଶ୍ଳୀଳ କଥା କହୁଥିବା ଛାତ୍ରୀମାନେ ଲିଖିତ ଭାବେ ଥାନାରେ ଜଣାଇଛନ୍ତି। ଏପରିକି ଉକ୍ତ ଛାତ୍ରୀମାନଙ୍କୁ ଏକୁଟିଆ ତାଙ୍କ ରୁମକୁ ଆସିବା ପାଇଁ ମଧ୍ୟ ଅଧ୍ୟାପକ ସେମାନଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏକଥା ବାହାରେ ପ୍ରକାଶ କଲେ କିମ୍ବା ତାଙ୍କ କଥା ନମାନିଲେ ପରୀକ୍ଷାରେ ଫେଲ୍ କରିଦେବେ ବୋଲି ଧମକ ମଧ୍ୟ ଦେଉଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାରେ ରାଜଗାଙ୍ଗପୁର ଥାନାରେ ଏକ ମାମଲା (ନଂ. ୩୬୭/୨୦) ରୁଜୁ କରି ଅଧ୍ୟାପକ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଜଳିଗଲା ଲକ୍ଷାଧିକ ଟଙ୍କା ମୂଲ୍ୟର ପିଭିସି ପାଇପ

**ରାଉରକେଲା ଅଫିସ,୧୯।୧୧:** ରାଉରକେଲା ଉଦିତନଗର ପରେଡ ପଡିଆରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ମୂଲ୍ୟର ପିଭିସି ପାଇପ ଜଳିପୋଡି ପାଉଁଶ ହୋଇଯାଇଛି। ଓଡ଼ିଶା ଅଗ୍ନିଶମ ଓ ଆର୍ଏସ୍‌ପିର ୪ଟି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନାନୁସାରେ ଉଦିତନଗର ପରେଡ ପଡିଆରେ ସ୍ୱେରେଜ କାମ ପାଇଁ ଠିକାଦାର ଜମା କରିଥିବା ପିଭିସି ପାଇପ ଗଦାରୁ ହଠାତ୍ ନିଆଁ ବାହାରିବା ଦେଖାଯାଇଥିଲା। କ୍ରମଶଃ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଏହା ଦେଖି ସ୍ଥାନୀୟ ବାସିନ୍ଦା ଓ ପଥଚାରୀ ଆତଙ୍କିତ ହୋଇ ପଡିଥିଲେ। ଘଟଣା ସମ୍ପର୍କରେ ଜାଣିବାକୁ ଧାଁ ଦଉଡ ଆରମ୍ଭ କରିଥିଲେ। ଚାହୁଁଚାହୁଁ ଲକ୍ଷାଧିକ ଟଙ୍କା ମୂଲ୍ୟର ପିଭିସି ପାଇପ ଜଳି ପୋଡି ଭସ୍ମୀଭୂତ ହୋଇଯାଇଥିଲା। ନିଆଁ ଲାଗିବାର କାରଣ ଜଣା ପଡିନାହିଁ।

# ଦୁର୍ନୀତି, ବେକାରି, ମଣ୍ଡି ସମସ୍ୟାକୁ ଅସ୍ତ୍ର କରିବେ ବିରୋଧୀ


ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେଉଛନ୍ତି।


ଭାଜପା ବିଧାୟକ ଦଳ ବୈଠକ।


କଂଗ୍ରେସ ବିଧାୟକ ଦଳର ବୈଠକ।

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ବିଧାନସଭାର ଶୀତ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏଥିରେ ଆଇନ ଶୃଙ୍ଖଳା, ମଣ୍ଡି ଅବ୍ୟବସ୍ଥା, ମହିଳା ସୁରକ୍ଷା, ବିପର୍ଯ୍ୟସ୍ତ ଶିକ୍ଷା, ଦୁର୍ନୀତି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି। ଏଥିସହିତ ବେକାରି ସମସ୍ୟା, ଚାଷୀ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘୋଟାଲା, ସୀମା ବିବାଦ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ହଲାପଟା କରିବେ। ଶାସକ ଦଳ ମଧ୍ୟ ବିରୋଧୀଙ୍କୁ ମୁକାବିଲା କରିବାକୁ ରଣନୀତି ପ୍ରସ୍ତୁତ କରିଛି। ଗୁରୁବାର ତିନୋଟି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବିଧାନସଭା ସମ୍ମିଳନୀ କକ୍ଷରେ ବିଜେଡିର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଲୋକମାନଙ୍କ ସମସ୍ୟା ସମାଧାନ କରିବା ଏବଂ ସରକାରଙ୍କ ଯୋଜନା ଯେପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ତୃଣମୂଳ ସ୍ତରକୁ ଯାଇ କାର୍ଯ୍ୟ କରିବାକୁ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକ ଶେଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଆସନ୍ତା ଅଧିବେଶନରେ ଗୃହରେ ୧୦ଟି ବିଲ୍ ଆସିବ। ବିରୋଧୀଙ୍କ ସବୁ ପ୍ରସଙ୍ଗକୁ ସମ୍ମୁଖୀନ ହେବାକୁ ବିଜେଡି ପ୍ରସ୍ତୁତ ବୋଲି ସେ କହିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ମହିଳା ସୁରକ୍ଷା, ବେରୋଜଗାର, ମଣ୍ଡି ଅବ୍ୟବସ୍ଥା, କୋଭିଡ୍ ପରିଚାଳନାରେ ବିଫଳ, ପ୍ରଧାନମନ୍ତ୍ରୀ ଆବାସ ଘୋଟାଲା ଏବଂ ଘର ଦେବା ପାଇଁ ହିତାଧିକାରୀଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ ବାଧ କରାଯିବା, ସୀମାନ୍ତ ସୁରକ୍ଷା ଆଦି ପ୍ରସଙ୍ଗକୁ ଭାଜପା ମୁଖ୍ୟ ପ୍ରସଙ୍ଗ କରିବ। ଗୁରୁବାର ବିଧାୟକ ଦଳ ବୈଠକ ଶେଷରେ ଏହି ସୂଚନା ଦେଇଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। ସେ କହିଛନ୍ତି ଯେ ଚଳିତ ବିଧାନସଭା ଅଧିବେଶନରେ ଭାଜପା

### ବିଧାୟକ ଦଳ ବୈଠକ

**ବିରୋଧୀଙ୍କୁ ସମ୍ମୁଖୀନ ହେବାକୁ ଶାସକ ଦଳ ପ୍ରସ୍ତୁତ: ଆରୁଖ**

ରାଜ୍ୟର ବିଭିନ୍ନ ସମସ୍ୟା ଉଠାଇବା ସହ ସାଧାରଣ ଲୋକଙ୍କ ମୌଳିକ ସମସ୍ୟା ଉପରେ ସରକାରଙ୍କୁ ପ୍ରଶ୍ନ କରିବ। ୨୦ ବର୍ଷ ଶାସନ ପରେ ବି ନାରୀ ନିର୍ଯ୍ୟାତନା ଘଟଣା ପ୍ରତିଦିନ ବଢି ଚାଲିଛି। ଗରିବ ଅସହାୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉଛି। ସରପଞ୍ଚ ଘର ଦେବା ପାଇଁ ହିତାଧିକାରୀଙ୍କ ସହ ଶାରିରୀକ ସମ୍ପର୍କ ରଖିବାକୁ ଚାପ ପକାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଇବା ଲାଗି ବିଜେଡି ନେତାମାନେ ଚଞ୍ଚକତା କରି ହିତାଧିକାରୀଙ୍କ ଠାରୁ ହଜାର ହଜାର ଟଙ୍କା ହଡପ କରୁଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ଗଲାଣି। ଅନେକ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।

ବିଧାୟକ ଦଳ ବୈଠକରେ ରାଜ୍ୟ ସଭାପତି ସମୀର ମହାନ୍ତି, ମୁଖ୍ୟ ସଚେତକ ମୋହନ ମାଝୀ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ ସଧାରଣ ସମ୍ପାଦକ ଗୋଲକ ମହାପାତ୍ରଙ୍କ ସମେତ ଦଳର ସମସ୍ତ ବିଧାୟିକା ବିଧାୟକ ଓ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଂଗ୍ରେସର ବିଧାୟକ ଦଳ ବୈଠକ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅଧିବେଶନରେ କୃଷି, ଆଇନ ଶଅଙ୍ଖଳା, ବେକାରୀ ସମସ୍ୟାକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ପାଣି, ଖଣି ଓ କୋଭିଡ ପରିଚାଳନାରେ ହୋଇଥିବା ଦୁର୍ନୀତି, ଏକଛତ୍ରବାଦକୁ ବିରୋଧ ଆଦି ବିଷୟକୁ ମଧ୍ୟ ଅଧିବେଶନ କାଳରେ ଜୋରଦାର ଉଠାଯିବ ବୋଲି ନରସିଂହ କହିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡିଲାଣି। ତେବେ ଲୋକମାନଙ୍କର ମୌଳିକ ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କ ଠାରୁ ଜବାବ ତଲବ କରିବ ବୋଲି ସେ କହିଛନ୍ତି।


ଓଡ଼ିଶା ବିଧାନସଭା ନିକଟରେ ଗୁରୁବାର ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ମହମ୍ମଦ ସିକନ୍ଦର ଆଲାମଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହୋଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦକ ଡ. ଲେନିନ ମହାନ୍ତି, ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ପାଲିତ, ନାଜିଆ ଆଲାମ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ହାତୀ ଆକ୍ରମଣରେ ୨ମୃତ

**ରାଉରକେଲା ଅଫିସ,୧୯।୧୧**

ସୁନ୍ଦରଗଡ ଜିଲା ଲାଠିକଟା ବ୍ଲକ ଅଞ୍ଚଳରେ ହାତୀପଲ ଗତକିଛି ହେଲା ଉପଦ୍ରବ ଚଳାଇଛନ୍ତି। ଗୁରୁବାର ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏମାନେ ହେଲେ ଗାନ୍ଦରୁ ଓରାମ(୭୫) ଓ କାର୍ତ୍ତିକ ଭୂମିଜ(୬୫)। ସକାଳୁ ମଲଙ୍ଗା ଗ୍ରାମର ଗାନ୍ଧରୁ ନିଜ ଘର ପାଖ ବଗିଚା କାମ କରୁଥିଲେ। ଏତିକି ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ବଗିଚା ଭିତରୁ ଟାଣିନେଇ କଚାଡ଼ି ଦେଇଥିଲା। ଅନୁରୂପ ଭାବେ କନରସୁଆଁ ଗାଁର କାର୍ତ୍ତିକ ଭୂମିଜ ନାଳକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡି ଯାଇଥିଲେ। ହାତୀ ଶୁଣ୍ଢରେ ଟେକି ନେଇ କଚାଡିଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପାନପୋଷ ରେଞ୍ଜର ବନକର୍ମଚାରୀ ପହଞ୍ଚିଥିଲେ। ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ୨୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଦିଆଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ଆରୁଷ୍

**ପାରଳାଖେମୁଣ୍ଡି,୧୯।୧୧(ଡି.ଏନ୍.ଏ.)**

### କୁନି ପୁଅର କମାଲ୍


ଆରୁଷ୍ ମିଶ୍ର

ବୟସ ୩ବର୍ଷ ୧୦ମାସ, ମାତ୍ର ଏକାଧିକ ଜ୍ଞାନର ଅଧିକାରୀ ସେ। ସଂସ୍କୃତ ଶ୍ଳୋକ ହେଉ ଅବା ସାଧାରଣ ଜ୍ଞାନ ଅନର୍ଗଳ କହିପାରନ୍ତି। ଏଭଳି ବିସ୍ମୟ ବାଳକ ହେଉଛନ୍ତି ଅଭିଜିତ୍ ମିଶ୍ର ଓ ମୋନାଲିଙ୍କ ପୁଅ ଆରୁଷ୍ ମିଶ୍ର।

ଖୋର୍ଦ୍ଧାର ଅଭିଜିତ୍ ଗଜପତି ଜିଲା ପାରଳାଖେମୁଣ୍ଡି ସ୍ଥିତ ଜଙ୍ଗମସାହିରେ ୧୦ବର୍ଷ ହେବ ରହୁଛନ୍ତି। ପେସାରେ ସେ ପ୍ରାଣୀ ଚିକିତ୍ସକ। ତାଙ୍କ ପୁଅ ଆରୁଶ୍ ବିଭିନ୍ନ ସଂସ୍କୃତ ଶ୍ଳୋକ ସହ ୨୦ରୁ ଉର୍ଦ୍ଧ୍ୱ ହିନ୍ଦୀ, ଓଡିଆ ଓ ଇଂଲିଶ ରାଇମ୍‌ସ, ୩୦ରୁ ଉର୍ଦ୍ଧ୍ୱ ଦେଶର ରାଷ୍ଟ୍ରପତିଙ୍କ ନାମ, ବିଭିନ୍ନ ଦେଶର ଜାତୀୟ ପ୍ରତୀକ, ଗୋଟିଏ ମିନିଟ୍‌ରେ ୩୦ଟି ବିପରୀତ ଶବ୍ଦ, ୨୦ଟି ପ୍ରାଣୀ ଓ ୧୦ ପକ୍ଷୀ ବିଷୟରେ ସମସ୍ତ ସୂଚନା ଦେଇ ପାରନ୍ତି। ଏହାସହ ମାନବ ଶରୀରର ଅଙ୍ଗ ଓ କରୋନା ସମ୍ପର୍କରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏସବୁର ଶ୍ରେୟ ଆରୁଷଙ୍କ ମା'ଙ୍କର ବୋଲି କହିଛନ୍ତି ଅଭିଜିତ୍। ୨ବର୍ଷ ହୋଇଥିବାବେଳେ ଆରୁଷ୍‌ଙ୍କ ମନେ ରଖିବା ଶକ୍ତିଦେଖି ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ୧ଘଣ୍ଟା ପଢାଇ ମା' ଏଭଳି ସଫଳ କରାଇ ପାରିଛନ୍ତି। ଆରୁଷ୍ ଭବିଷ୍ୟତରେ ଡାକ୍ତର, ପାଇଲଟ କିମ୍ବା ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଥିବା ତାଙ୍କ ମା' କହିଛନ୍ତି।

## ମଞ୍ଚ କଳାକାର ରାଜୁଦାଙ୍କ ପରଲୋକ

**ସମ୍ବଲପୁର,୧୯।୧୧(ବ୍ୟୁରୋ)**

ଓଡ଼ିଆ ଚଳଚ୍ଚିତ୍ର ଅସ୍ତରାଗର କଳାକାର ତଥା ମଞ୍ଚ ନାଟକ ଜଗତର ବାଦଶାହା ରାଜେନ୍ଦ୍ର ପ୍ରସାଦ ପଣ୍ଡା (ରାଜୁଦା)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। ତାଙ୍କ ପରଲୋକରେ ମଞ୍ଚ ନାଟକ ଓ ଚଳଚ୍ଚିତ୍ର କଳାକାର ସ୍ତବ୍ଧ ହୋଇଯାଇଛନ୍ତି। ସେ ପେସାରେ ଆଇନଜୀବୀ ଥିଲେ। କିନ୍ତୁ ନାଟକକୁ ନିଶା ଭାବେ ଗ୍ରହଣ କରିଥିଲେ। ଏକାଧାରରେ ସେ ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, ଦକ୍ଷତା ଓ ପ୍ରତିବଦ୍ଧତା ଲାଗି ତାଙ୍କୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସମ୍ମାନିତ କରାଯାଇଥିଲା।

୧୯୩୯ ଜୁଲାଇ ୧ରେ ସମ୍ବଲପୁର ଜିଲା ଗୁଲୁଣ୍ଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରାଜୁଦା ୧୯୫୩ରେ ମୂଳିଆ ନାଟକରୁ ନିଜ ନାଟ୍ୟ ଜୀବନ ଆରମ୍ଭ କରିଥିଲେ। ତାଙ୍କ ଅଭିନୀତ ସଫଳ ନାଟକ ମଧ୍ୟରେ ମୁଁ ସଇତାନ କହୁଛି, ଭିକ୍ଷୁଣୀ, ଆଗାମୀ,



ପ୍ରତାପଗଡ଼ରେ ଦୁଇ ଦିନ ଆଦି ନାଟକ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ସମ୍ବଲପୁରୀ ନାଟକ ଉଖି ଓ ଭୁଖା ଏବଂ ବେତାର ନାଟକ ଉଲଗୁଲାନ, କଥାନି ଓ ମେଦାରେ ନିର୍ଦ୍ଦେଶନା ଦେଇ ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ଓଡିଶାରେ ମଞ୍ଚ କଳାକାର, ନାଟ୍ୟକାର, ନିର୍ଦ୍ଦେଶକ ସୃଷ୍ଟି କରିବା ଉଦ୍ଦେଶ୍ୟରେ ୧୯୬୬ ରେ ସମ୍ବଲପୁର ନାଟ୍ୟକଳା ପରିଷଦ ପ୍ରତିଷ୍ଠା କରିଥିଲେ। ଗୁରୁବାର ପୂର୍ବାହ୍ନରେ ସମ୍ବଲପୁର କମଳୀବଜାର ରାଜଘାଟଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ

**ନାଉଗାଁ,୧୯।୧୧(ସ୍ୱ.ପ୍ର.)**

ଶ୍ରୀନଗରଠାରେ କାର୍ଯ୍ୟରତ ନାଉଗାଁ ବ୍ଲକର ଜଣେ ସିଆର୍‌ପିଏଫ୍ ଯବାନଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ ଛତିଆନା ଗ୍ରାମର ଭୋଳାନାଥ ମହାନ୍ତିଙ୍କ ପୁଅ ରଞ୍ଜନ ମହାନ୍ତି। ଏନେଇ ଶ୍ରୀନଗରସ୍ଥିତ କାର୍ଯ୍ୟାଳୟ ପକ୍ଷରୁ ପରିବାର ଲୋକଙ୍କୁ ଜଣାଇଦିଆଯାଇଛି। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ରଞ୍ଜନ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସହକର୍ମୀଙ୍କଠାରୁ ସୂଚନା ମିଳିଛି। ୧୫ ଦିନ ତଳେ ତାଙ୍କ ବଦଳି ଶ୍ରୀନଗରସ୍ଥିତ ହେଡ୍‌କ୍ୱାର୍ଟରକୁ ହୋଇଥିଲା। କିଛି ଦିନ ପୂର୍ବେ ସେ ଛୁଟି ନେଇ ଘରକୁ ଆସିଥିଲେ। ପରେ ଶ୍ରୀନଗରଠାରେ କାର୍ଯ୍ୟରେ ଯୋଗଦେଇଥିଲେ।

# କାମ ମିଳୁନି, ଭୋକ ଉପାସରେ ୭ ଶ୍ରମିକ

- ପଶ୍ଚିମବଙ୍ଗରୁ ଓଡ଼ିଶା ଆସିଛନ୍ତି
- କରୋନା ପୂର୍ବରୁ କେରଳରେ କାମ କରୁଥିଲେ

**ଚଣ୍ଡିଖୋଲ,୧୯।୧୧(ଡି.ଏନ.ଏ.)**

ଯାଜପୁର ଓ କଟକ ଜିଲାକୁ କାମ ଅନ୍ୱେଷଣରେ ଆସି ପଶ୍ଚିମବଙ୍ଗ ଚବିଶପ୍ରଗଣା ଜିଲାର ୭ ଶ୍ରମିକ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏଭଳି ଏକ ଦୁଃଖଦ ଓ ସମ୍ବେଦନଶୀଳ ଘଟଣା ଗୁରୁବାର ଦେଖିବାକୁ ମିଳିଛି। କରୋନା କଟକଣା କୋହଳ ହେବା ସତ୍ତ୍ୱେ ଶ୍ରମିକମାନେ କାମ ନ ପାଇବା ବିଡ଼ମ୍ବନା ବୋଲି ମତପ୍ରକାଶ ପାଇଛି। ଏହି ଶ୍ରମିକମାନେ ପ୍ରଥମେ କୋଲକୋତାରୁ ଆସି କଟକରେ ପହଞ୍ଚିଥିଲେ। ସେଠାରେ କାମ ନ ମିଳିବାରୁ କଟକରୁ ସାଲେପୁର ଚାଲି ଚାଲି ଆସିଥିଲେ। ସାଲେପୁରରେ ମଧ୍ୟ କାମ ନ ମିଳିବାରୁ ଦୀର୍ଘ ୨୪ କିଲୋମିଟର ଚାଲିଚାଲି ଆସି ବୁଧବାର ବାଲିଚନ୍ଦ୍ରପୁରଠାରେ ପହଞ୍ଚିଲେ। ରାତ୍ରିଯାପନ ପରେ ଗୁରୁବାର କାମ ଅନ୍ୱେଷଣରେ ବାହାରିଥିଲେ। ତେବେ ତାଙ୍କୁ କୌଣସି କାମ ନ ମିଳିବାରୁ ସେମାନେ ପୁନର୍ବାର ଚାଲିଚାଲି ଚଣ୍ଡିଖୋଲ ଅଭିମୁଖେ ଯାଇଥିଲେ। ଦୁଇ ଦିନ କାଳ ୪୦ କିଲୋମିଟର ବୁଲି କାମ ଆଶାରେ ରହିଥିଲେ। ସେହି ୭ ଶ୍ରମିକ ହେଲେ ସାଜମାଲ ମୁଲ୍ଲା, ମୋହିନୁନ ମୁଲ୍ଲା, ପ୍ରସନ୍ନ ଜିତ୍, ରାହୁଲ ବୋରା, ରାଜୁ ବୋରା, ରାକେଶ ହଲଦର ଓ ହାସିକୁ ମୁଲ୍ଲା। ସେମାନଙ୍କ କହିବାନୁସାରେ, କରୋନା ପୂର୍ବରୁ କେରଳରେ ରହି କାମ କରୁଥିଲେ। କଟକଣା ଲାଗୁ ହେବା ପରେ ସେଠାକାର କାରଖାନା ବନ୍ଦ ହୋଇଗଲା। ତେଣୁ ଘରକୁ ବାହୁଡ଼ି ଆସିଲେ। ଏବେ ପୁନର୍ବାର କେରଳ ଯିବାକୁ ଚାହିଁବାରୁ ସେଠାକାର କମ୍ପାନୀ ତରଫରୁ କାମ ନ ଥିବା କୁହାଯାଇଥିଲା। ତେଣୁ କେରଳ ନ ଯାଇ ଓଡ଼ିଶାରେ କୌଣସି ସ୍ଥାନରେ କାର୍ଯ୍ୟ କରିବେ ବୋଲି ଆଶା କରି ଆସିଛନ୍ତି। ୫ ଦିନ ହେବ ଆସିଥିଲେ ମଧ୍ୟ କୌଣସି ସ୍ଥାନରେ କାମ ମିଳୁନାହିଁ। ଯାହା ପଇସାପତ୍ର ଆଣିଥିଲେ ସରିଗଲାଣି। ଦୁଇଦିନ ହେଲା ଖାଇବାକୁ ପଇସା ନାହିଁ। ଜୀବନ ବଞ୍ଚାଇବା ପାଇଁ ଆମକୁ କାମ ଦରକାର ବୋଲି 'ଧରିତ୍ରୀ' ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିଥିଲେ। ଏଭଳି ଘଟଣା ଦେଖି ଅବସରପ୍ରାପ୍ତ ଅଧ୍ୟାପକ କିଶୋର ଚନ୍ଦ୍ର ବେହୁରା ଓ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କୁ ଖାଦ୍ୟ ଦେଇଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନ ପରେ ଯେଉଁ ଅସୁବିଧା ଭୋଗିଥିଲେ ଶ୍ରମିକମାନେ ଏବେ ବି ସେ ଅବସ୍ଥା ସୁଧୁରିନାହିଁ। ଯାହାର ଏକ ନିଚ୍ଛକ ଚିତ୍ର ଉକ୍ତ ୭ ଜଣ ଶ୍ରମିକଙ୍କ ନିକଟରୁ ଦେଖିବାକୁ ମିଳିଛି।


କର୍ମ ଅନ୍ୱେଷଣରେ ଆସିଥିବା ଶ୍ରମିକ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**RIDHI FINANCE**
ଋଣ ମାତ୍ର 24 ଘଣ୍ଟାରେ କରାନ୍ତୁ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

**MUDRA FINANCE**
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
7453832600

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
**ବାବା ଅଘୋରୀ ତାନ୍ତ୍ରିକ**
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

**JANODAYA Finance**
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡ଼ା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole,Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# ସୀମା ବିବାଦ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଓଡ଼ିଶା ସହ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ରହିଥିବା ସୀମା ବିବାଦକୁ ସମାଧାନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ପଡ଼ୋଶୀ ରାଜ୍ୟଗୁଡ଼ିକ ସହିତ ଆପୋଷ ବୁଝାମଣା କରିବା ଲାଗି କେନ୍ଦ୍ର ସରକାରଙ୍କ ସହାୟତା ନେବା ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ଥିବା ସୀମା ବିବାଦକୁ ଆଲୋଚନା କରିବା ପାଇଁ ସର୍ବଦଳୀୟ ବୈଠକ ଡକାଯାଉ। ସେଥିରେ ଓଡ଼ିଶା ଗୋଇନ୍ଦା ବିଭାଗର ତଥ୍ୟ ସହ ସମାଜର ବ୍ୟକ୍ତିବିଶେଷଙ୍କ କଥାକୁ ଗୁରୁତ୍ୱ ଦିଆଯାଉ। ସୀମା ବିବାଦକୁ ବିସ୍ତୃତ ଓ ସ୍ଥାୟୀ ସମାଧାନ କରିବା ପାଇଁ ଓଡ଼ିଶା ବିଧାନସଭାରେ ବିଭିନ୍ନ ଦଳର ସଦସ୍ୟଙ୍କୁ ନେଇ ଏକ ଗୃହ କମିଟି ଗଠନ ହେଉ। ଯାହାଦ୍ୱାରା ସେମାନେ ଏହା ଉପରେ ବିଶେଷ ଅନୁଧ୍ୟାନ କରିବା ସହ ତଥ୍ୟ ଆଧାରିତ ପରାମର୍ଶ ଦେବେ। ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ଓଡ଼ିଶା ନିଜ ପଡ଼ୋଶୀ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟଗୁଡ଼ିକ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସୀମା ବିବାଦକୁ ସମାଧାନ କରିପାରିବ। ସଂଘୀୟ ବ୍ୟବସ୍ଥା ତଥା ରାଜ୍ୟଗୁଡ଼ିକ ମଧ୍ୟରେ ଭାଇଚାରାକୁ ଦୃଷ୍ଟିରେ ରଖାଯାଇ ଓଡ଼ିଶା ଏହି ସବୁ ଆଲୋଚନାରେ ମୁଖ୍ୟ ଭୂମିକା ଗ୍ରହଣ କରୁ। ଓଡ଼ିଶାର ଲୋକଙ୍କ ସାମାଜିକ-ଆର୍ଥିକ ସ୍ୱାର୍ଥ ସହ ଯେପରି ସାଲିସ ନ ହୁଏ ତାହାକୁ ସୁନିଶ୍ଚିତ କରିବା ସହ ଆବଶ୍ୟକତା ପଡ଼ିଲେ ରାଜ୍ୟ ଏହି ବିବାଦକୁ ସମାଧାନ କରିବା ପାଇଁ ଆଇନଗତ ପଦକ୍ଷେପ ନେବା ଲାଗି ବିଚାର କରିବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାରେ ପୂର୍ବରୁ ଉତ୍ତେଜନା ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶ ପ୍ରଶାସନ ଏକପାଖିଆ ଭାବେ ସମ୍ପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକର ମୌଜାର କିଛି ଅଂଶକୁ ନିଜର ବୋଲି ଦାବି କରିବା ସହ ତଳଗୋଇପଦ ଗାଁରେ ଏକ ପୋଖରୀ ଖୋଳିଥିବା ଜଣାପଡ଼ିଛି। ଏହି ପୋଖରୀ ଖୋଳାକୁ ଓଡ଼ିଶା ଗ୍ରହଣ କରୁନାହିଁ। ଏହି ଘଟଣାର ପ୍ରତିବାଦ କରି ଆନ୍ଧ୍ରପ୍ରଦେଶ ପାର୍ଶ୍ୱରେ ଥିବା ପଟାଙ୍ଗୀ-ଆର୍କୁ ରାସ୍ତାକୁ ସ୍ଥାନୀୟ ଗ୍ରାମବାସୀମାନେ ଅବରୋଧ କରିଦେବା ପରେ ଏହି ମାମଲା ବଢ଼ିଛି। ଉଲ୍ଲେଖନୀୟ ଯେ, କିଛିମାସ ପୂର୍ବରୁ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ପଶ୍ଚିମବଙ୍ଗ ଦ୍ୱାରା ଏକପାଖିଆ ଭାବେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ସୁବର୍ଣ୍ଣରେଖା ନଦୀ ପଠାରୁ ବାଲି ଖନନ କରାଯାଇଥିଲା। ଓଡ଼ିଶାର ୧୪ ଜିଲା ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ସହ ସୀମା ସେୟାର କରୁଛି। ଐତିହାସିକ ଓ ଭୌଗୋଳିକ କାରଣରୁ ଓଡ଼ିଶାର ଏହି ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସୀମା ତଥା ଜଳ ବିବାଦର ଏକ ଦୀର୍ଘ ଇତିହାସ ରହିଛି ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଛନ୍ତି।

# ସହରାଞ୍ଚଳରେ ଅଧିକ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ନିର୍ଦ୍ଦେଶ

**ଖୋଲା ଆକାଶ ତଳେ ଥିବା ବାସହୀନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରସଙ୍ଗ**

ଭୁବନେଶ୍ୱର,୧୯।୧୧(ବ୍ୟୁରୋ) – ଶୀତ ପ୍ରକୋପ ବୃଦ୍ଧିପାଉଥିବାବେଳେ ରାତିରେ ଘନ କୁହୁଡ଼ି ହେଉଛି। ଏପଟେ କୋଭିଡ୍-୧୯ ସଂକ୍ରମଣ ଆଶଙ୍କା ଅଧିକ ରହିଥିବାରୁ ଖୋଲା ଆକାଶ ତଳେ ରହୁଥିବା ବାସହୀନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟି ଦେବାକୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ସେଥିପାଇଁ ଖୋଲା ଆକାଶ ତଳେ ଯେପରି କେହି ନ ଶୁଅନ୍ତି ତାହା ନିଶ୍ଚିତ କରିବାକୁ ହେଉସିଂ ଅର୍ବାନ୍ ଡେଭଲପମେଣ୍ଟ ଏଜେନ୍ସି (ହୁଡା) ବିଭିନ୍ନ ମହାନଗର ନିଗମ ଓ ପୌରପାଳିକାଗୁଡ଼ିକୁ ଚିଠି ଲେଖିଛି। ବାସହରା ଲୋକଙ୍କ ଥଇଥାନ ପାଇଁ ଅଧିକ ସଂଖ୍ୟାରେ ସେଲ୍‌ଟର୍ ଫର୍ ଅର୍ବାନ୍(ଏସ୍‌ୟୁଏଚ୍) ବା ସହରାଞ୍ଚଳ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ସୁଡା ନିର୍ଦ୍ଦେଶ ଦେଇଛି। ସୁରକ୍ଷିତ ଥିବା ଅବ୍ୟବହୃତ ସରକାରୀ କୋଠା କିମ୍ବା ଘର ଭଡ଼ା ନେଇ ଅଧିକ ଆଶ୍ରୟସ୍ଥଳୀ ନିର୍ମାଣ କରିବାକୁ ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର, କଟକ ଓ ରାଉରକେଲା ମହାନଗର ନିଗମ କମିଶନରଙ୍କୁ କୁହାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଏହାବାଦ୍ ପୁରୀ, ରାୟଗଡ଼ା, ମାଲକାନଗିରି, ବାରିପଦା, ନବରଙ୍ଗପୁର, ବୌଦ୍ଧ, ଦେବଗଡ଼, ବରଗଡ଼, ପାରାଦୀପ, କେନ୍ଦ୍ରାପଡ଼ା, ନୟାଗଡ଼, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଓ ତାଳଚେର ସହରରେ ଯଥେଷ୍ଟ ସଂଖ୍ୟକ ଆଶ୍ରୟସ୍ଥଳୀ ନ ଥିବାରୁ ଏଠାରେ ତୁରନ୍ତ ଏସ୍‌ୟୁଏଚ୍ର ବ୍ୟବସ୍ଥା କରିବାକୁ ପୌରପାଳିକାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅବ୍ୟବହୃତ ହୋଇ ପଡ଼ିରହିଥିବା ସରକାରୀ କୋଠାକୁ ସଜାଡ଼ି ଏସ୍‌ୟୁଏଚ୍ ସେଣ୍ଟର କରାଯାଉ। ବାସହରା ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ତୁରନ୍ତ ଥଇଥାନ କରାଯାଉ। ଉପରୋକ୍ତ ସହରାଞ୍ଚଳଗୁଡ଼ିକରେ ଅଧିକ ସଂଖ୍ୟାରେ ବାସହରା ଲୋକ ରହୁଥିବା ହୋମଲେସ୍ ସର୍ଭେ ଡାଟାରୁ ଜଣାପଡ଼ିଛି। ତେଣୁ କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏସ୍‌ୟୁଏଚ୍ ଯୋଗାଇଦେବାକୁ ସୁଡା ନିର୍ଦ୍ଦେଶ ଦେଇଛି। ଏଥିସହ ସ୍ଥାୟୀ ଓ ଅସ୍ଥାୟୀ ଏସ୍‌ୟୁଏଚ୍ ନିର୍ମାଣ ସମ୍ପର୍କିତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ୮ମ ପ୍ରକଳ୍ପ ମଞ୍ଜୁରୀ କମିଟି(ପିଏସ୍‌ସି) ବୈଠକରେ ଏହି ତଥ୍ୟ ଦାଖଲ କରାଯିବ ବୋଲି ସୁଡା ପକ୍ଷରୁ ସୂଚନା ଦିଆଯାଇଛି।

# ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଲେ ଫରେଷ୍ଟର

ସୁନ୍ଦରଗଡ଼, ୧୯।୧୧ (ଡି.ଏନ୍.ଏ.)



ଗିରଫ ଫରେଷ୍ଟର ବିଜୟ କୁମାର କୋଠି।

ଜଙ୍ଗଲ ବିଭାଗ ପକ୍ଷରୁ ଜବତ ହୋଇଥିବା ଏକ ଟାଟା ମ୍ୟାଜିକ ଗାଡ଼ିକୁ ଛାଡ଼ି ଦେବାପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ସୁନ୍ଦରଗଡ଼ ଜିଲା ବାଙ୍କୀ ରେଞ୍ଜର ଫରେଷ୍ଟର ବିଜୟ କୁମାର କୋଠି ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଛନ୍ତି। ଲାଞ୍ଚ ପାଇଁ ଆଣିଥିବା ୧୦ହଜାର ଟଙ୍କା ଜବତ ହେବା ସହ ଗିରଫ କରି ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟକୁ ଚାଲାଣ କରିଛି। ଭିଜିଲାନ୍ସ ବିଭାଗ ସୂଚନା ମୁତାବକ ଗତ ଅକ୍ଟୋବର ୨୭ ତାରିଖରେ ବାଙ୍କୀ ଗ୍ରାମର ମଧୁସୂଦନ ନାଗ ଓଡ଼ି୧୪ଇ ୭୦୯୮ନଂ ବିଶିଷ୍ଟ ଗାଡ଼ିରେ କାଠ ଚାଲାଣ କରୁଥିବା ବେଳେ ଜଙ୍ଗଲ ବିଭାଗ ହାତରେ ଧରାପଡ଼ିଥିଲେ। ଜଙ୍ଗଲ ବିଭାଗ କାଠ ବୋଝେଇ ଟାଟା ମ୍ୟାଜିକ ଗାଡ଼ିକୁ ଜବତ କରିବା ସହ ମଧୁସୂଦନଙ୍କୁ କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଜବତ ଗାଡ଼ିକୁ ରିଲିଜ କରିବା ପାଇଁ ଫରେଷ୍ଟର ବିଜୟ କୁମାର କୋଠି ଡ୍ରାଇଭର ମଧୁସୂଦନ ଓ ତାଙ୍କ ଭାଇ ରାଜୁ ନାଗଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ଦାବି କରି ଆସୁଥିଲେ। ଏ ନେଇ ମଧୁସୂଦନ ଜାମିନରେ ଫେରିବା ପରେ ତାଙ୍କ ଭାଇଙ୍କ ସହ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ. ୩୩/୨୦)ରୁଜୁ ହୋଇଥିଲା। ରାଉରକେଲା ଭିଜିଲାନ୍ସ ଏସ୍‌ପି ସୁବାସ ଚନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ଼, ରାଉରକେଲା ଓ ଝାରସୁଗୁଡ଼ା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଯୋଜନା ମୁତାବକ ଫରେଷ୍ଟର କୋଠିଙ୍କୁ ତାଙ୍କ କାର୍ଯ୍ୟାଳୟରେ ରାଜୁ ନାଗଙ୍କ ପାଖରୁ ଦାବିମୁତାବକ ୧୦ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ଜାବୁ କରିଥିଲେ। ଭିଜିଲାନ୍ସ ବିଭାଗ ଡିଏସ୍‌ପି ବୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ସୁଧାଂଶୁ ଶେଖର ପୂଜାରୀ, ପି.କେ. ଆଇନ୍ଦ, ଅଭୟ କୁମାର ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଲୁଟିନେଲେ...

ପ୍ରଥମ ପୃଷ୍ଠାରୁ...

ଭଳି ଗୁରୁବାର ସକାଳ ୯ଟା ୩୦ ମିନିଟ୍‌ରେ ସଂସ୍ଥାର କାର୍ଯ୍ୟାଳୟ ଖୋଲିଥିଲା। ଏହି ସମୟରେ ଜଣେ ସିକ୍ୟୁରିଟି ଓ କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ। ୯ଟା ୪୫ ମିନିଟ୍‌ରେ ହଠାତ୍ ୪ ଜଣ ଦୁର୍ବୃତ୍ତ ମୁହଁରେ ମାସ୍କ ଓ ହେଲମେଟ୍ ପିନ୍ଧି କାର୍ଯ୍ୟାଳୟ ଭିତରେ ପଶିବା ସହ ବନ୍ଧୁକ ଦେଖାଇ ସମସ୍ତ କର୍ମଚାରୀଙ୍କୁ ଗୋଟିଏ ଜାଗାରେ ଠିଆ କରାଇଥିଲେ। ଭିତରରୁ ମୁଖ୍ୟଦ୍ୱାରର ଶଟରକୁ ପକାଇ ଦେଇଥିଲେ। ଏହାଦେଖି ଜଣେ ସୁରକ୍ଷାକର୍ମୀ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ନିର୍ଘୁମ ମାଡ ମାରିଥିଲେ। ପରେ ସେମାନେ ବନ୍ଧୁକ ଦେଖାଇ ଷ୍ଟ୍ରଙ୍ଗରୁମ ଚାବି ମାଗିଥିଲେ। ଦୁର୍ବୃତ୍ତମାନେ ଓଡ଼ିଆ ଓ ହିନ୍ଦୀରେ କଥାବାର୍ତ୍ତା କରିଥିଲେ। ଷ୍ଟ୍ରଙ୍ଗରୁମ ଚାବି ଦେବା ପରେ ସେଠାରେ ଗଚ୍ଛିତ ଥିବା ସବୁ ସୁନା ଅଳଙ୍କାର ଓ ନଗଦ ୪କୋଟି ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଡିସିପି ପ୍ରତୀକ ସିଂ, ଏସ୍‌ପି ଶୁଭନାରାୟଣ ମୁଖୁଲି, ପୁରୀଘାଟ ଥାନାଧିକାରୀ ରଶ୍ମିରଞ୍ଜନ ସାହୁ, ଲାଲବାଗ ଥାନାଧିକାରୀ ଆଶୁତୋଷ ମିଶ୍ର, ବାଦାମବାଡ଼ି ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର, ମଧୁପାଟଣା ଥାନାଧିକାରୀ ଦୁଷ୍ମନ୍ତ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏଥିସହ ପୋଲିସ ସଂସ୍ଥାର ଶାଖା ପ୍ରବନ୍ଧକ ସତ୍ୟମ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ପଚରାଉଚରା କରିଥିଲା। ତେବେ ଘୁଟ ସମୟରେ ଆଇଆଇଏଫ୍‌ଏଲ୍ ସଂସ୍ଥାର ସିସିଟିଭି କାମ କରୁ ନ ଥିବା ଜଣାପଡ଼ିଛି। ଆଖପାଖ ଅଞ୍ଚଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ସିସିଟିଭି ଫୁଟେଜ ସଂଗ୍ରହ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅପରାହ୍ନରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସ୍ନିଫର ଡଗ୍ ସ୍କ୍ୱାଡ ଘଟଣାସ୍ଥଳରେ ଅଧିକ ତଦନ୍ତ କରିଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଦୁର୍ବୃତ୍ତଙ୍କ ଚିହ୍ନଟ ମିଳିପାରିନାହିଁ। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ସହରର ୨ ପ୍ରବେଶ ପଥକୁ ସିଲ୍ କରାଯିବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଡିସିପି ପ୍ରତୀକ ସିଂ ପ୍ରକାଶ କରିଛନ୍ତି।

---

## OFFICE OF THE MUNICIPAL COUNCIL, RAYAGADA

DIST.- RAYAGADA, PIN CODE: 765001, ODISHA
Tel. No./Fax No. 06856-235067, E-mail ID: raygadam.hud@nic.in

Letter No. 4097 Dt. 17.11.20

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା୦୧।୦୧।୨୦୨୧ ଯୋଗ୍ୟତା ତାରିଖ ସୁଦ୍ଧା ଯେଉଁମାନଙ୍କ ବୟସ ୧୮ ବର୍ଷ କିମ୍ବା ତଦୁର୍ଦ୍ଧ ଅଟେ, ସେମାନଙ୍କ ନାମ ବିଧାନସଭା/ଲୋକସଭା ନିର୍ବାଚନ ନିମନ୍ତେ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ତା୧୬।୧୧।୨୦୨୦ରିଖଠାରୁ ଆରମ୍ଭ ହୋଇଅଛି ଓ ଏହା ଆସନ୍ତା ତା୧୫।୧୨।୨୦୨୦ରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ଭୋଟ ତାଲିକାରେ ନିଜ ନାମ ଯାଞ୍ଚ କରିବା ନିମନ୍ତେ ସମସ୍ତଙ୍କୁ ଜଣାଇ ଦିଆଯାଉଅଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅବଧି ମଧ୍ୟରେ ଯୋଗ୍ୟ ବ୍ୟକ୍ତି ନିଜ ନାମ ଯୋଗ, ବାଦ୍ ଓ ସଂଶୋଧନ ନିମନ୍ତେ ସମ୍ପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଆବଶ୍ୟକ ପ୍ରମାଣପତ୍ର ସହ ଦରଖାସ୍ତ ଦାଖଲ କରିପାରିବେ।

- ନାମ ଯୋଗ ନିମନ୍ତେ ଆବଶ୍ୟକ : ଫର୍ମ ନମ୍ବର ୬ ସହିତ ପାସପୋର୍ଟ ଆକାରର ରଙ୍ଗିନ ଫଟୋ, ଜନ୍ମ ତାରିଖ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର, ପୁରୁଣା ଭୋଟର କାର୍ଡ ନକଲ।
- ବାଦ୍ ନିମନ୍ତେ : ଫର୍ମ ନମ୍ବର ୭
- ସଂଶୋଧନ ନିମନ୍ତେ : ଫର୍ମ ୮ ସହ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବେ
- ସ୍ଥାନାନ୍ତର ନିମନ୍ତେ : ପୁରୁଣା ଭୋଟର ତାଲିକା ତଥ୍ୟ ସହ ଫର୍ମ ନମ୍ବର ୮ (କ)

ଏଣୁ, ଏକ ସୁସ୍ଥ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିରେ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ରାୟଗଡ଼ା

---

## OFFICE OF THE EXECUTIVE ENGINEER
## BHUBANESWAR (R&B) DIVISION NO.- III, BHUBANESWAR

bbsrrandb03@yahoo.com

60 Estg. No. 5502 Date: 17.11.2020

Government of Odisha "e" Procurement Notice No. (31) of 2020-21

No. B-437 **Bid Identification No. C.C. (R&B) 03**

| | | |
|---|---|---|
| 1 | Name of the Work | E.I. Work |
| 2 | Total No. of Works | 1 No. Works |
| 3 | Estimated Cost | Rs.44,83,714.00 |
| 4 | Class of Contractor | Original Equipment/Authorized Dealer |
| 5 | Period of Completion | 2 (Two) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 23.11.2020 at 10.00 hours to 02.12.2020 at 17.30 hours |
| 8 | Last date & time for receipt of bids in the portal | 02.12.2020 upto 17.30 hrs. |
| 9 | Name & address of the Officer Inviting Bid | Er. Himansu Sekhar Sarangi, Executive Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B.: Subsequent corrigendum/addendum if required shall be available in the website as indicated above.

Executive Engineer
Bhubaneswar (R&B) Division No.-III, BBSR
OIPR-34089/11/0009/2021

---

## ODISHA HYDRO POWER CORPORATION LTD.

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/P.O.- BARINIPUT, DIST.- KORAPUT - 764006
PHONE.: (06854) 242001, FAX: (06854) 242038, Email: sgmelukhep@ohpcltd.com

**TENDER CALL NOTICE No. 23/2020-21 Dated 18.11.2020**

No. CAD-792: Sealed tenders are invited from Authorised dealers/ channel partners/ reputed suppliers for "Supply of electrical & Hardware Materials for UKHEP, Bariniput, Dist: Koraput, Odisha".

| Sl. No. | Description of Materials | Cost of Tender Paper | Estimated Cost | EMD in Rs. |
|---|---|---|---|---|
| 1 | "Supply of Electrical & Hardwar Materials for UKHEP, Bariniput, Dist.: Koraput, Odisha" | Rs.7080/- (Incl GST 18%) | Rs.10,56,095/- | @ 1% of Quoted Value |

Sale of Tender Paper : From 27.11.2020 to 13.00 hrs. of 14.12.2020
Last date of submission of tender : 16.00 hrs. of 14.12.2020
Date & Time of opening of tender : 16.30 hrs. of 14.12.2020

For details of the tender documents, terms & conditions please visit our website www.ohpcltd.com.

C & P Head, UKHEP, Bariniput
OIPR-04002/11/0030/2021

---

## OFFICE OF THE CHIEF DISTRICT MEDICAL OFFICER
## REGIONAL VACCINE STORE, BALASORE

PHONE: 06782-269098, 9439989805, 9439989816

**Expression of Interest for AVDS**

No. 17247 Dt. 18.11.2020

No. E-367:- Expression of Interest is called from the interested NGOs/SHGs/Transport Agency/CBOs like Yuvak Sanghas/ Clubs/ Local Autos or Taxis/ Local unemployed youth/Volunteers to carry out the Alternate Vaccine Delivery Systems (AVDS) in NUHM, Urban of Balasore District. Interested parties are requested to apply with prescribed format to DPHO, Balasore on or before 26.11.2020. The detailed of Modalities can be obtained from www.baleswar.nic.in. The authority reserves every right to select/cancel any or all EOI without assigning any reason thereof.

Sd./- CDMO-cum-District Mission Director, Balasore
OIPR-10032/11/0001/2021

---

## ତହସିଲ କାର୍ଯ୍ୟାଳୟ, ପାଲଲହଡ଼ା, ଅନୁଗୋଳ

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ତହସିଲ କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା.୪୧୯୪/ ତାରିଖ ୧୮।୧୧।୨୦୨୦

[ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ତତ୍‌ପରବର୍ତ୍ତୀ (ସଂଶୋଧନ) ଆଇନ ଅନୁଯାୟୀ]

No. 75-F:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ପାଲଲହଡ଼ା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖାଦାନକୁ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ଉକ୍ତ ବିବରଣୀ, ଦରଖାସ୍ତ ଗ୍ରହଣ କରିବାର ଆରମ୍ଭ ଓ ଶେଷ ତାରିଖ ଏବଂ ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଅନୁଗୋଳ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ଙ୍କର ଅଧୀନରେ ଉପଲବ୍ଧ ହେବ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ପାଲଲହଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟଦିବସରେ (ସକାଳ ୧୦ ଘଟିକାରୁ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ) ଯୋଗାଯୋଗ କରିପାରିବେ।

OIPR-24015/11/0001/2021 ତହସିଲଦାର, ପାଲଲହଡ଼ା

---

## Government of Odisha "e" Procurement Notice
## WORKS DEPARTMENT

Bid Identification No. S.E.K.C., Keonjhar No. 14/2020-21

No. B-429 e-mail: sekcpwd_keonjhar@yahoo.com

Letter No. 3350 Dt.12.11.2020

| | | | |
|---|---|---|---|
| 1. | No. of the Work | : | 08 Number of Building Works |
| 2. | Estimated Cost | : | Rs.231.34 lakhs to Rs.325.00 lakhs |
| 3. | Period of Completion | : | 09 (Nine) Calendar Months to 11 (Eleven) Calendar Months |
| 4. | Date and time of availability of Bid document in the portal | : | From 11.00 hours of 04.12.2020 to 16.00 hours of 16.12.2020 |
| 5. | Last date/time for receipt of bids in the portal | : | 16.00 hours of 16.12.2020 |
| 6. | Date of opening of Bid from Portal | : | 12.00 hours on 17.12.2020 |
| 7. | Namd and address of the Officer Inviting Bid | : | Superintending Engineer, Keonjhar (R&B) Circle, Keonjhar - 758001 |

Further details can be seen from the e-procurement portal "http://tendersodisha.gov.in".

Superintending Engineer
Keonjhar (R&B) Circle), Keonjhar
OIPR-34033/11/0015/2021

---

## OFFICE OF THE CDM & PHO-cum-DMD, CUTTACK

Adv. No 14226 **TENDER CALL NOTICE** Date:14-11-2020

Sealed tenders are invited from registered printing agencies having adequate experience in taking up the works of composing / proof reading/ designing & printing. Details regarding the printing of various items as per need and terms & conditions may be downloaded from the website www.cuttack.nic.in. The tender should reach the office of the undersigned by 25/11/2020 (till 12 PM). The tender will be opened at 3.00 PM on 26/11/2020. The undersigned reserves the right to reject any or all the tenders without assigning any reason thereof.

Sd./-
CDM & PHO-cum-DMD, Cuttack

---

## ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ଜି.: ସୁବର୍ଣ୍ଣପୁର

**ଇସ୍ତାହାର**

ଏତଦ୍ୱାରା ସୋନପୁର ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ୨୦୨୦-୨୧ ଖରିଫ ବର୍ଷ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପ୍ରାଥମିକ କୃଷି ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଜରିଆରେ ଖରିଫ ଋତୁର ଉତ୍ପାଦିତ ଧାନ ସଂଗ୍ରହ କରାଯିବ। ରବିବାର ଛୁଟିଦିନ ବ୍ୟତୀତ ଜଣେ ଚାଷୀ ଏକର ପିଛା ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ୧୩ କୁଇଣ୍ଟାଲ ଧାନ ସକାଳ ୮.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୮୬୮/- ଟଙ୍କା ଏବଂ ବସ୍ତା (୭୫ କେ.ଜି.) ପିଛା ୧୪୦୧/- ଟଙ୍କାରେ ବିକ୍ରୟ କରିପାରିବେ। ଏଣୁ ଆପଣଙ୍କୁ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ଅଗ୍ରିମ ଟୋକନ ଗ୍ରହଣ କରି ନିର୍ଦ୍ଧାରିତ ଦିବସ ଓ ସମୟରେ ଉଲ୍ଲେଖିତ ଥିବା ସର୍ତ୍ତ ଓ ଉତ୍ତମ ଧାନକୁ ଶୁଖାଇ ଓ ସଫାକରି ଆଣିବେ ଯେପରି ଖାଦ୍ୟ ଉପଯୋଗୀ ଓ ବିକ୍ରୟଯୋଗ୍ୟ ହୋଇଥିବ। ଧାନ ଆଣିବା ସମୟରେ ମୁଖରେ ମୁଖା କିମ୍ବା ଗାମୁଛା ଘୋଡ଼ାଇ ଆସିବେ ଓ ସାନିଟାଇଜର କିମ୍ବା ସାବୁନରେ ହାତକୁ ଭଲଭାବରେ ଧୋଇବାକୁ ଅନୁରୋଧ।

ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି
ଡୁଙ୍ଗୁରିପାଲି

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PHULBANI (R&B) CIRCLE, PHULBANI

No. B-432

Phone: 06842-254004, E-mail: sernbphulbani@gmail.com

**INVITATION FOR BIDS (IFB)**

Bid Identification No. SE-(R&B)-PLB-04/2020-21

No. 1017 Dated: 12.11.2020

| | | |
|---|---|---|
| 1 | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid (Composite Tender) in Double Cover System in ONLINE MODE for construction of building works detailed in the table below from eligible contractors. | |
| 2 | Nature of Work | Building Work |
| 3 | No. of Tenders | 1 No. of Building Work |
| 4 | Tender Cost | Rs.10,000/- (through online) only |
| 5 | Class of Contractor | "B" & "A" Class |
| 6 | Date & time of sale & receipt of bids | 10.00 A.M. of 24.11.2020 to 5.00 P.M. of 08.12.2020 |
| 7 | Date of Opening of Bid | 11.00 A.M. of 09.12.2020 |
| 8 | The bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Er. M.K. Tripathy
Superintending Engineer
Phulbani (R&B) Circle, Phulbani
OIPR-34129/11/0005/2021

---

## SUPERINTENDING ENGINEER, SOUTHERN IRRIGATION CIRCLE - I, BERHAMPUR

e-mail id: se_sicbam@yahoo.com

No. A-302 **e-Procurement Notice No. SE, SIC - 08/2020-21**

1. Type of Work : Flood Control Work
2. Total No. of Works : 01 (One) No.
3. Amount put to tender : Rs.870.05 lakh
4. Period of Completion : 17 (Seventeen) Calendar Months

| Procurement Officer | Bid Identification No. | Bid Amount (Rs. in lakh) | Availability & submission of Bid Online |
|---|---|---|---|
| 1 | 2 | 3 | 5 |
| Superintending Engineer, Southern Irrigation Circle-I, Berhampur, Ganjam | SE, SIC (BNID) - 21/2020-21 | 870.05 | From 23.11.2020, 10.00 A.M. to 07.12.2020, 5.00 P.M. |

Date of opening of the Technical Bid : 08.12.2020 at 11.30 A.M.
Further details can be seen from the Govt. website www.tendersorissa.gov.in.

Sd./- Superintending Engineer
Southern Irrigation Circle - I, Berhampur
OIPR-32061/11/0006/2021

---

## OFFICE OF THE COLLECTOR, BALASORE
## (ST & SC DEV. SECTION)

Order No. 87/ST&SC Dt.19.11.2020

**QUOTATION CALL NOTICE**

Sealed quotations/tenders are invited in plain paper from the Authorized Dealers/Distributors/Firms/Registered Manufacturers located at Balasore for supply of Stationery articles (Art Kit and Chart Sheet) for Studetns of Ekalavya Model School, Gadia, Nilgiri, Balasore.

| Sl. No. | Name of the item with Maximum Price | Specification |
|---|---|---|
| 1 | Art Kit (Doms) Maximum Price - Rs.350/- | Water Color Pens (12 Nos.), Neon rubber tipped Graphite Pencil (1 No.), Bi-Color Pencils - 16, Assorted Shades (8 Nos.), Bi-Color Crayons - 24, Assorted Shades (12 Nos.), Jumbo Oil Pastels (12 Nos.), Plastic Crayons - (12 Nos.), Sports Car Eraser (1 No.), Sharpener (1 No.), Drawing Book (1 No.) |
| 2 | Chart Sheet (5 Nos.) Maximum Price - Rs.45/- | A3 |

The details of required items and terms and condition may be downloaded from the District website i.e. www.balasore.nic.in.

Sd./- District Welfare Officer, Balasore

---

## BHUBANESWAR MUNICIPAL CORPORATION
### REQUEST FOR PROPOSAL (RFP)
### NATIONAL COMPETITIVE BIDDING THROUGH e-Procurement

No. 60565 Dt.18.11.2020

No. C-215: On behalf of the Commissioner, Bhubaneswar Municipal Corporation (BMC), City Engineer, Bhubaneswar Municipal Corporation invites proposals for "Empanelment of Agencies for Total Station Survey for various work under Bhubaneswar Municipal Corporation" on the basis of National competitive Bidding for the work detailed in the table given below. The firm is advised to examine carefully all instructions in the RFP document.

| Sl. No. | Name of the Work | E.M.D. (Lakhs) | Cost of Documents | Period of Completion in days |
|---|---|---|---|---|
| 1 | 2 | 3 | 4 | 5 |
| 1 | Empanelment of agencies for Total Station Survey for various work under Bhubaneswar Municipal Corporation | 1.00 | 11,220/- | 12 Months |

The complete RFP document can be viewed/downloaded from e-procurement portal of the State Government https://tendersodisha.gov.in from 20.11.2020 (11.00 hrs. IST) to 30.11.2020 (14.00 hrs. IST). RFP must be submitted online as described in the notice.
Name & Address of the Officer Inviting RFP: City Engineer, Bhubaneswar Municipal Corporation, Goutam Nagar, Bhubaneswar, Odisha - 751014, Phone No.: +91-674-2430038, E-mail: ce@bmc.gov.in.
Interested bidders may download the Request for Proposal Documents (the "RFP" document) from the above website to see further details for participation in the online bidding.

By Order of Commissioner, BMC
Sd./- City Engineer, Bhubaneswar Municipal Corporation
OIPR-13002/11/0054/2021

---

## DIRECTORATE OF PRINTING, STATIONERY AND PUBLICATION, ODISHA, MADHUPATNA, CUTTACK-753010

**TENDER NOTICE NO.2/SCHEDULE /2020-21**

No. J-05:- Sealed tenders in separate sealed covers (Technical bid alongwith E.M.D. in one cover and price bid in another cover) in prescribed form are invited from bona-fide Manufacturers or their Authorized Dealers/Supplier/S.S.I.Unit/Co-operative Societies registered under the Societies Registration Act,1860 and in keeping with the prevailing rules and regulations including the IPR-2015 and Odisha M.S.M.E. Development Policy,2016. If local valid Manufacturers do not come up, such items shall be purchased from the out side state Manufacturers.

Details of tender documents with specification of different schedule items can be obtained on any working day during office hour at 11.00 A.M. to 4.00 P.M. from **20.11.2020 to 10.12.2020** from the office of the undersigned on payment of **Rs.1,010/-(Rupees one thousand ten)** only including tax (non-refundable) in cash by person only.

The tender information can also be obtained by downloading from the Odisha State Government website i.e. **www.odisha.gov.nic.in** and Odisha Govt. Press Website i.e. **www.ogpress.nic.in.** In such cases, the tender is to be submitted along with a bank draft of **Rs.1,010/- (Rupees one thousand ten)** only including tax (non-refundable) for schedule items drawn in favour of Director, Printing, Stationery & Publication, Odisha, Cuttack.

The tender documents as required by this Office along with samples and Earnest Money Deposits in prescribed manner shall be received up to 2.00 P.M. on **11.12.2020** and the Technical bids will be opened on the same date at 3.00 P.M. in the presence of bidders or one of their representatives.

Tender shall be finalised by the Authority.

The Authority reserves the right to reject any or all tenders and to alter/amend the terms and conditions of tender without assigning any reason thereof.

Disputes, if any, arises are subject to the jurisdiction of Cuttack.

Sd./- M.Pratap, Addl.D.G. of Police.-cum-Director
Printing, Stationery and Publication, Odisha, Madhupatna, Cuttack-10
OIPR-02002/11/0004/2021



ବଲିଉଡ୍ ସୁପରଷ୍ଟାର ସଲ୍ମାନ୍ ଖାନ୍ ଓ ତାଙ୍କ ପରିବାର ସଦସ୍ୟ ଏବେ ହୋମ୍ ଆଇସୋଲେଶନରେ ଅଛନ୍ତି। ତାଙ୍କ ଡ୍ରାଇଭର ଓ ୨ ଷ୍ଟାଫ୍ କରୋନା ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସଲ୍ମାନ୍ ଅଭିନୀତ ଫିଲ୍ମ 'ରାଧେ' ଚଳିତବର୍ଷ ଲକ୍‌ଡାଉନ୍ ପୂର୍ବରୁ ହିଟ୍ ହେଇସାରିଥିବାବେଳେ ଆଉ ଏକ ଫିଲ୍ମ ରିଲିଜ୍ ଅପେକ୍ଷାରେ ଅଛି। 'କିକ୍-୨' ଏବଂ 'କଭି ଇଦ୍ କଭି ଦିୱାଲି' ଫିଲ୍ମକୁ ନେଇ ସଲ୍ମାନ ବେଶ୍ ଆଶାବାଦୀ ଥିବା କହିଛନ୍ତି।

## ସଂକ୍ଷେପରେ

### ଉତ୍କୋଚ ସୂଚକାଙ୍କ: ୭୭ତମ ସ୍ଥାନରେ ଭାରତ

ନୂଆଦିଲ୍ଲୀ, ୧୯।୧୧: ଚଳିତ ବର୍ଷ ବ୍ୟବସାୟରେ ଉତ୍କୋଚ କାରବାର ଆଶଙ୍କା ବିଶ୍ୱ ସୂଚକାଙ୍କରେ ଭାରତ ୭୭ତମ ସ୍ଥାନରେ ରହିଛି। ଲାଞ୍ଚ ବିରୋଧୀ ମାନକ ଧାର୍ଯ୍ୟ କରୁଥିବା ସଂଗଠନ ଟ୍ରେସ୍ ପକ୍ଷରୁ ଏହି ତାଲିକା ପ୍ରକାଶ ପାଇଛି। ୧୯୪ଟି ଦେଶ, ଭୂଖଣ୍ଡ, ସ୍ୱୟଂଶାସିତ ତଥା ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳରେ ବାଣିଜ୍ୟରେ ଉତ୍କୋଚ କାରବାର ସମସ୍ୟାକୁ ନେଇ ପ୍ରସ୍ତୁତ ତାଲିକାରେ ଉତ୍ତର କୋରିଆ, ତୁର୍କମେନିସ୍ତାନ, ଦକ୍ଷିଣ ସୁଦାନ, ଭେନେଜୁଏଲା ଏବଂ ଏରିଟ୍ରିଆ ଶୀର୍ଷରେ ରହିଛନ୍ତି। ଗତବର୍ଷ ଭାରତ ୪୮ ମାର୍କ ସହ ୭୮ତମ ସ୍ଥାନରେ ଥିବାବେଳେ ଚଳିତ ବର୍ଷ ୪୫ ମାର୍କ ସହ ଗୋଟିଏ ସ୍ଥାନ ତଳକୁ ଖସିଛି।

### ଦିଲ୍ଲୀରେ ମାସ୍କ ନ ପିନ୍ଧିଲେ ୨ ହଜାର ଜରିମାନା

ନୂଆଦିଲ୍ଲୀ, ୧୯।୧୧: ଗତ କିଛି ସପ୍ତାହ ହେବ ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ସ୍ଥିତି ଜଟିଳ ହେବାରେ ଲାଗିଛି। ଏହାକୁ ରୋକିବା ଲାଗି ଦିଲ୍ଲୀ ସରକାର ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରିଛନ୍ତି। ମାସ୍କ ପିନ୍ଧି ନ ଥିବା ବ୍ୟକ୍ତି ୨ ହଜାର ଟଙ୍କା ଜରିମାନା ଗଣିବେ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁରୁବାର ଘୋଷଣା କରିଛନ୍ତି। ପୂର୍ବରୁ ଏହି ଜରିମାନା ୫୦୦ ଟଙ୍କା ରହିଥିବାବେଳେ ଏବେ ଏହାର ପରିମାଣ ବଢ଼ାଯାଇଛି। ଜନସାଧାରଣଙ୍କୁ ମାସ୍କ ଯୋଗାଇବା ଲାଗି ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନଙ୍କୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ବୁଧବାର ସଂକ୍ରମିତଙ୍କ ସଂଖ୍ୟା ୭,୪୮୬ ରହିଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫ ଲକ୍ଷ ଟପିଛି। କ୍ରମାଗତ ଭାବେ ସଂକ୍ରମଣ ବଢ଼ିଚାଲିଥିବାବେଳେ ୧,୪୦୦ ଆଇସିୟୁ ବେଡ୍ ବ୍ୟବସ୍ଥା କରାଯାଉଥିବା ଏବଂ ଘରୋଇ ହସ୍ପିଟାଲରେ ଅଣଆଇସିୟୁ ବେଡ୍‌ସଂଖ୍ୟା ୬୦% ବୃଦ୍ଧି କରାଯାଉଥିବା କେଜ୍ରିୱାଲ ପ୍ରକାଶ କରିଛନ୍ତି। ସଂକ୍ରମଣକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

### ପ୍ଲାଷ୍ଟିକ୍ କାରଖାନାରେ ବିସ୍ଫୋରଣ: ୫ ମୃତ

ମାଲ୍‌ଦା, ୧୯।୧୧: ପଶ୍ଚିମବଙ୍ଗର ମାଲ୍‌ଦା ଜିଲା ଅନ୍ତର୍ଗତ ସୁଜାପୁରରେ ଥିବା ଏକ ପ୍ଲାଷ୍ଟିକ୍ କାରଖାନାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ବିସ୍ଫୋରଣ ହେବାରୁ ୫ କର୍ମଚାରୀ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ୪ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନିଆଁ ଲିଭାଇବା ଲାଗି ଦମକଳ ବାହିନୀର କର୍ମଚାରୀମାନେ ପ୍ରୟାସ ଆରମ୍ଭ କରିଛନ୍ତି। ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ହେଁ ବାପା ଉତ୍ତେଜନା ଲାଗିରହିଛି।

### ନ୍ୟୁୟର୍କରେ ପୁଣି ବନ୍ଦ ହେଲା ସ୍କୁଲ

ନ୍ୟୁୟର୍କ, ୧୯।୧୧: କରୋନା ପୁନଃ ସଂକ୍ରମଣ ବଢ଼ୁଥିବାରୁ ନ୍ୟୁୟର୍କ ସହରରେ ଗୁରୁବାରଠାରୁ ପୁଣି ଥରେ ସ୍କୁଲ ବନ୍ଦ କରିଦିଆଯାଇଛି। ଆମେରିକାର ଅନ୍ୟତମ ସର୍ବବୃହତ୍ ପବ୍ଲିକ୍ ସ୍କୁଲ ବ୍ୟବସ୍ଥା ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିବା ମେୟର ବିଲ୍ ଡି ବ୍ଲାସିଓ କହିଛନ୍ତି। ମହାମାରୀ ପାଇଁ ସ୍କୁଲଗୁଡ଼ିକ ଦୀର୍ଘଦିନ ବନ୍ଦ ରହିବା ପରେ ଗତ ମାସରେ ଖୋଲିଥିଲା। ଯଦି କୋଭିଡ୍ ପଜିଟିଭ୍ ୩ ପ୍ରତିଶତ ଟପିଲେ ତେବେ ସ୍କୁଲ କ୍ଲିଶୁଗୁଡ଼ିକୁ ପୁଣି ବନ୍ଦ କରିଦିଆଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା।

### ପିଓକେରେ ପିନ୍‌ପଏଣ୍ଟ ଷ୍ଟ୍ରାଇକ୍ ମିଛ

ନୂଆଦିଲ୍ଲୀ, ୧୯।୧୧: ଭାରତୀୟ ସେନା ଗୁରୁବାର ପାକିସ୍ତାନ-ଅଧିକୃତ କଶ୍ମୀର (ପିଓକେ)ରେ 'ପିନ୍‌ପଏଣ୍ଟ ଷ୍ଟ୍ରାଇକ୍' କରିଛି ବୋଲି କେତେକ ଜାତୀୟ ଗଣମାଧ୍ୟମରେ ମିଛ ରିପୋର୍ଟ ପ୍ରକାଶ ପାଇଛି। ନିୟନ୍ତ୍ରଣରେଖା (ଏଲ୍‌ଓସି) ସେପଟେ ଥିବା ଆତଙ୍କବାଦୀମାନଙ୍କୁ ପାକିସ୍ତାନ ସେନା ଭାରତକୁ ଅନୁପ୍ରବେଶ କରାଇବା ପାଇଁ ଉଦ୍ୟମ ଚଳାଉଥିବାବେଳେ ଆର୍ଟିଲେରି ଓ ଟ୍ୟାଙ୍କ ବିରୋଧୀ କ୍ଷେପଣାସ୍ତ୍ର ପ୍ରୟୋଗ କରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦାବି କରାଯାଇଥିଲା। ଏହି ସାମାପାର ଷ୍ଟ୍ରାଇକ୍‌ରେ ପିଓକେସ୍ଥିତ ଆତଙ୍କବାଦୀଙ୍କ କେତେକ ଲଞ୍ଚପ୍ୟାଡ୍ ଧ୍ୱଂସପ୍ରାପ୍ତ ହୋଇଥିବା ଜଣାପଡ଼ିଥିଲା। ତେବେ ପିଓକେ ଷ୍ଟ୍ରାଇକ୍ ନ୍ୟୁଜ୍ ମିଛ ବୋଲି ଭାରତୀୟ ସେନା ସ୍ପଷ୍ଟ କରିଛି। ସାମରିକ ଅପରେଶନ ମହାନିର୍ଦ୍ଦେଶକ (ଡିଜିଏମ୍‌ଓ) ଲେଫ୍ଟନାଣ୍ଟ ଜେନେରାଲ ପରମଜିତ୍ ସିଂ କହିଛନ୍ତି, ସେନା ପକ୍ଷରୁ ପିଓକେରେ ଏପରି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ।

# ଭାରତର ଭାକ୍ସିନ୍ ଆଶା

## ଆସୁଛି ନିର୍ଭରଯୋଗ୍ୟ କରୋନା ଟିକା




ନୂଆଦିଲ୍ଲୀ, ୧୯।୧୧

କରୋନା ମହାମାରୀର ମୁକାବିଲା ଲାଗି ଟିକା ପ୍ରସ୍ତୁତିକୁ ନେଇ ବିଶ୍ୱବ୍ୟାପୀ ଚାଲିଥିବା ପ୍ରତିଯୋଗିତା ଏବେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛି। ଆମେରିକୀୟ କମ୍ପାନୀ ଫାଇଜର ଏବଂ ମଡର୍ନା ଇତିମଧ୍ୟରେ ସେମାନଙ୍କ ଟିକାର ତୃତୀୟ ପରୀକ୍ଷା ଫଳାଫଳ ଘୋଷଣା କରି ବିଭିନ୍ନ ଦେଶ ପାଇଁ ଆଶା ସଞ୍ଚାର କରିଛନ୍ତି। ୯୫ ପ୍ରତିଶତ ଫଳପ୍ରଦ ଫାଇଜର ଟିକା ଏବେ ବ୍ୟବହାର ନିମନ୍ତେ ଅନୁମୋଦନ ପାଇଁ ଆବେଦନ କରିଛି। ତେବେ ଏହି ଟିକା ପାଇଁ ଆବଶ୍ୟକ ହେଉଥିବା ସୁପର-କୋଲ୍ଡ ଷ୍ଟୋରେଜ୍ ଭାରତରେ ମିଳିବା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ୧୩୦ କୋଟି ଦେଶବାସୀଙ୍କ ପାଇଁ ଟିକା ଉତ୍ପାଦନ ଓ ସଂଗ୍ରହ ନିମନ୍ତେ ଭାରତ ଫାଇଜର ସମେତ କେତେକ କମ୍ପାନୀ ସହ ଆଲୋଚନା ଚଳାଉଛି।

**ଅକ୍ସଫୋର୍ଡ-ଅଷ୍ଟ୍ରାଜେନିକା**

ଭାରତ ଏପର୍ଯ୍ୟନ୍ତ କରିଥିବା ଭାକ୍ସିନ୍ ଡିଲ୍ ମଧ୍ୟରୁ ଅକ୍ସଫୋର୍ଡ-ଅଷ୍ଟ୍ରାଜେନିକା ସବୁଠୁ ଅଧିକ ନିର୍ଭରଯୋଗ୍ୟ ବୋଲି କୁହାଯାଉଛି। ୧୦୦ କୋଟି କୋଭିଡ୍ ଟିକା ଉତ୍ପାଦନ ଓ ଯୋଗାଣ ଲାଗି ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଷ୍ଟ୍ରାଜେନିକା ସହ କାର୍ଯ୍ୟ କରୁଛି। କୋଭିଶିଲ୍ଡ ନାମରେ ଆସିବାକୁ ଥିବା ଏହି ଭାକ୍ସିନ୍ ଭାରତରେ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ କରିବାକୁ ଯାଉଛି। ମହାମାରୀ ରୋକିବାରେ ଏହା ବାସ୍ତବ ସମାଧାନ ହୋଇପାରିବ ବୋଲି ଦ୍ୱିତୀୟ ଓ ତୃତୀୟ ପରୀକ୍ଷା ତଥ୍ୟକୁ ଆଧାର କରି ଆଇସିଏମ୍‌ଆର୍ କହିଛି। ଏହାର ଅନ୍ତରୀଣ ଫଳାଫଳ ଖୁବ୍‌ଶୀଘ୍ର ଆସିବା ଆଶା କରାଯାଉଛି। ଯଦି ଏହା ସଫଳ ହୁଏ ତେବେ ବର୍ଷ ଶେଷ ସୁଦ୍ଧା ବଜାରରେ ଉପଲବ୍ଧ ହେବ। କ୍ଷତିକାରକ ହୋଇ ନଥିବା ସାଧାରଣ ଥଣ୍ଡା ରୋଗ ଭୂତାଣୁ ଏବଂ ଆଡେନୋ ଭୂତାଣୁର ଦୁର୍ବଳ ଭର୍ସନକୁ ଆଧାର କରି ଅକ୍ସଫୋର୍ଡ ଉକ୍ତ ଟିକା ପ୍ରସ୍ତୁତ କରିଛି। ଏହାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଗଚ୍ଛିତ ରଖାଯାଇପାରିବ।

**ଫାଇଜର ଓ ମଡର୍ନା**

ଆମେରିକାର ଫାଇଜର-ବାୟୋଏନ୍‌ଟେକ୍ ଏବଂ ମଡର୍ନା କମ୍ପାନୀ ପକ୍ଷରୁ ପ୍ରସ୍ତୁତ ଟିକା ଯଥାକ୍ରମେ ୯୫% ଓ ୯୪.୫% ସଫଳ ବୋଲି ତୃତୀୟ ପରୀକ୍ଷା ଫଳାଫଳରୁ ଜଣାପଡ଼ିଥିବା ସେମାନେ ଦାବି କରିଛନ୍ତି। ତେବେ ଫାଇଜର ଟିକା ପାଇଁ ବିୟୁଣ ୭୦ ଡିଗ୍ରୀ ତାପମାତ୍ରା ଆବଶ୍ୟକ ପଡୁଥିବାରୁ ଏହା ଭାରତ ପକ୍ଷେ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ମଡର୍ନା ଟିକାକୁ ବିୟୁଣ ୨୦ ଡିଗ୍ରୀ ତାପମାତ୍ରାରେ ସଂରକ୍ଷିତ ରଖାଯାଇପାରିବ। ଏଭଳି କର୍ମସିଆଲ ଡିପ୍ ଫ୍ରିଜ୍ ଭାରତରେ ଉପଲବ୍ଧ।

**କୋଭାକ୍ସିନ୍**

ଭାରତ ବାୟୋଟେକ୍ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ସହ ମିଶି କୋଭାକ୍ସିନ୍ ଟିକା ପ୍ରସ୍ତୁତ କରୁଛି। ଦୁଇଟି ପର୍ଯ୍ୟାୟ ପରୀକ୍ଷାରୁ ଏହା ନିରାପଦ ଏବଂ କୌଣସି ପ୍ରତିକୂଳ ପ୍ରଭାବ ନ ଥିବା ଜଣାପଡ଼ିଛି। ପରୀକ୍ଷାରେ ଭାଗ ନେଇଥିବା ୯୦ ପ୍ରତିଶତରୁ ଅଧିକ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ବିକଶିତ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ପ୍ରବେଶ କରିଥିବା ଏହି ଭାକ୍ସିନ୍‌କୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ରଖାଯାଇପାରିବ।

**ସ୍ପୁଟ୍‌ନିକ୍ ଭି**

ସ୍ପୁଟ୍‌ନିକ୍ ଭି ଟିକା ପାଇଁ ଭାରତ ରୁଷିଆର ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସହ ଡିଲ୍ କରିଛି। ଏହି ଟିକା ୯୨ ପ୍ରତିଶତ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉକ୍ତ ଟିକା ଭାରତରେ ପ୍ରସ୍ତୁତ କରିବା ଲାଗି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଙ୍ଗଳବାର ବ୍ରିକ୍ସ ସମ୍ମିଳନୀରେ ପ୍ରସ୍ତାବ ଦେଇଥିଲେ। ଭାରତରେ ଡ. ରେଡ୍ଡିସ୍ ଏହି ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଖୁବ୍‌ଶୀଘ୍ର ଆରମ୍ଭ କରିବ। ଏହାକୁ ବିୟୁଣ ୨୦ରୁ ବିୟୁଣ ୭୦ ଡିଗ୍ରୀ ତାପମାତ୍ରା ମଧ୍ୟରେ ରଖାଯାଇପାରିବ।

**ନୋଭାଭାକ୍ସ**

ଏହି ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଆରମ୍ଭ ହୋଇ ନ ଥିବା ବେଳେ ସଫଳ ହେଲେ ଆସନ୍ତାବର୍ଷ ଦ୍ୱିତୀୟାର୍ଦ୍ଧରେ ଉପଲବ୍ଧ ହେବା ଆଶା କରାଯାଉଛି। ବର୍ଷକୁ ୨୦୦ କୋଟି ନୋଭାଭାକ୍ସ ପ୍ରସ୍ତୁତ ଲାଗି ଉକ୍ତ କମ୍ପାନୀ ସହ ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଚୁକ୍ତି ସ୍ୱାକ୍ଷର କରିଛି।

**ଜାଇଡସ୍ କାଡିଲା**

ଭାରତର ଟିକା ଉତ୍ପାଦନକାରୀ କମ୍ପାନୀ ଜାଇଡସ୍ କାଡିଲା କୋଭିଡ୍ ଏବଂ ଆଧାରିତ ଭାକ୍ସିନ୍ ଜାଇକୋଭ୍-ଡିର ପରୀକ୍ଷା ଆରମ୍ଭ କରିଛି। ଡିସେମ୍ବରରେ ଏହାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ହେବ। ବର୍ତ୍ତମାନ ସୁଦ୍ଧା ମିଳିଥିବା ଫଳାଫଳ ଅନୁଯାୟୀ ଉକ୍ତ ଟିକା ନିରାପଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ବୟସ୍କଙ୍କ ପାଇଁ ଅକ୍ସଫୋର୍ଡ ଟିକା

ଲଣ୍ଡନ, ୧୯।୧୧(ପି.ଟି.)

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଟିମ୍ ପ୍ରସ୍ତୁତ କରିଥିବା କୋଭିଡ୍ ଟିକା ବରିଷ୍ଠ ନାଗରିକମାନଙ୍କ ଲାଗି ଉପାଦେୟ ବୋଲି ପରୀକ୍ଷାରୁ ଜଣାପଡ଼ିଛି। ଏହା ୫୬ରୁ ୬୯ ବର୍ଷ ବୟସ ବର୍ଗର ସୁସ୍ଥ ବ୍ୟକ୍ତି ଏବଂ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇପାରିଛି। ଲାନ୍‌ସେଟ୍‌ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଅକ୍ସଫୋର୍ଡ ଟିକା ୫୬୦ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କଠାରେ ପରୀକ୍ଷା କରାଯାଇଥିଲା, ଯାହା ନିରାପଦ ଓ ସହଯୋଗୀ। ଯୁବକଙ୍କ ତୁଳନାରେ ବୟସ୍କଙ୍କଠାରେ ଏହା କମ୍ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଉଛି। ଯୁବବର୍ଗଙ୍କଠାରେ ଏହା ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରୁଥିଲେ ହେଁ ବୟସ୍କଙ୍କଠାରେ ଉକ୍ତ ଟିକା ଅଧିକ ଫଳପ୍ରଦ ବୋଲି କୁହାଯାଇଛି। ବରିଷ୍ଠ ନାଗରିକଙ୍କ ପ୍ରତି କରୋନା ସଂକ୍ରମଣ ଭୟ ଅଧିକ ଥିବାରୁ ସେକୌଣସି ଟିକା ସେମାନଙ୍କ ପାଇଁ ଫଳପ୍ରଦ ହେବା ଜରୁରୀ। ତେଣୁ ଅକ୍ସଫୋର୍ଡ ଭାକ୍ସିନ ଏ ଦିଗରେ ଏକ ସଫଳତା ବୋଲି ଗବେଷକମାନେ କହିଛନ୍ତି। ଟିକାର ତୃତୀୟ ପର୍ଯ୍ୟାୟ ପରୀକ୍ଷା ଜାରି ରହିଥିବାବେଳେ ଆଗାମୀ ସପ୍ତାହରେ ଏହାର ପ୍ରାରମ୍ଭିକ ଫଳାଫଳ ମିଳିଯିବ ବୋଲି ଆଶା କରାଯାଉଛି।

## ଆଜି ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଟିକା ନେବେ

ଚଣ୍ଡିଗଡ଼, ୧୯।୧୧

**କୋଭାକ୍ସିନ୍ ପରୀକ୍ଷା**



ଅନିଲ ଭିଜ୍

କରୋନା ଟିକା କୋଭାକ୍ସିନ୍‌ର ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ପ୍ରଥମ ସ୍ୱେଚ୍ଛାସେବୀ ହେବେ ବୋଲି ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ ପୂର୍ବରୁ ପ୍ରସ୍ତାବ ଦେଇଥିଲେ। ଭାରତ ବାୟୋଟେକ୍ ପ୍ରସ୍ତୁତ ଏହି ଭାକ୍ସିନ୍‌ର ପରୀକ୍ଷାମୂଳକ ଡୋଜ୍ ଶୁକ୍ରବାର ୬୭ ବର୍ଷୀୟ ଭାଜପା ନେତାଙ୍କୁ ଅମ୍ବାଲା କ୍ୟାଣ୍ଟନମେଣ୍ଟସ୍ଥିତ ସିଭିଲ ହସ୍ପିଟାଲରେ ଦିଆଯିବ।

## ୩-୪ ମାସରେ ଉପଲବ୍ଧ ହେବ: ହର୍ଷବର୍ଦ୍ଧନ

ନୂଆଦିଲ୍ଲୀ, ୧୯।୧୧: ଆଗାମୀ ୩ରୁ ୪ ମାସ ମଧ୍ୟରେ କୋଭିଡ୍ ଟିକା ପ୍ରସ୍ତୁତ ହୋଇଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଫ୍‌ଆଇସିସିଆଇର ଏଫ୍‌ଏଲ୍‌ଓ ୱେବିନାରରେ 'କରୋନା ଓ ପରବର୍ତ୍ତୀ ସ୍ୱାସ୍ଥ୍ୟସେବାରେ ମୌଳିକ ପରିବର୍ତ୍ତନ' ଶୀର୍ଷକ ଉପରେ ଆଲୋଚନା ବେଳେ କେନ୍ଦ୍ରମନ୍ତ୍ରୀ ଉପରୋକ୍ତ ସୂଚନା ଦେଇଛନ୍ତି। ବିଜ୍ଞାନସମ୍ମତ ତଥ୍ୟ ଆଧାରରେ କେଉଁମାନଙ୍କୁ ପ୍ରଥମେ ଏହି ଟିକା ଦିଆଯିବା ଆବଶ୍ୟକ ତାହା ନିର୍ଦ୍ଧାରଣ କରାଯିବ। ସ୍ୱାଭାବିକ୍ ଭାବେ ସ୍ୱାସ୍ଥ୍ୟକର୍ମୀ ଓ କରୋନା ଯୋଦ୍ଧାଙ୍କୁ ପ୍ରାଥମିକତା ଦିଆଯିବ। ଏହା ପରେ ୬୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ରୋଗ ଥିବା ବ୍ୟକ୍ତିଙ୍କୁ ଟିକାକରଣରେ ପ୍ରାଧାନ୍ୟ ଦିଆଯିବ। ଏ ସମ୍ପର୍କରେ ଆଲୋଚନା ପାଇଁ ଏକ ଇ-ଭାକ୍ସିନ୍ ଇଣ୍ଟେଲିଜେନ୍ସ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଉଛି।

# ଉଲ୍‌କା ଧକ୍କାରୁ ରାତାରାତି କୋଟିପତି

ଜାକର୍ତ୍ତା,୧୯।୧୧: ଭଗବାନ ଯେବେ ଦିଅନ୍ତି ଛାତ ଫଟାଇକି ଦେଇଥାନ୍ତି ବୋଲି ହିନ୍ଦୀରେ ଏକ ପ୍ରବାଦ ଅଛି। ଇଣ୍ଡୋନେସିଆର ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ରୂଢ଼ି ସତ ପ୍ରମାଣିତ ହୋଇଛି। ତାଙ୍କ ଛାତରେ ଏକ ଉଲ୍‌କା ପିଣ୍ଡ ଧକ୍କା ହେବା ଫଳରେ ସେ ରାତାରାତି କୋଟିପତି ହୋଇଯାଇଛନ୍ତି। ସୁମାତ୍ରା ନିବାସୀ ଜୋସୁଆ ହୁଟାଗାଲୁଙ୍ଗ୍ (୩୩) ଗତ ଅଗଷ୍ଟରେ ତାଙ୍କ ଘର ବାହାରେ କାମ କରୁଥିବାବେଳେ ପ୍ରଚଣ୍ଡ ଶବ୍ଦ ଶୁଣିଥିଲେ। ଦେଖିଲା ବେଳକୁ ତାଙ୍କ ବାରଣ୍ଡାର ଟିଣଛାତକୁ କିଛି ଗୋଟାଏ ଧକ୍କା ଦେଇଥିଲା। ସେ ଯାଞ୍ଚ କରିବା



ଉଲ୍‌କା ଖଣ୍ଡ ସହ ଜୋସୁଆ ହୁଟାଗାଲୁଙ୍ଗ୍

ପରେ ସେଠାରୁ ଉଲ୍‌କା ପିଣ୍ଡର କେତେକ ପ୍ରସ୍ତର ଖଣ୍ଡ ପାଇଥିଲେ। ସେଗୁଡ଼ିକ ଉତ୍ତପ୍ତ ଅବସ୍ଥାରେ ଥିଲା। ୨.୧ କେ.ଜି ଓଜନର ସେହି ମହାକାଶୀୟ ପ୍ରସ୍ତର ୪.୮ ବିଲିୟନ୍ ବର୍ଷ ପୁରୁଣା ଏବଂ ବିରଳ ଧାତୁରେ ଗଠିତ। ଏହାର ପ୍ରତି ଗ୍ରାମ୍‌ର ମୂଲ୍ୟ ୬୪୫ ପାଉଣ୍ଡ। ଜୋସୁଆ ଏହି ଆବିଷ୍କାର ସମ୍ପର୍କରେ ଫେସ୍‌ବୁକ୍‌ରେ ପୋଷ୍ଟ କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆମେରିକାର ସେଶିଆଲିଷ୍ଟ ସଂଗ୍ରହକାରୀ ଜାରେଡ୍ କୋଲିନ୍ସ ଉଲ୍‌କା ଖଣ୍ଡକୁ ତାଙ୍କଠାରୁ କିଣିଥିଲେ। ଜୋସୁଆ ଏହାକୁ କେତେ ଅର୍ଥରେ ବିକ୍ରିଛନ୍ତି ତାହା କହିବାକୁ ମନା କରିଦେଇଛନ୍ତି। ତେବେ ଏହା ୧ ନିୟୁତ ପାଉଣ୍ଡ (୯.୮ କୋଟି ଟଙ୍କା)ରେ ବିକ୍ରି ହୋଇଥିବା କୁହାଯାଉଛି।

# ଆମେରିକାରେ ଝଡ଼ବାତ୍ୟା: ୩୫ ମୃତ

ସାନ୍ ସାଲ୍‌ଭାଡର, ୧୯।୧୧



କେନ୍ଦ୍ରୀୟ ଆମେରିକାରେ ଝଡ଼ବାତ୍ୟା ଯୋଗୁ ୩୫ ଜଣଙ୍କ ପ୍ରାଣହାନି ଘଟିଛି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ନିକାରଗୁଆରେ। ଏଠାରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହୋଣ୍ଡୁରାସ୍‌ରେ ୧୪ ଜଣ ପ୍ରାଣ ହରାଇଛନ୍ତି। ଦୁଇ ସପ୍ତାହ ପୂର୍ବରୁ ବାତ୍ୟା 'ଇଟା' ସବୁ ଛାରଖାର କରିଦେଇଥିବାବେଳେ ଏବେ ଝଡ଼ବାତ୍ୟା 'ଆୟୋଟା'ର ତାଣ୍ଡବ ଦେଖିବାକୁ ମିଳିଛି। ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାରୁ ସହସ୍ରାଧିକ ଘର, ଗଛ ଆଦି ଭାଙ୍ଗିଯାଇଥିବା ଜଣାପଡ଼ିଛି। ଆୟୋଟା ନିକାରଗୁଆଠାରେ ଲ୍ୟାଣ୍ଡଫଲ୍ କରି ୩ ଦିନ ହେବ ଗୁଏଟେମାଲା, ହଣ୍ଡୁରାସ୍ ଓ ଆଖପାଖ ଅଞ୍ଚଳବାସୀଙ୍କୁ ନିଜକବ୍ଜା କରି ରଖିଛି। କେତେକ ସ୍ଥାନରେ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନ ପରିସ୍ଥିତି ଦେଖାଦେଇଛି। ଏଥିଲାଗି ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅନେକ ଲୋକଙ୍କୁ ସୁରକ୍ଷା ଲାଗି ଆଶ୍ରୟସ୍ଥଳକୁ ନିଆଯାଇଛି।

## ୪ ଜୈଶ୍ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୯।୧୧(ପି.ଟି.)

ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥରେ ଗୁରୁବାର ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜୈଶ୍-ଇ-ମହମ୍ମଦର ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଏନ୍‌କାଉଣ୍ଟରରେ ୨ ଜଣ ପୋଲିସ ଆହତ ହୋଇଥିବା ଜଣାପଡ଼ିଛି। ଆତଙ୍କବାଦୀ ନିହତ ହେବା ପରେ ସେମାନଙ୍କର ଏକ ବଡ଼ ଯୋଜନା ପଣ୍ଡ ହୋଇଥିବା ଜମ୍ମୁ ପୋଲିସ ଆଇଜି ମୁକେଶ ସିଂ କହିଛନ୍ତି। ଜମ୍ମୁ-କଶ୍ମୀରର ରାଜନୈତିକ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି କରିବାକୁ ପାକିସ୍ତାନ ଉଦ୍ୟମ ଚଳାଉଛି। ଚଳିତ ମାସରେ ହେବାକୁ ଥିବା ଜିଲା ଉନ୍ନୟନ ପରିଷଦ (ଡିଡିସି) ନିର୍ବାଚନରେ ବାଧା ସୃଷ୍ଟି ପାଇଁ ଆତଙ୍କବାଦୀମାନେ କଶ୍ମୀର ଉପତ୍ୟକାକୁ ଯାଉଥିଲେ ବୋଲି କଶ୍ମୀର ଆଇଜି ବିଜୟ କୁମାର କହିଛନ୍ତି।

## କୋଭିଡ୍ ଯୋଦ୍ଧାଙ୍କ ପିଲାଙ୍କ ଲାଗି ୫ ଏମ୍‌ବିବିଏସ୍ ସିଟ୍ ସଂରକ୍ଷିତ

ନୂଆଦିଲ୍ଲୀ, ୧୯।୧୧(ପି.ଟି.)

୨୦୨୦-୨୧ ଶିକ୍ଷାବର୍ଷରେ କୋଭିଡ୍ ଯୋଦ୍ଧାଙ୍କ ପିଲାମାନଙ୍କ ଡାକ୍ତରୀ ଶିକ୍ଷା ଲାଗି ୫ଟି ଏମ୍‌ବିବିଏସ୍ ସିଟ୍ ସଂରକ୍ଷିତ ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। କରୋନା ରୋଗୀଙ୍କ ଚିକିତ୍ସା ନିୟୋଜିତ ଥାଇ ପ୍ରାଣ ହରାଇଥିବା କୋଭିଡ୍ ଯୋଦ୍ଧାଙ୍କ ଅବଦାନକୁ ସମ୍ମାନ ଜଣାଇବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି। କେନ୍ଦ୍ର ସରକାରଙ୍କ ସଂରକ୍ଷିତ କୋଟାରୁ ୫ଟି ଆସନ କୋଭିଡ୍ ଯୋଦ୍ଧାଙ୍କ ପିଲାଙ୍କ ପାଇଁ ରଖିବାକୁ ଗାଇଡ୍‌ଲାଇନ୍‌ରେ କୁହାଯାଇଛି।

# ବିହାର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା

ପାଟନା, ୧୯।୧୧



ମେୱାଲାଲ ଚୌଧରୀ

ବିହାରର ନବନିଯୁକ୍ତ ଶିକ୍ଷାମନ୍ତ୍ରୀ ମେୱାଲାଲ ଚୌଧରୀ ଶପଥ ନେବାର ୩ ଦିନ ପରେ ଗୁରୁବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମେୱାଲାଲଙ୍କ ବିରୋଧରେ ଦୁର୍ନୀତି ମାମଲା ଥିବାରୁ ତୁରନ୍ତ ତାଙ୍କୁ ବହିଷ୍କାର କରିଯିବାକୁ ବିରୋଧୀ ଦଳ ପକ୍ଷରୁ ଦାବି ହୋଇଥିଲା। ଦୁର୍ନୀତିଗ୍ରସ୍ତ ମେୱାଲାଲଙ୍କୁ ମନ୍ତ୍ରୀ କରାଯାଇଥିବାରୁ ବୁଧବାର ଆରଜେଡି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ସମାଲୋଚନା କରିଥିଲା। ଏପରିକି ନବନିଯୁକ୍ତ ଶିକ୍ଷାମନ୍ତ୍ରୀଙ୍କୁ ଜାତୀୟ ସଙ୍ଗୀତ ଜଣା ନ ଥିବା ଆରଜେଡି ଅଭିଯୋଗ ଆଣିବା ସହ ଏହାର ଏକ ଭିଡିଓ ପ୍ରଦର୍ଶନ କରିଥିଲା। ତେବେ ମାମଲାରେ ଏପର୍ଯ୍ୟନ୍ତ ଚାର୍ଜଶିଟ୍ ଦାଖଲ ହୋଇନାହିଁ କିମ୍ବା କୋର୍ଟ ଦୋଷୀସାବ୍ୟସ୍ତ କରି ନ ଥିବାରୁ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ପ୍ରମାଣିତ ନୁହେଁ ବୋଲି କେହି କେହି କହିଛନ୍ତି। ସୂଚନାଯୋଗ୍ୟ କୃଷି ବିଶ୍ୱବିଦ୍ୟାଳୟର କୁଳପତି ଥିବାବେଳେ ମେୱାଲାଲଙ୍କ ବିରୋଧରେ ନିଯୁକ୍ତି ଅନିୟମିତତା ଅଭିଯୋଗ ହୋଇଥିଲା। ଏହି ମାମଲା ରୁଜୁ ହେବା ପରେ ୨୦୧୭ରେ ତାଙ୍କୁ ନୀତୀଶଙ୍କ ନେତୃତ୍ୱାଧୀନ ଜେଡିୟୁରୁ ନିଲମ୍ବନ କରାଯାଇଥିଲା।

# ହାଫିଜ୍‌ଙ୍କୁ ୧୦ ବର୍ଷ ଜେଲ

ଲାହୋର, ୧୯।୧୧



ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍ ଉଦ୍ ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସଇଦଙ୍କୁ ଗୁରୁବାର ୧୦ ବର୍ଷ ଜେଲ ଦଣ୍ଡାଦେଶ ମିଳିଛି। ପାକିସ୍ତାନର ଆତଙ୍କବାଦ ବିରୋଧୀ ଅଦାଲତ ଦୁଇଟି ଆତଙ୍କବାଦୀ ମାମଲାରେ ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଏଭଳି ଦଣ୍ଡାଦେଶ ଶୁଣାଇଛନ୍ତି। ସଇଦ୍‌ଙ୍କୁ ଜାତିସଂଘ ପକ୍ଷରୁ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିଲା। ଆମେରିକା ପକ୍ଷରୁ ମଧ୍ୟ ତାଙ୍କ ଲାଗି ୧୦ ନିୟୁତ ଡଲାରର ପୁରସ୍କାର ଘୋଷଣା କରାଯାଇଥିଲା। ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଅଭିଯୋଗରେ ଗତବର୍ଷ ଜୁଲାଇ ୧୭ରେ ସଇଦ୍‌ଙ୍କୁ ଗିରଫ କରାଯାଇଥିଲା। ଆତଙ୍କ ବିରୋଧୀ ଅଦାଲତ ଗତ ଫେବ୍ରୁଆରୀରେ ତାଙ୍କୁ ୧୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏବେ ସେ ଲାହୋର୍ କୋଟ ଲଖ୍‌ପତ୍ ଜେଲରେ ଅଛନ୍ତି। ଗୁରୁବାର ଲାହୋର ଆତଙ୍କବିରୋଧୀ ଅଦାଲତ ହାଫିଜ୍ ସଇଦଙ୍କ ସମେତ ୪ ଜେୟୁଡି ନେତାଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି।

# କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ

## ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଲାଗି ଆବେଦନ

ନୂଆଦିଲ୍ଲୀ, ୧୯।୧୧(ପି.ଟି.)

ହିନ୍ଦୁ ବିବାହ ଆଇନ (ଏଚ୍‌ଏମ୍‌ଏ) ଏବଂ ସ୍ୱତନ୍ତ୍ର ବିବାହ ଆଇନରେ ସମଲିଙ୍ଗୀ ବିବାହ ସ୍ୱୀକୃତ ବୋଲି ଘୋଷଣା କରିବାକୁ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଗୁରୁବାର କେନ୍ଦ୍ରକୁ ଜବାବ ମାଗିଛନ୍ତି। ଏନେଇ ୪ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ୍ ରାଜୀବ ସହାଇ ଏଣ୍ଡଲ ଏବଂ ଆଶା ମେନନଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ସମାନ ଅଧିକାର କର୍ମୀ ଅଭିଜିତ୍ ଆୟାର ମିତ୍ର, ଗୋପୀ ଶଙ୍କର ଏମ୍, ଗୀତି ଥଡାନୀ ଏବଂ ଜି. ଉର୍ବଶୀ ଦାଏର କରିଥିବା ପିଟିସନରେ ଉଲ୍ଲେଖ କରିଥିଲେ, ସହମତିରେ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଦେଇଥିଲେ ମଧ୍ୟ ଏଭଳି ବିବାହ ସମ୍ଭବ ହେଉନାହିଁ। ଖଣ୍ଡପୀଠ ଉକ୍ତ ପିଟିସନ ସହ ଅନ୍ୟ ଦୁଇଟି ଆବେଦନର ମଧ୍ୟ ଏକତ୍ର ଶୁଣାଣି କରୁଛନ୍ତି। ସେଥିରୁ ଗୋଟିଏ ପିଟିସନ ଦୁଇଜଣ ମହିଳା ଦାଏର କରିଥିଲେ। ସେମାନେ ସ୍ୱତନ୍ତ୍ର ବିବାହ ଆଇନ ଅନୁଯାୟୀ ପରସ୍ପରକୁ ବିବାହ କରିବାକୁ ଚାହୁଁଥିବାବେଳେ ସେଥିରେ ରହିଥିବା କେତେକ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରିଛନ୍ତି। ଅନ୍ୟ ପିଟିସନ ଦୁଇଜଣ ପୁରୁଷଙ୍କ ପକ୍ଷରୁ ଦାଏର ହୋଇଥିଲା। ସେମାନେ ବିଦେଶ ବିବାହ ଆଇନ ଅନୁଯାୟୀ ଆମେରିକାରେ ପରସ୍ପରକୁ ବିବାହ କରିବାକୁ ଚାହୁଁଥିବାବେଳେ ଏଥିପାଇଁ ପଞ୍ଜୀକରଣ ନିମନ୍ତେ ଅନୁମତି ମିଳିନଥିଲା।

# ନେପାଳରେ ତେଜିଲା ରାଜନୈତିକ ସଙ୍କଟ

ନୂଆଦିଲ୍ଲୀ, ୧୯।୧୧(ପି.ଟି.)



ପି.କେ. ଦହଲ ପ୍ରଚଣ୍ଡ — କେ.ପି. ଶର୍ମା ଓଲି

## ଭାରତ ସହ ସମ୍ପର୍କ ସୁଧାରିବା ଉଦ୍ୟମ ବିଳମ୍ବ ହୋଇପାରେ

ଭାରତ-ନେପାଳ ମଧ୍ୟରେ ନିକଟ ଅତୀତରେ ଦେଖାଦେଇଥିବା ବିବାଦ ଯୋଗୁ ଦ୍ୱିପାକ୍ଷିକ ସମ୍ପର୍କ ପ୍ରଭାବିତ ହୋଇଥିଲା। ଏହାକୁ ସୁଧାରିବା ଲାଗି ଦୁଇଦେଶ ଉଦ୍ୟମ ଆରମ୍ଭ କରୁଥିବାବେଳେ ନେପାଳରେ ପୁଣି ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ଇସ୍ତଫା ଲାଗି ପି.କେ. ଦହଲ ପ୍ରଚଣ୍ଡଙ୍କ ନେତୃତ୍ୱରେ ଶାସକ କମ୍ୟୁନିଷ୍ଟ ପାର୍ଟିର ବିଦ୍ରୋହୀ ଗୋଷ୍ଠୀ ଚାପ ପକାଉଛି। ସଙ୍କଟ ଟାଳିବା ଲାଗି ମଙ୍ଗଳବାର କାଠମାଣ୍ଡୁରେ ଥିବା ଚାଇନା ରାଷ୍ଟ୍ରଦୂତ ହୁ ୟାନ୍‌କି ପ୍ରଧାନମନ୍ତ୍ରୀ ଓଲିଙ୍କୁ ଭେଟିଥିଲେ। ତେବେ ସେମାନଙ୍କ ମଧ୍ୟରେ କ'ଣ ଆଲୋଚନା ହେଲା ଜଣାପଡ଼ିନାହିଁ। ଚଳିତ ମାସ ଶେଷ ଭାଗରେ ଭାରତର ବୈଦେଶିକ ସଚିବ ହର୍ଷ ଶ୍ରିଙ୍ଗଲା ନେପାଳ ଗସ୍ତ କରିବାକୁ ଥିବାବେଳେ ନିଷ୍ପତ୍ତି ହୋଇନାହିଁ। ଏଥିସହିତ ଦୁଇଦେଶର ବାଣିଜ୍ୟ ଓ ଶକ୍ତି ସଚିବଙ୍କ ମଧ୍ୟରେ ଭର୍ଚୁଆଲ ବୈଠକ ପାଇଁ ମଧ୍ୟ ଆଲୋଚନା ଚାଲିଛି। ସୀମା କାର୍ଯ୍ୟକାରୀ ଗ୍ରୁପ୍ ବୈଠକ ଚଳିତ ମାସରେ କରିବା ଲାଗି ନେପାଳ ପ୍ରସ୍ତାବ ଦେଇଥିଲେ ହେଁ ମହାମାରୀ ଯୋଗୁ ଏହା ସମ୍ଭବ ହୋଇ ନ ପାରେ ବୋଲି କୁହାଯାଉଛି। କାଲାପାନି ସୀମା ବିବାଦରେ ଓଲି ଓ ତାଙ୍କ ମନ୍ତ୍ରୀମାନେ ନରମିଥିବାବେଳେ ଭାରତର ସେନାମୁଖ୍ୟ ଏମ୍.ଏମ୍. ନରଭଣେ ନିକଟରେ କାଠମାଣ୍ଡୁ ଗସ୍ତରେ ଯାଇ ସାମରିକ ସହଯୋଗ ବୃଦ୍ଧି ଲାଗି ଆହ୍ୱାନ ଦେଇଥିଲେ। ନେପାଳ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ଦଳକୁ ରକ୍ଷା କରିବା ଲାଗି ଓଲି ପ୍ରଧାନମନ୍ତ୍ରୀ ପଦ ତ୍ୟାଗ କରିବାକୁ ପ୍ରଚଣ୍ଡ ଚାପ ପକାଉଛନ୍ତି। ତେବେ ଓଲି ଏତେ ସହଜରେ ପଦ ଛାଡ଼ୁ ନ ଥିବାରୁ ଦଳରେ ବିଭାଜନକୁ ଏଡ଼ାଯାଇ ନ ପାରେ ବୋଲି କୁହାଯାଉଛି।

## ସଂକ୍ଷେପରେ

### ପରିବର୍ତ୍ତନ ଆଣିଛି ଡିଜିଟାଲ ଇଣ୍ଡିଆ: ମୋଦି

**ନୂଆଦିଲ୍ଲୀ,୧୯।୧୧:** ସରକାର ଗ୍ରହଣ କରିଥିବା ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଦେଶରେ ଅନେକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି। ବାଙ୍ଗାଲୋର ଟେକ୍ ସମିଟ-୨୦୨୦କୁ ଭର୍ଚୁଆଲ ଯୋଗେ ଉଦ୍‌ଘାଟନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା କହିଛନ୍ତି। ସେ ଦେଶର ଟେକ୍ନୋଲୋଜି ଭିତ୍ତିଭୂମି ଉପରେ ମତ ରଖି କହିଛନ୍ତି, ଭାରତ ନିକଟରେ ଟେକ୍ନୋଲୋଜିକୁ ନେଇ ଜ୍ଞାନ ଭରି ରହିଛି। ଭାରତରେ ଏହାର ଏକ ବଡ ବଜାର ମଧ ରହିଛି। ଏହାକୁ ବ୍ୟବହାର କରି ଭାରତ ବିଶ୍ୱର ପ୍ରମୁଖ ନିବେଶ ସ୍ଥଳ ହେବାକୁ ସକ୍ଷମ ହେବ। ସେ ପୁଣି କହିଛନ୍ତି, ସରକାର ୫ ବର୍ଷ ତଳେ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ଡିଜିଟାଲ ଇଣ୍ଡିଆ ଜୀବନର ଏକ ତରିକା ବନିଯାଇଛି। ଟେକ୍ନୋଲୋଜି ଏବଂ ଉଦ୍‌ଭାବନ ଦିଗରେ ସରକାର ନିରନ୍ତର ଭିତ୍ତିରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ଭାରତୀୟ ଟେକ୍ ସଲ୍ୟୁଶନ ବିଶ୍ୱକୁ ଅନେକ କିଛି ଦେବାକୁ କ୍ଷମତା ରଖିଛି। ଭାରତୀୟ ଯୁବବର୍ଗ ଏବଂ ଟେକ୍ନୋଲୋଜି ନିକଟରେ ସମ୍ଭାବନା ନେଇ ସେ ବେଶ୍ ଆଶାବାଦୀ ଥିବା କହିଛନ୍ତି।

### ପୁଞ୍ଜି ହାସଲ ପ୍ରକ୍ରିୟା ସମ୍ପୂର୍ଣ୍ଣ କଲା ରିଲାଏନ୍ସ ରିଟେଲ୍

**ନୂଆଦିଲ୍ଲୀ,୧୯।୧୧:** ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ ପକ୍ଷରୁ ୪୭,୨୬୫ କୋଟି ଟଙ୍କାର ପୁଞ୍ଜି ହାସଲ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ୧୦.୦୯% ଅଂଶଧନ ବିକ୍ରି ଦ୍ୱାରା କମ୍ପାନୀ ଏହି ପୁଞ୍ଜି ହାସଲ କରିବାକୁ ସକ୍ଷମ ହୋଇଛି। ଏହା ଉକ୍ତ କ୍ଷେତ୍ରରେ ସର୍ବବୃହତ୍ତ ପୁଞ୍ଜି ହାସଲ ପ୍ରକ୍ରିୟା ହୋଇଥିବା ବେଳେ ଏହାକୁ କମ୍ପାନୀ ୨ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଛି। ପୁଞ୍ଜି ନିବେଶ ରାଶି ଗ୍ରହଣ, ଶେୟାର ଜାରି ଏବଂ ନିବେଶ ସମ୍ପୂର୍ଣ୍ଣ ହୋଇଛି। କମ୍ପାନୀର ଦୃଢ ବ୍ୟବସାୟ ମଡେଲ ଯୋଗୁ ବିଶ୍ୱ ସ୍ତରର ନିବେଶକ ଏହାକୁ ଦୃଢ ସମର୍ଥନ ଜଣାଇଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଖ୍ୟାତି ସମ୍ପନ୍ନ ନିବେଶକଙ୍କୁ ପାଇ ଗର୍ବିତ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧକ୍ଷ ମୁକେଶ ଅମ୍ବାନୀ ସୂଚନା ଦେଇଛନ୍ତି।

# ୫୮୦ ପଏଣ୍ଟ ଖସିଲା ସେନ୍‌ସେକ୍ସ



**ମୁମ୍ବାଇ, ୧୯।୧୧**

ଗତ କିଛିଦିନ ଧରି ଦେଶର ପୁଞ୍ଜିବଜାରରେ କାରବାର ଉନ୍ନତ ସ୍ଥିତିରେ ରହିଥିଲା। ଗୁରୁବାର ଏଥିରେ ପ୍ରଭାବ ଦେଖାଯାଇଛି। ଏହି ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୫୮୦ ପଏଣ୍ଟ (୧.୩୧%) ଖସିବା ଯୋଗୁ କାରବାର ୪୩,୬୦୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୬୭ ପଏଣ୍ଟ(୧.୨୯%) ନିମ୍ନରେ ରହି ୧୨,୭୭୨ ପଏଣ୍ଟରେ ବନ୍ଦ ରହିଛି। ବିଶ୍ୱ ବଜାରରେ କାରବାର ପ୍ରଭାବିତ ରହିବାରୁ ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସ ଷ୍ଟକ୍ କାରବାର ନିମ୍ନରେ ରହିଛି। ଏସ୍‌ବିଆଇ, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, ଅଲଟ୍ରା ସେମ୍‌କୋ, ବଜାଜ ଫାଇନାନ୍ସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ଭାରତୀ ଏୟାରଟେଲ ଭଳି କମ୍ପାନୀ ସେନ୍‌ସେକ୍ସରେ କାରବାର କ୍ଷତି ସହିଛନ୍ତି। ଏହାବାଦ ପାୱାରଗ୍ରୀଡ୍, ଆଇଟିସି, ଏନ୍‌ଟିପିସି, ଟାଟା ଷ୍ଟିଲ, ଟିସିଏସ୍ ଏବଂ ଟାଇଟାନ ଭଳି କମ୍ପାନୀ ଭଳି କମ୍ପାନୀର ଶେୟାର କାରବାର ବେଶ୍ ଉନ୍ନତ ରହିଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ ଏବଂ ଫାଇନାନ୍ସିଆଲ ସର୍ଭିସ ଶେୟାର କାରବାର ପ୍ରାୟ ୩%ରୁ ଉର୍ଦ୍ଧ୍ୱ ଖସିଛି। ଆମେରିକା ଏବଂ ୟୁରୋପରେ କରୋନା ଭାଇରସ୍ ପ୍ରଭାବ ରହିବା ଯୋଗୁ ଏହାର ପ୍ରଭାବ ସେଠାକାର ଶେୟାର ବଜାରଗୁଡିକରେ ପଡିଛି।

### ୧୪% ବଢ଼ିଲା ସ୍ପାଇସ୍ ଜେଟ୍ ଶେୟାର

ଗୁରୁବାର ସ୍ପାଇସ୍ ଜେଟ କମ୍ପାନୀର ଶେୟାର କାରବାର ୧୪% ବଢ଼ିଥିବା ନଜରକୁ ଆସିଛି। ଆମେରିକାର ଫେଡେରାଲ ଆଭିଏଶନ ଆଡମିନିଷ୍ଟ୍ରେଶନ(ଏଫ୍‌ଏଏ) ବୋଇଂ ୭୩୭ ମାକ୍ସ ବିମାନର କମର୍ସିଆଲ ସେବାକୁ ଅନୁମତି ଦେବା ପରେ ଏହି ସ୍ପାଇସ୍ ଜେଟ୍ ବିମାନ କମ୍ପାନୀର ଶେୟାର କାରବାର ବେଶ୍ ଉନ୍ନତ ହୋଇଛି। ଏଭଳି ନିଷ୍ପତ୍ତି ଦ୍ୱାରା କମ୍ପାନୀର ବୋଇଂ ୭୩୭ ବିମାନଗୁଡିକ ଭାରତୀୟ ଆକାଶରେ ପୁଣି ଥରେ ଉଡ଼ିପାରିବ। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସ୍ପାଇସ ଜେଟ ଶେୟାର କାରବାର ୧୩.୬୩% ବଢି ୭୫.୪ ଟଙ୍କାରେ ପହଞ୍ଚିଥିଲା। ସେହିଭଳି ନିଫ୍ଟିରେ ଏହା ୧୩.୯୭% ବଢି ୭୫.୫ ଟଙ୍କା ସ୍ତର ଛୁଇଁଥିଲା। ସୂଚନାଯୋଗ୍ୟ, ବିମାନଯାତ୍ରୀଙ୍କ ନିରାପତ୍ତା ଦୃଷ୍ଟିକୋଣରୁ ଏହି ବିମାନଗୁଡିକର ଉଡାଣ ଉପରେ କଟକଣା ଲଗାଯାଇଥିଲା। ଭାରତରେ ସ୍ପାଇସ୍ ଜେଟ୍ ଏବଂ ଜେଟ୍ ଏୟାରୱେଜ ଏହି ବିମାନଗୁଡିକ ପରିଚାଳନା କରାଉଥିଲା। ସ୍ପାଇସ୍ ଜେଟ୍ ନିକଟରେ ବୋଇଂ ୭୩୭ର ୧୩ଟି ବିମାନ ରହିଛି।

## ଟାଟା ମୋଟର୍ସ ପକ୍ଷରୁ ଦିୱାଲି ଅଫର

**ନୂଆଦିଲ୍ଲୀ,୧୯।୧୧**

ଟାଟା ମୋଟର୍ସ ପକ୍ଷରୁ 'ଇଣ୍ଡିଆ କି ଦୁସରି ଦିୱାଲି' ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ଦୀପାବଳି ଉପଲକ୍ଷେ କମ୍ପାନୀ ଏଭଳି ବିଭିନ୍ନ ଅଫର ବିଷୟରେ ଘୋଷଣା କରିଛି। ଏହି ଅଫର ଟାଟା ଏସିଇ, ଟାଟା ଯୋଦ୍ଧା ଓ ଟାଟା ଇଣ୍ଟ୍ରା ଭଳି ଯାନକୁ ସାମିଲ କରାଯାଇଛି। ଏହି ପିକ୍‌ଅପ୍ ରେଞ୍ଜରେ ଗ୍ରାହକଙ୍କ ପାଇଁ କମ୍ପାନୀର ଅନେକ ଆକର୍ଷଣୀୟ ଅଫର ଆଉ ସୁବିଧା ରହିଛି। ଏହାବାଦ ଲକି ଡ୍ର ଜରିଆରେ ମଧ ଗ୍ରାହକମାନେ ସୁନିଶ୍ଚିତ ଉପହାର ପାଇପାରିବେ। ବମ୍ପର ଅଫର ଜରିଆରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୋଲ୍ଡ ଭାଉଚରରୁ ଆରମ୍ଭ କରି ଏଲ୍‌ଇଡି ଟିଭି, ୱାଶିଂ ମେଶିନ, ମୋବାଇଲ ଫୋନ ଏବଂ ଇନ୍ଧନ ଭାଉଚର ଭଳି ଅନେକ କିଛି ଗିଫ୍ଟର ସୁବିଧା ରହିଛି। ଅଫର ୩୦ ନଭେମ୍ବର ୨୦୨୦ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିବା ପକ୍ଷରୁ ସୂଚନା ଦିଆଯାଇଛି । ଏ ସମ୍ପର୍କରେ ଟାଟା ମୋଟର୍ସର ସେଲ୍‌ସ ଆଣ୍ଡ ମାର୍କେଟିଂ ଉପସଭାପତି ରାଜେଶ କୌଲ କହିଛନ୍ତି,ଟାଟା ମୋଟର୍ସରେ ପ୍ରାଥମିକତା ହେଲା ଉଦ୍ୟୋଗର ସର୍ବୋତ୍ତମ ଉତ୍ପାଦ ଏବଂ ସେବା ଅନୁଭୂତି ପ୍ରଦାନ କରିବା।




## ଶିଶୁଙ୍କ ଲାଗି ହୋଣ୍ଡାର ସଡ଼କ ସଚେତନତା

**ନୂଆଦିଲ୍ଲୀ, ୧୯।୧୧**

ଚଳିତ ବର୍ଷର ଶିଶୁ ଦିବସକୁ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ସାରା ଦେଶର ୬୧୦୦ ସ୍କୁଲର ପିଲାମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଡକକୁ ସୁରକ୍ଷିତ ରଖିବା ଓ ଠିକ୍ ସଡକ ବ୍ୟବହାର ପାଇଁ ଆବଶ୍ୟକ ସଚେତନତା ପାଇଁ କମ୍ପାନୀ ଏକ ଜାତୀୟ ସ୍ତରର ଅଭିଯାନ 'ଲିଟିଲ୍ ରୋଡ୍ ଅଫିସର୍ସ' କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଦେଶର ୪ର୍ଥ ରୁ ୮ମ ଶ୍ରେଣୀ ମଧ୍ୟରେ ୬୧୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନେଇ ସଡକ ସୁରକ୍ଷା ଓ ସଚେତନତା ପ୍ରଶିକ୍ଷଣ ପ୍ରଦାନ ବ୍ୟବସ୍ଥା କରାଯାଇଛି। ହୋଣ୍ଡାର ରୋଡ୍ ସେଫ୍‌ଟି ଇନଷ୍ଟ୍ରକ୍ଟରମାନେ ପ୍ରାୟ ୧୭ଟି ସହରର ୫୦ରୁ ଉର୍ଦ୍ଧ୍ୱ ସ୍କୁଲରେ ଏହି ଅଭିଯାନକୁ ପହଞ୍ଚାଇଥିଲେ। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବ୍ରାଣ୍ଡ ଆଣ୍ଡ କମ୍ୟୁନିକେସନର ବରିଷ୍ଠ ଉପସଭାପତି ପ୍ରଭୁ ନାଗରାଜନ କହିଛନ୍ତି, ପିଲାମାନେ ହେଉଛନ୍ତି ଦେଶର ପ୍ରକୃତ ଭବିଷ୍ୟତ, ଏହି ବୟସର ପିଲାମାନଙ୍କୁ ସଡକ ସୁରକ୍ଷାର ମୂଳ ଅଭ୍ୟାସ ଶିଖାଇବା ଦିଗରେ କମ୍ପାନୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି।

## ବୁଲେଟ ଟ୍ରେନ୍ ପ୍ରକଳ୍ପ ନିର୍ମାଣରେ ଏଲ୍‌ଆଣ୍ଡଟି ସାମିଲ

**ନୂଆଦିଲ୍ଲୀ,୧୯।୧୧**

ମୁମ୍ବାଇ-ଅହମ୍ମଦାବାଦ ଦ୍ରୁତଗାମୀ ରେଳ ପ୍ରକଳ୍ପ ବା ବୁଲେଟ ଟ୍ରେନ ପ୍ରକଳ୍ପ ନିର୍ମାଣରେ ପ୍ରମୁଖ କମ୍ପାନୀ ଏଲ୍‌ଆଣ୍ଡଟି ସାମିଲ ହୋଇଛି। ଏଥିଲାଗି କମ୍ପାନୀକୁ ୭ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ମିଳିଥିବା ସୂଚନା ମିଳିଛି। ବୁଲେଟଟ୍ରେନ ପ୍ରକଳ୍ପର ପ୍ରାୟ ୮୭ କି.ମି. କାମ ଏଲ୍‌ଆଣ୍ଡଟି କରିବ। ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ ଭାୟାଡକ୍ସ, ଗୋଟିଏ ଷ୍ଟେଶନ, ପ୍ରମୁଖ ରେଳ ବ୍ରିଜ୍, ଡିପୋ ପରିଚାଳନା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସାମିଲ ରହିଛି। ମୋଟ ପ୍ରକଳ୍ପ ୫୦୮ କି.ମି. ବିଶିଷ୍ଟ। ଏହା ମହାରାଷ୍ଟ୍ର, ଦାଦ୍ରା ଓ ନଗର ହାଭେଲି ଏବଂ ଗୁଜରାଟ ଭଳି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଦେଇ ଯାଉଛି। ଏଥିରେ ମୋଟ ୧୨ଟି ଷ୍ଟେଶନ ରହିବ। ବୁଲେଟ ଟ୍ରେନର ଘଣ୍ଟା ପ୍ରତି ବେଗ ୩୨୦ କି.ମି. ରହିବ।

## ଭାରତରେ ହେବ ରେନୋ କାଇଗର'ର ଗ୍ଲୋବାଲ ଲଞ୍ଚିଂ



**ନୂଆଦିଲ୍ଲୀ, ୧୯।୧୧**

ରେନୋ ଇଣ୍ଡିଆର ଅଲ୍ ନ୍ୟୁ ବି-ଏସ୍‌ୟୁଭି କନସେପ୍ଟରେ ପ୍ରସ୍ତୁତ 'କାଇଗର'ର ଶୁଭ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମଡେଲ ପ୍ରଥମେ ଭାରତ ବଜାରରେ ପ୍ରବେଶ କରିବ। ଏହା ପରେ ଯାଇ ଅନ୍ୟ ବଜାରଗୁଡିକୁ ଛଡାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀର ଏହି ମଡେଲ ଗ୍ଲୋବାଲ ଲଞ୍ଚିଂ କାର୍ଯ୍ୟକ୍ରମ ମଧ ଭାରତରେ କରାଯିବ ବୋଲି ସୂଚନା ମିଳିଛି। ଏହି ନୂତନ ଗେମ୍ ଚେଞ୍ଜର ରେନୋ କାଇଗରର ଉନ୍ମୋଚନ କାର୍ଯ୍ୟକ୍ରମ ସହିତ କମ୍ପାନୀ ପକ୍ଷରୁ ବିଭିନ୍ନ ଉତ୍ପାଦ ଓ ସେଗ୍‌ମେଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯିବ। ଏହା ଟ୍ରାଇବରର ସମାନ ପ୍ଲାଟ୍‌ଫର୍ମରେ ପ୍ରସ୍ତୁତ କରାଯାଇଛି। ରେନୋ ମଧ କାଇଗର ସହିତ ଏକ ସମ୍ପୂର୍ଣ୍ଣ ନୂଆ ଗ୍ଲୋବାଲ ଇଞ୍ଜିନର ଶୁଭାରମ୍ଭ କରିବ। ଏହାର ପ୍ରଥମ ଝଲକ ଶେୟାର କରିବା ପାଇଁ କମ୍ପାନୀ ରେନୋ କାଇଗର ଶୋ କାରର ଗ୍ଲୋବାଲ ଉନ୍ମୋଚନ କରିବାକୁ ଯାଉଛି। ଏହି ଶୋ କାର ଯେଉଁଥିରେ ରେନୋର ନୂତନ ଏସ୍‌ୟୁଭିକୁ ଡିଜାଇନ ଓ ବିକଶିତ କରାଯାଇଛି। ରେନୋ କାଇଗରରେ ଅନେକ ସ୍ପୋର୍ଟି ବୈଶିଷ୍ଟ୍ୟ ରହିଥିବା ସୂଚନା ମିଳିଛି। ଏହି ନୂତନ ଉତ୍ପାଦ ସମ୍ପର୍କରେ ରେନୋ ଇଣ୍ଡିଆର ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲ୍ଲାପାଲେ କହିଛନ୍ତି, ରେନୋ କାଇଗର ହେଉଛି ଆମର ସମ୍ପୂର୍ଣ୍ଣ ନୂଆ ବି-ଏସ୍‌ୟୁଭି ମଡେଲ, ଯାହାକି ଗ୍ରୁପ ରେନୋର ଏକ ସ୍ମାର୍ଟ ଆକର୍ଷଣୀୟ ଅଫର।

## ଖେଳ ଖବର

# କଳିଙ୍ଗରେ ଇଣ୍ଡିଆନ ଆରୋଜ୍‌ର ଟ୍ରେନିଂ ଆଜିଠାରୁ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀ ଜନିତ ବ୍ରେକ୍ ପରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଡେଭଲପ୍‌ମେଣ୍ଟାଲ ଟିମ୍ ଇଣ୍ଡିଆନ ଆରୋଜର ଟ୍ରେନିଂ ଶୁକ୍ରବାରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଆଇ-ଲିଗ୍‌କୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟ ପାଇଁ ୨୮ ଖେଳାଳି ଏହି କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶାର ଟଙ୍କଧର ବାଗ୍ (ସମ୍ବଲପୁର ସ୍ପୋର୍ଟ୍ସ ହଷ୍ଟେଲ) ଏହା ମଧ୍ୟରେ ସାମିଲ ଅଛନ୍ତି। ମୁଖ୍ୟ କୋଚ୍ ଭେଙ୍କଟେଶ୍ ସମ୍ମୁଗମ୍‌ଙ୍କ ସମେତ ୬ ଅଫିସିଆଲ ଟ୍ରେନିଂ ଦାୟିତ୍ୱରେ ରହିବେ। କୋଭିଡ୍-୧୯ ପ୍ରୋଟୋକଲ ଅନୁସାରେ ଟ୍ରେନିଂ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ପ୍ରସ୍ତୁତ କରାଯାଇଛି। "ଇଣ୍ଡିଆନ ଆରୋଜ ପଡ଼ିଆକୁ ଫେରିବା ଉପରେ ଫୋକସ କରୁଛି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି" ବୋଲି ଏଆଇଏଫଏଫ ଡାଇରେକ୍ଟର (ନ୍ୟାଶନାଲ ଟିମ୍ସ) ଅଭିଷେକ ଯାଦବ ପ୍ରକାଶ କରିଛନ୍ତି। ଲକ୍‌ଡାଉନ୍ ଅବସରରେ ଆମେ ଅନ୍‌ଲାଇନ୍ ସେସନରେ ଯଥାସମ୍ଭବ ଟ୍ରେନିଂ ଦେଇଛୁ। ଖେଳାଳି ଓ କୋଚିଂ ଷ୍ଟାଫ୍ ପଡ଼ିଆକୁ ଓହ୍ଲାଇବାକୁ ନିଶ୍ଚିତ ବ୍ୟଗ୍ରଥିବେ ବୋଲି ମୋର ଆଶା। ଟ୍ରେନିଂ ଯେପରି ସୁଚାରୁରୂପେ ସମ୍ପାଦନ ହୋଇପାରିବ ତାକୁ ଗୁରୁତ୍ୱ ଦିଆ ଯାଉଛି। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସୁରକ୍ଷାକୁ ବିଶେଷ ଧ୍ୟାନରେ ରଖାଯାଇଛି। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ରାଜ୍ୟ ସରକାରଙ୍କ ମେଡିକାଲ ଟିମ୍‌ର ପରାମର୍ଶ ଅନୁସାରେ ପ୍ରୋଟୋକଲ ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି। କ୍ୟାମ୍ପ ଆୟୋଜନ ଏବଂ ଭାରତୀୟ ଫୁଟବଲକୁ ଆଗକୁ ନେବାରେ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଅଭିଷେକ ପ୍ରଶଂସା କରିଛନ୍ତି। ଏଆଇଏଫଏଫର ଦୃଷ୍ଟିଭଙ୍ଗୀ ଏବଂ ଯୋଜନାକୁ ବୁଝିବା ସହ ନିରନ୍ତର ସମର୍ଥନ କରି ଆସିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କ୍ରୀଡ଼ା ସଚିବ ବିଶାଲ ଦେବଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

ଟ୍ରେନିଂ ପାଇଁ ଆସିବାକୁଥିବା ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ କୋଭିଡ୍ ଟେଷ୍ଟ (ଆରଟି-ପିସିଆର) କରିବା ବାଧ୍ୟତାମୂଳକ କରାଯାଇଛି। ରେଜଲ୍ଟ ନେଗେଟିଭ୍ ଆସିଲେ ସେମାନେ ଆବଶ୍ୟକ ସାବଧାନତା ସହ ଯାତ୍ରା କରିପାରିବେ। ଭୁବନେଶ୍ୱରରେ ପହଞ୍ଚିବାପରେ ସମସ୍ତଙ୍କର ର୍ୟାପିଡ୍ ଆଣ୍ଟିଜେନ୍ (ଆରଏଟି) ଟେଷ୍ଟର ବ୍ୟବସ୍ଥା ହୋଇଛି। ରିପୋର୍ଟ ନେଗେଟିଭ୍ ଆସିଲେ ସେମାନେ ନିଜ ରୁମ୍‌କୁ ଯାଇପାରିବେ। ସେଠାରେ ସେମାନଙ୍କୁ ୭ ଦିନ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। କ୍ୱାରାଣ୍ଟାଇନ୍ ପିରିୟଡ଼ ପରେ କୋଭିଡ-୧୯ର କୌଣସି ଲକ୍ଷଣ ନ ଥିଲେ ୮ମ ଦିନରେ ସେମାନଙ୍କର ଆରଟି-ପିସିଆର ଟେଷ୍ଟ ହେବ। ନେଗେଟିଭ୍ ରିପୋର୍ଟଧାରୀଙ୍କୁ ଟ୍ରେନିଂରେ ଯୋଗଦେବା ସୁଯୋଗ ମିଳିବ। ସ୍ଥାନୀୟ ଅଥରିଟିଙ୍କ ଗାଇଡଲାଇନ୍ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଛୋଟ ଛୋଟ ଗ୍ରୁପ କରାଯାଇ ୧୦ରୁ କମ୍ ଖେଳାଳିଙ୍କୁ ନେଇ କ୍ୟାମ୍ପ ଆରମ୍ଭ ହେବ। ଏହି ସମୟରେ ସାମାଜିକ ଦୂରତା ରକ୍ଷା କରାଯିବା ଜରୁରୀ। ଏହାପରେ ବଡ଼ ଗ୍ରୁପ୍(୧୦ରୁ ଉର୍ଦ୍ଧ୍ୱ ଖେଳାଳି)କୁ ନେଇ ଫୁଲ୍ କଣ୍ଟାକ୍ଟ ଟ୍ରେନିଂ ଏବଂ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତି ଟ୍ରେନିଂ ସେସନ ପୂର୍ବରୁ ଥର୍ମାଲ ସ୍କ୍ରିନିଂ ଏବଂ ସାପ୍ତାହିକ ଚେକ୍-ଅପ୍ ବାଧ୍ୟତାମୂଳକ। କ୍ୟାମ୍ପରେ ଖେଳାଳି ଓ ଷ୍ଟାଫ୍‌ଙ୍କୁ ମନିଟରିଂ କରିବା ପାଇଁ ଏକ କୋଭିଡ୍ ଟାସ୍କ ଫୋର୍ସ ଗଠନ କରାଯିବ।

### ଓଡ଼ିଶାର ଟଙ୍କଧର ବାଗ୍ ସାମିଲ



## ଏନ୍‌ସିଏରେ ରୋହିତଙ୍କ ଫିଟ୍‌ନେସ ଟ୍ରେନିଂ ଆରମ୍ଭ

**ବେଙ୍ଗାଲୁରୁ, ୧୯।୧୧(ପି.ଟି.)**

ଅଷ୍ଟ୍ରେଲିଆ ଗସ୍ତରେ ଯିବାପାଇଁ ପ୍ରସ୍ତୁତ ହେଉଥିବା ରୋହିତ ଶର୍ମା ଗୁରୁବାର ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଫିଟ୍‌ନେସ୍ ଟ୍ରେନିଂ ଆରମ୍ଭ କରିଛନ୍ତି। ରୋହିତ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର କ୍ରିକେଟ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ନାହାନ୍ତି। ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ପ୍ରଥମେ ଟେଷ୍ଟ ଦଳରୁ ମଧ ବାଦ୍ ପଡ଼ିଥିଲେ ହେଁ ପରେ ପରିବର୍ତ୍ତିତ ଦଳ ତାଲିକାରେ ତାଙ୍କୁ ସାମିଲ କରାଯାଇଛି। ଆହତ କାରଣରୁ ରୋହିତ ମୁମ୍ବାଇ ଇଣ୍ଡିଆନ୍ସର ୪ଟି ଲିଗ୍‌ମ୍ୟାଚ ଖେଳିପାରି ନ ଥିଲେ। ଫଳରେ ସେ ସୁସ୍ଥ ହେବାପାଇଁ କିଛିଦିନ ସମୟ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଅନୁଭବ କରିଥିଲା। ମାତ୍ର ଆଇପିଏଲ ଫାଇନାଲ ସମେତ ମୁମ୍ବାଇର ଶେଷ ୩ଟି ମ୍ୟାଚ ଖେଳି ସେ ଗୁରୁତର ଆହତ ନ ଥିବା ସୂଚନା ଦେଇଥିଲେ। ଫାଇନାଲରେ ସେ ୬୮ ରନ କରି ଟପ୍ ସ୍କୋରର ମଧ ରହିଥିଲେ। ୪ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟ ପରେ ଅଧିନାୟକ ବିରାଟ କୋହଲି ସ୍ୱଦେଶ ଫେରିବେ। ସ୍ତ୍ରୀ ଅନୁଷ୍କା ପ୍ରଥମ ସନ୍ତାନର ଜନନୀ ହେବାକୁ ଯାଉଥିବାରୁ କୋହଲି ତାଙ୍କ ସହିତ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ସେତେବେଳକୁ ରୋହିତ ଫିଟ୍ ହେବା ଜରୁରୀ ହୋଇପଡ଼ିଛି। ବୁଧବାର ଦ୍ରୁତ ବୋଲର ଈଶାନ୍ତ ଶର୍ମା ଟ୍ରେନିଂ ଆରମ୍ଭ କରିଥିଲେ। ଉଭୟ ଈଶାନ୍ତ ଓ ରୋହିତ ଫିଟ୍ ହେବାପରେ ଅଷ୍ଟ୍ରେଲିଆ ଯାଇ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ତା' ପରେ ଦଳସହ ଯୋଗଦେବେ।




ରୋହିତ ଶର୍ମା।

## ଜୋୟସା ଆଇସିସି ଟ୍ରିବ୍ୟୁନାଲ ଦ୍ୱାରା ଦୋଷୀ ସାବ୍ୟସ୍ତ

**ଦୁବାଇ, ୧୯।୧୧ (ପି.ଟି.)**

ମ୍ୟାଚ ଫିକ୍ସିଂ ପାଇଁ ସସ୍‌ପେଣ୍ଡ ହୋଇଥିବା ଶ୍ରୀଲଙ୍କାର ପୂର୍ବତନ ଖେଳାଳି ଓ ବୋଲିଂ କୋଚ୍ ନୁୱାନ ଜୋୟସା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟ୍ରିବ୍ୟୁନାଲ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେ ଆଇସିସି ଭ୍ରଷ୍ଟାଚାର ନିରୋଧୀ ସଂହିତାର ତିନୋଟି ନିୟମ ଉଲ୍ଲଂଘନ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏକ ଟି୨୦ ଲିଗ୍ ବେଳେ ଭ୍ରଷ୍ଟାଚାର ଅଭିଯୋଗରେ ଜୋୟସାଙ୍କୁ ୨୦୧୯ ମେ'ରେ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍‌ରେ ତାଙ୍କର ଶୁଣାଣି କରିବା ଲାଗି ସେ ନିବେଦନ କରିଥିଲେ।

## ପ୍ରଜନେଶ କ୍ୱାର୍ଟରଫାଇନାଲରେ

**ଓର୍ଲାଣ୍ଡୋ,୧୯।୧୧(ପି.ଟି.)**

ଭାରତୀୟ ଟେନିସ ଖେଳାଳି ପ୍ରଜନେଶ ଗୁରେଶ୍ୱରନ ଏଠାରେ ଚାଲିଥିବା ଓର୍ଲାଣ୍ଡୋ ଚ୍ୟାଲେଞ୍ଜର ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚତୁର୍ଥ ସିଡ୍ ପ୍ରଜନେଶ ତଙ୍ଗ୍ ଲିନ୍ ଉ' ବିପକ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ୫-୭, ୭-୫, ୨-୦ରେ ଅଗ୍ରଣୀ ଥିବାବେଳେ ଇଞ୍ଜୁରି ଯୋଗୁ ତାଇପେ ଖେଳାଳି ଓହରିଯାଇଥିଲେ। ସେତେବେଳକୁ ୨ ଘଣ୍ଟା ୩୦ମିନିଟ ଧରି ଖେଳ ଶେଷ ହୋଇଯାଇଥିଲା। ତଙ୍ଗ୍ ଲିନ୍‌ଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ୧୩୭ର୍‍ୟାଙ୍କିଙ୍ଗପ୍ରାପ୍ତ ପ୍ରଜନେଶ ଗତ ସପ୍ତାହରେ କାରେ ଚ୍ୟାଲେଞ୍ଜର ଫାଇନାଲରେ ପ୍ରବେଶ କରିଥିଲେ। ଏହି ଇଭେଣ୍ଟରେ ମଧ ସେ ଭଲ ଫର୍ମରେ ଅଛନ୍ତି। ବର୍ତ୍ତମାନ ସେ ୧୭୨ ର୍‍ୟାଙ୍କିଙ୍ଗପ୍ରାପ୍ତ କଜାକସ୍ତାନର ଦିମିତ୍ରି ପପ୍‌କୋଙ୍କୁ ଭେଟିବେ। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟଜଣେ ଭାରତୀୟ ଖେଳାଳି ରାମକୁମାର ରମାନାଥନ ପ୍ରଥମରାଉଣ୍ଡରେ ସ୍ଥାନୀୟ ଖେଳାଳି ନିକ୍ ଚାପେଲଙ୍କଠାରୁ ପରାଜିତ ହୋଇ ବିଦାୟ ନେଇ ସାରିଛନ୍ତି।

## ହକି ଏକାଡେମୀ ଓଡ଼ିଶା ପରିଦର୍ଶନ କଲେ ଧନରାଜ, ଦିଲୀପ ଓ ଆୟାପ୍ପା



ଲେନ୍ ଆୟାପ୍ପା, ଦିଲୀପ ତିର୍କୀ ଓ ଧନରାଜ ପିଲେଙ୍କ ସହ ମହିଳା କ୍ୟାଡେଟ୍ ହକି ଖେଳାଳିମାନେ।

**ଭୁବନେଶ୍ୱର, ୧୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଡ୍ରାଗ୍ ଫ୍ଲିକର ଲେନ୍ ଆୟାପ୍ପା ଓ ଦିଲୀପ ତିର୍କୀଙ୍କ ସମେତ ଭାରତୀୟ ହକି କିମ୍ବଦନ୍ତୀ ଧନରାଜ ପିଲେ ଗୁରୁବାର ସକାଳେ ନାଭାଲ ଟାଟା ହକି ଏକାଡେମୀ ଓଡ଼ିଶା ପରିଦର୍ଶନ କରିଛନ୍ତି। ସେମାନେ ହକି ହାଇପରଫରମାନ୍ସ ସେଣ୍ଟରଠାରେ ବାଳିକା କ୍ୟାଡେଟ୍ ଏବଂ କୋଚିଂ ଷ୍ଟାଫ୍‌ଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଏହି ୩ ଜଣଙ୍କ ଅଚାନକ ପରିଦର୍ଶନ ବ୍ଲୁ ଟର୍ଫରେ ଅଭ୍ୟାସ ରତ ଯୁବ ହକି ଖେଳାଳିଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା। ସେମାନେ ହକି ଷ୍ଟିକ୍ ଧରି ଖେଳାଳିମାନଙ୍କୁ ନାନା କୌଶଳ ଶିଖାଇଥିଲେ। ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ପିଲେ କହିଥିଲେ ନିଜକୁ କୌଣସି କ୍ଷେତ୍ରରେ କାହା ସହିତ ତୁଳନା କରିବା ଉଚିତ୍ ନୁହେଁ। ଗେମ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ମୂଳ ଲକ୍ଷ୍ୟ ରହିବା ଉଚିତ୍। ବର୍ତ୍ତମାନ ଅତୀତ ଓ ବର୍ତ୍ତମାନ ଖେଳ ମଧ୍ୟରେ ଅନେକ ପରିବର୍ତ୍ତନ ଘଟିଛି। ଉନ୍ନତ ଫଳାଫଳ ପାଇଁ ଟର୍ଫର ବ୍ୟବହାର ହେଉଛି। ୨୦୧୮ରେ ଓଡ଼ିଶା ସଫଳତାର ସହିତ ହକି ବିଶ୍ୱକପ୍ ଆୟୋଜନ କରିପାରିଛି। ଏଥିପାଇଁ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଲେନ୍ ଆୟାପ୍ପା ଭାରତର ସବୁଠାରୁ ଦ୍ରୁତ ଏବଂ ସଫଳ ଡ୍ରାଗ୍ ଫ୍ଲିକର ଭାବେ ପରିଚିତ। ସେ ଯୁବ ଖେଳାଳିଙ୍କୁ ତାଙ୍କ ଡ୍ରାଗ୍ ଫ୍ଲିକିଂ କୌଶଳ ଶିଖାଇଥିଲେ। ଏଠାରେ ଯୁବ ହକି ଖେଳାଳିଙ୍କ ଲାଗି ଯେଉଁ ସୁବିଧା ସୁଯୋଗ ଦିଆଯାଉଛି ସେଥିପାଇଁ ରାଜ୍ୟସରକାରଙ୍କ ପ୍ରଶଂସା କରିଥିଲେ। ଓଡ଼ିଶା ୨୦୨୩ ହକି ବିଶ୍ୱକପ୍ ଅଧିକାର ହାସଲ କରିଥିବାରୁ ସେ ବଧେଇ ଜଣାଇଥିଲେ। ଏହି ଅବସରରେ ନାଭାଲା ଟାଟା ହକି ଏକାଡେମୀ ଓଡ଼ିଶାର ପ୍ରୋଜେକ୍ଟ ଡାଇରେକ୍ଟର ରାଜୀବ ସେଠ୍ କହିଥିଲେ ଏକାଡେମୀରେ ୪ଥର ହକି ଅଲିମ୍ପିଆନ ଧନରାଜ ପିଲେ, ଆମ ରାଜ୍ୟର ପଦ୍ମଶ୍ରୀ ଓ ହକି କିମ୍ବଦନ୍ତୀ ଦିଲୀପ ତିର୍କୀ ଏବଂ ଜଣାଶୁଣା ଭାରତୀୟ ଡ୍ରାଗ୍ ଫ୍ଲିକର ଲେନ୍ ଆୟାପ୍ପାଙ୍କ ଉପସ୍ଥିତି ଏକ ସ୍ମରଣୀୟ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ।



ପ୍ରଭୁ ଶ୍ରୀରାମ, ମାତା ସୀତା ଏବଂ ସାନଭାଇ ଲକ୍ଷ୍ମଣଙ୍କ ଚୋରି ହୋଇଥିବା ମୂର୍ତ୍ତି ୨୦ ବର୍ଷ ପରେ ଭାରତକୁ ଫେରିଛି। ମୂର୍ତ୍ତି ଚୋର ଏହାକୁ ବ୍ରିଟେନରେ ରଖିଥିଲେ। ଏସମ୍ପର୍କରେ ସନ୍ଧାନ ମିଳିବା ପରେ ମୂର୍ତ୍ତିଗୁଡ଼ିକୁ ଉଦ୍ଧାର କରାଯାଇ ବ୍ରିଟେନ ସରକାର ଫେରାଇ ଥିଲେ। ଭାରତକୁ ମୂର୍ତ୍ତିଗୁଡ଼ିକ ଫେରିଥିବାରୁ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରହ୍ଲାଦ ପଟେଲ ଲଣ୍ଡନ ମେଟ୍ରୋପୋଲିଟନ୍ ପୋଲିସ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ୧୯୭୬ରୁ ବର୍ତ୍ତମାନ ସୁଦ୍ଧା ୫୩ଟି ଚୋରି ହୋଇଥିବା ପ୍ରାଚୀନ କଳାକୃତୀ ଭାରତକୁ ଫେରିଥିବା ମନ୍ତ୍ରୀ କହିଛନ୍ତି। ୨୦୧୪ ପରେ ୪୦ରୁ ଅଧିକ କଳାକୃତୀ ଭାରତକୁ ଫେରିଥିବା ସେ ସୂଚନା ଦେଇଛନ୍ତି।

# ଶାର୍କ ଉପରେ କିଲର୍ ହ୍ୱେଲ୍ ଭାରି

**ସମୁଦ୍ରରେ ବିଗୁଡୁଛି ଖାଦ୍ୟ ଶୃଙ୍ଖଳା। ବିଶାଳକାୟ ସାମୁଦ୍ରିକ ଜୀବ ପରସ୍ପର ମଧ୍ୟରେ ସଂଘର୍ଷ କରୁଛନ୍ତି। ଅତଳ ଗହୀରରେ ନୀରବରେ ଚାଲିଥିବା ଏହି ଲଢ଼େଇ ଏବେ ତୀବ୍ର ଆକାର ଧାରଣ କରିଛି। 'ଗ୍ରେଟ୍ ହ୍ୱାଇଟ୍ ଶାର୍କ'ଙ୍କ ଉପରେ 'କିଲର ହ୍ୱେଲ' ଭାରି ପଡୁଛନ୍ତି। ଫଳରେ ସାମୁଦ୍ରିକ ଜୈବମଣ୍ଡଳରେ ଶୀର୍ଷସ୍ଥାନରେ ଥିବା 'ଗ୍ରେଟ୍ ହ୍ୱାଇଟ୍ ଶାର୍କ' ପ୍ରଜାତି ବିଲୁପ୍ତ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି।**

## ସମୁଦ୍ରରେ ବଢୁଛି ସଂଘର୍ଷ, ବିଲୁପ୍ତ ହୋଇଯିବା ଆଶଙ୍କା



**କେପ୍‌ଟାଉନ:** ଦକ୍ଷିଣ ଆଫ୍ରିକାର କେପଟାଉନ୍ ସମୁଦ୍ର ଉପକୂଳରେ ବିଶାଳକାୟ 'ଗ୍ରେଟ୍ ହ୍ୱାଇଟ୍ ଶାର୍କ'ଙ୍କ ଗତିବିଧି ଆଉ ଦେଖିବାକୁ ମିଳୁନାହିଁ। ଏହାର କାରଣ ଜଳବାୟୁଗତ ପରିବର୍ତ୍ତନ କି ମନୁଷ୍ୟକୃତ ନୁହେଁ। 'କିଲର ହ୍ୱେଲ'ଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି 'ଶାର୍କ' ଗଭୀର ସମୁଦ୍ରକୁ ପଳାଉଛନ୍ତି ଅଥବା ସେମାନଙ୍କ ମୃତ୍ୟୁ ଘଟୁଛି। ସମୁଦ୍ରର ଅପ୍ରତିଦ୍ୱନ୍ଦ୍ୱୀ ଶିକାରୀଙ୍କ ମଧ୍ୟରେ ଗ୍ରେଟ୍ ହ୍ୱାଇଟ୍ ଶାର୍କ ଜଣାଶୁଣା। ଏମାନଙ୍କ ଲମ୍ବ ୬ ମିଟରରୁ ବେଶି। ୩୦୦ରୁ ଉର୍ଦ୍ଧ୍ୱ ତୀକ୍ଷ୍ଣଦାନ୍ତ ଶତ୍ରୁକୁ କ୍ଷଣିକ ମଧ୍ୟରେ ଖଣ୍ଡ ବିଖଣ୍ଡିତ କରିବାର କ୍ଷମତା ରଖେ। ସମୁଦ୍ରରେ ଘଣ୍ଟାପ୍ରତି ୫୦ କି.ମି. ବେଗରେ ପହଁରି ପାରୁଥିବା ଏବଂ ୨୫୦ ମିଟର ଦୂରରୁ ତୀବ୍ର ଘ୍ରାଣ ଶକ୍ତି ଦ୍ୱାରା ଶିକାରକୁ ଠାବ କରିପାରୁଥିବା 'ଗ୍ରେଟ୍ ହ୍ୱାଇଟ୍ ଶାର୍କ' 'କିଲର ହ୍ୱେଲ'ର ଶିକାର ହେବା ଗବେଷକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ଦକ୍ଷିଣ ଆଫ୍ରିକା ସରକାର ଅନୁଧ୍ୟାନ ପରେ ଏହା ସ୍ପଷ୍ଟ କରିଛନ୍ତି। କେପ୍‌ଟାଉନ ଏବଂ ଏହାର ନିକଟବର୍ତ୍ତୀ ସମୁଦ୍ର ଉପକୂଳ 'ଗ୍ରେଟ୍ ହ୍ୱାଇଟ୍ ଶାର୍କ'ଙ୍କ ସାମୁଦ୍ରିକ ଅଭୟାରଣ୍ୟ ଭାବେ ପରିଚିତ। ୨୦୧୭ରୁ ଏମାନଙ୍କ ସଂଖ୍ୟାରେ ଦ୍ରୁତ ହ୍ରାସ ଘଟିବା ପରେ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଥିଲା। ୨୦୧୮ରେ ମାତ୍ର ୫୦ ଶାର୍କଙ୍କୁ ଉପକୂଳରେ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ତେବେ ୨୦୨୦ରେ ଗୋଟିଏ ବି ଶାର୍କଙ୍କୁ ଠାବ କରାଯାଇନାହିଁ। ଶାର୍କଙ୍କ ସଂଖ୍ୟା ଏପରି ହ୍ରାସର କାରଣ ଅବାଧ ଶିକାର ଏବଂ ଅତ୍ୟଧିକ ମାଛ ଧରିବା ବୋଲି କୁହାଯାଉଥିଲା। ତେବେ ଦକ୍ଷିଣ ଆଫ୍ରିକା ସରକାରଙ୍କ ଦ୍ୱାରା ଗଠିତ ୯ ସଦସ୍ୟବିଶିଷ୍ଟ ଟିମ୍ ଏବଂ ଅନ୍ତଃରାଷ୍ଟ୍ରୀୟ ବିଶେଷଜ୍ଞ ଏହାର କାରଣ 'କିଲର ହ୍ୱେଲ'ଙ୍କ ହିଂସ୍ର ଶିକାର ପ୍ରବୃତ୍ତି ବୋଲି କହିଛନ୍ତି। ୨୦୧୫ରେ କେପ୍‌ଟାଉନ ଉପକୂଳରେ ଏକ ଯୋଡ଼ା କିଲର ହ୍ୱେଲ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ୨୦୧୭ରେ ଏକ ଶାର୍କର ଅବଶେଷରୁ ଏହାର ମୃତ୍ୟୁ କିଲର ହ୍ୱେଲଙ୍କ ଆକ୍ରମଣରୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ମେରାଇନ୍ ବାୟୋଲୋଜିଷ୍ଟ ଏଲିଶନ କକ୍‌ଙ୍କ ରିପୋର୍ଟ ଅନୁଯାୟୀ, ଏଭଳି ଶତାଧିକ ଶାର୍କଙ୍କ ମୃତଦେହ ଠାବ କରାଯାଉଛି। ଶାର୍କ ସଂଖ୍ୟା ଆଶାତୀତ ଭାବେ କମିଛି। ତେବେ ଏହାର କାରଣ କେବଳ 'କିଲର ହ୍ୱେଲ' ନା ଆଉକିଛି ତାହା ସ୍ପଷ୍ଟ ହୋଇନାହିଁ। ସୂଚନାଯୋଗ୍ୟ, ଦକ୍ଷିଣ ଆଫ୍ରିକାର ସାମୁଦ୍ରିକ ପର୍ଯ୍ୟଟନର ପ୍ରମୁଖ ଅଙ୍ଗ ହେଉଛି 'ଗ୍ରେଟ୍ ହ୍ୱାଇଟ୍ ଶାର୍କ'। ଏହି ବିଶାଳ ଶିକାରୀ ଜୀବକୁ ନିକଟରୁ ଦେଖିବାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ଏହି ଦୃଶ୍ୟକୁ ଅଧିକ ଆମୋଦିତ କରିବାକୁ ସମୁଦ୍ର ଭିତରେ କାଚ ପଞ୍ଜୁରି ବ୍ୟବସ୍ଥା ମଧ୍ୟ କରାଯାଇଛି। ଏସବୁକୁ ନଜରରେ ରଖି ଏଠାରେ ବିକଶିତ ହୋଇଥିଲା ସ୍କୁବା ଡାଇଭିଂ ଉଦ୍ୟୋଗ। ହେଲେ ଶାର୍କ ଶୂନ୍ୟ ଉପକୂଳ ଏବେ ପର୍ଯ୍ୟଟନ ଶିଳ୍ପକୁ ଗଭୀର ପ୍ରଭାବିତ କରିଥିବା ଜଣାପଡ଼ିଛି।

# ଛୁଟି କାଟୁଛନ୍ତି ରବିନା

**ମୁମ୍ବାଇ:** ଲୋକପ୍ରିୟ ଚୁଲ୍‌ବୁଲି ଅଭିନେତ୍ରୀ ରବିନା ଟଣ୍ଡନ ଏବେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ନିଜ ଇନ୍‌ଷ୍ଟାଗ୍ରାମ ଫ୍ୟାନ୍‌ମାନଙ୍କ ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ମାନ ଶେୟାର କରନ୍ତି ରବିନା। ଏହା ବାଦ୍ ନିଜ ପିଲାଙ୍କ ସହ ଫଟୋ ମଧ୍ୟ ନିୟମିତ ଭାବରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ନିଜ କାମରେ ବ୍ୟସ୍ତ ରହୁଥିବା ବେଳେ ଏହି କିଛିଦିନ ହେବ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ନିଜ ପରିବାର ସହ ସମୟ କାଟୁଛନ୍ତି ରବିନା। ଆଉ ଏହି ସମୟର କିଛି ଫଟୋ ମଧ୍ୟ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଏବେ ହିମାଳୟ ପାଦଦେଶର ବରଫାବୃତ୍ତ ଅଞ୍ଚଳରେ ପୁଅ ରଣବୀର ଓ ଝିଅ ରଶାଙ୍କ ସହିତ ସେ ଛୁଟିର ଭରପୂର ମଜା ଉଠାଉଛନ୍ତି। ହିମାଳୟ ପାଦଦେଶର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ପିଲାଙ୍କ ସହ ପ୍ରାରମ୍ଭିକ ଥଣ୍ଡାର ମଜା ନେଉଛନ୍ତି। ଆଉ ତାଙ୍କ ଚେହେରାରେ ଏକ ଅଜବ ଖୁସିର ଝଲକ ମଧ୍ୟ ସ୍ପଷ୍ଟ ଭାବେ ନଜର ଆସୁଛି। ଯେମିତି ଦୀର୍ଘଦିନ ବ୍ୟବଧାନ ପରେ ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି ସେ। ଏହି ଫଟୋଗୁଡ଼ିକ ଶେୟାର ହେବାର ମାତ୍ର କିଛିଘଣ୍ଟା ମଧ୍ୟରେ ବହୁତ ସଂଖ୍ୟାରେ ଲାଇକ୍ କରାଯାଇଛି।





ରବିନା ଟଣ୍ଡନ

# ଗୋବର ଫିଙ୍ଗି ଦୀପାବଳି ପାଳନ




**ମହୀଶୂର:** ଭାରତରେ ବିଭିନ୍ନ ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳିଥାଏ। ଏଠାକାର ଅଧିବାସୀ ବିଭିନ୍ନ ପର୍ବପର୍ବାଣି ଅତି ଜାକଜମକରେ ପାଳିଥାନ୍ତି। ଏହା ମଧ୍ୟରେ କେତେକ ପର୍ବ ଅତି ନିଆରା ହୋଇଥାଏ। ଦୀପାବଳି ସମଗ୍ର ଦେଶରେ ଆଲୋକର ପର୍ବଭାବେ ପାଳନ କରାଯାଇଥାଏ। ଲୋକେ ଦୀପ ଜାଳି, ବାଣ ଫୁଟାଇ ପିତୃପୁରୁଷଙ୍କୁ ସମ୍ମାନ ଦେବା ସହ ପିଠାପଣା କରି ଖୁସି ମନାଇଥାନ୍ତି। ହେଲେ କର୍ନାଟକ ଏବଂ ତାମିଲନାଡୁ ସୀମାରେ ଲୋକେ ଗୋବରରେ ଦୀପାବଳି ପାଳିଥାନ୍ତି।

ସୀମାନ୍ତ ଗୋମାତାପୁରା ଗାଁରେ ଦୀପାବଳିରେ ଦୀପ ଜଳିବା ସହ ବାଣ ମଧ୍ୟ ଫୁଟିଥାଏ। ହେଲେ ଏହାର ଗୋଟିଏ ଦିନ ପରେ ଗାଁରେ ଲୋକେ ପରସ୍ପର ଉପରେ ଗୋବର ଫୋପାଡ଼ି ଉତ୍ସବ ପାଳନ କରିଥାନ୍ତି। ଏହି ପରମ୍ପରା ଏଠାରେ ଶହଶହ ବର୍ଷ ଧରି ଚାଲିଆସିଛି। ପରମ୍ପରା ଅନୁଯାୟୀ, ଗାଁରେ ସକାଳୁ ହିଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବୁଲି ବୁଲି ଗୋବର ସଂଗ୍ରହ କରାଯାଇ ଗାଁ ମନ୍ଦିର ପଛପଟେ ରଖାଯାଇଥାଏ। ଜଣେ ବ୍ୟକ୍ତିଙ୍କୁ ସାଙ୍କେତିକ ଭାବେ ଦୋଷୀ ଘୋଷଣା କରାଯାଇଥାଏ। ତାଙ୍କୁ ନକଲି ନିଶ ଓ ଦାଢ଼ି ଲଗାଇ ଗଧ ପିଠିରେ ବସାଇ ବୁଲାଇବା ସହ ପ୍ରତୀକାତ୍ମକ ରୂପେ ଖରାପ ଶକ୍ତିମାନଙ୍କୁ ଗାଳି ଦେଇଥାନ୍ତି। ଶେଷରେ ମନ୍ଦିର ନିକଟକୁ ଯାଇ ପରସ୍ପର ଉପରେ ଗୋବର ଫୋପାଡ଼ି ଖେଳିବା ସହ ସାହି ବୁଲିଥାନ୍ତି। ଏହାଦ୍ୱାରା ଜାତି ଧର୍ମ ନିର୍ବିଶେଷରେ ଭ୍ରାତୃଭାବ ବଢ଼ିଥାଏ ବୋଲି ଏଠାରେ ବିଶ୍ୱାସ ରହିଛି। ଏବେ ଏହି ପର୍ବ ଏଠାରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏକ ମନୋରଞ୍ଜନର ମାଧ୍ୟମ ମଧ୍ୟ ପାଲଟିଛି। ଅନ୍ୟପକ୍ଷରେ ଗାଁର ବୟସ୍କଙ୍କ କହିବା ଅନୁସାରେ ସ୍ଥାନୀୟ ଦେବତା କେରେ ଈଶ୍ୱର ସ୍ୱାମୀ ଗୋବରକୁ ପବିତ୍ର ବୋଲି ମାନୁଥିଲେ। ତେଣୁ ଗ୍ରାମବାସୀଙ୍କ ମଧ୍ୟରେ ଗୋବର ସବୁଠାରୁ ପବିତ୍ର ବୋଲି ମାନ୍ୟତା ରହିଛି।

# ପାଣିରେ ୧୪୫ ଘଣ୍ଟା ରହି ରେକର୍ଡ

**ନୂଆଦିଲ୍ଲୀ:** ରେକର୍ଡ କରିବା ପାଇଁ ଲୋକେ ବେଳେ ବେଳେ ଅଜବ କାମ କରିଥାନ୍ତି। ସ୍କୁବା ଡାଇଭିଂ କ୍ଷେତ୍ରରେ ଏମିତି ଏକ ବିରଳ ରେକର୍ଡ କରିଛନ୍ତି ଇଜିପ୍ଟର ସଦ୍ଦାମ୍ ଅଲ୍-କିଲାନୀ। ସମୁଦ୍ର ଭିତରେ ସେ ଏକ ସମୟରେ ପ୍ରାୟ ୬ ଦିନ ରହି ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି।

ପାଣି ଭିତରେ ସର୍ବାଧିକ ସମୟ ରହି ଡାଇଭିଂ କ୍ଷେତ୍ରରେ ଏବେ ରେକର୍ଡ କରିଛନ୍ତି ସଦ୍ଦାମ୍ ଅଲ୍-କିଲାନୀ। ଡାଇଭିଂ କ୍ଷେତ୍ରରେ କିଲାନୀଙ୍କର ଆଜିପର୍ଯ୍ୟନ୍ତ ସବୁଠୁ ଲମ୍ବା ସମୟ ରହିବାର ରେକର୍ଡ ହୋଇଛି। ପାଣି ଭିତରେ ସେ ମୋଟ ୧୪୫ ଘଣ୍ଟା ଯାହାକି ପ୍ରାୟ ୬ଦିନ ପର୍ଯ୍ୟନ୍ତ ରହି ବିଶ୍ୱ ରେକର୍ଡ କରିଛନ୍ତି। ପାଣି ଭିତରେ ସେ ତାଙ୍କର ଏହି ଡାଇଭିଂର ଯାତ୍ର ପ୍ରଥମେ ୨୦୧୭ରେ ଆରମ୍ଭ କିରଥିଲେ। କିନ୍ତୁ ସେତେବେଳେ ସେ ମାତ୍ର ୧୦୦ ଘଣ୍ଟାରୁ ଅଧିକ ସମୟ ରହିପାରି ନ ଥିଲେ। କିନ୍ତୁ ଏଭଳି ଏକ ପଦକ୍ଷେପ ନେବା ପରେ ସେ ରେକର୍ଡ କରିବାର ଇଚ୍ଛାକୁ ମାରି ଦେଇ ନ ଥିଲେ। ବରଂ ଅଧିକ ସମୟ ପାଣି ଭିତରେ ରହିବା ପାଇଁ ଧୀରେ ଧୀରେ ଅଭ୍ୟାସ କରୁଥିଲେ। ଆଉ ନିଜ ମନୋବଳକୁ ଦୃଢ଼ କରି ସମସ୍ତ ପ୍ରସ୍ତୁତି କରି ସେ ଏବେ ପୁଣି ଥରେ ପ୍ରୟାସ କରି ସଫଳ ହୋଇପାରିଛନ୍ତି।



ଏଥର କିଲାନୀ ପାଣି ଭିତରକୁ ସମସ୍ତ ପ୍ରସ୍ତୁତି ସହ ଯାଇଥିଲେ। ପାଣି ଭିତରେ କୌଣସି ପ୍ରକାରର ସମସ୍ୟାର ସମାଧାନ ନିମନ୍ତେ କିଲାନୀଙ୍କ ସହିତ କ୍ରିଉ ମେମ୍ବର, ସ୍କୁବା ଡାଇଭର, ଡାକ୍ତର ଓ ସ୍ୱାସ୍ଥ୍ୟ ବିଶେଷଜ୍ଞ ମଧ୍ୟ ପ୍ରତି ମୁହୂର୍ତ୍ତରେ ଜଗି ରହିଥିଲେ। ୧୪୫ ଘଣ୍ଟା ରହିବା ପରେ କିଲାନୀ ତାଙ୍କ ପାଣି ଭିତରର ଯାତ୍ରାକୁ ସଫଳତାର ସହିତ ଶେଷ କରିଛନ୍ତି। କିଲାନୀଙ୍କ ପାଣି ଭିତରେ ରହିବାର କିଛି ସମୟର ଭଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଡାଇଭିଂ କ୍ଷେତ୍ରରେ କିଲାନୀଙ୍କ ପୂର୍ବରୁ ସାଇପ୍ରସ୍‌ର ସେମ୍ କାରାବେଙ୍କ ନାଁରେ ଏହି ରେକର୍ଡ ରହିଥିଲା। ୨୦୧୬ ମସିହାରେ ସେ ଏହି ରେକର୍ଡ କରିଥିଲେ। କିଲାନୀ ଏତେ ଘଣ୍ଟା ରହିବା ପରେ ବି ଏବେ ତାଙ୍କର ଏହି ରେକର୍ଡ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଥିବା ନେଇ କୌଣସି ସ୍ପଷ୍ଟୋକ୍ତି ମିଳିନାହିଁ।

**Happy Birthday**



(RUPA)

Happy birthday to my beautiful sister,on this special day I wish u all the love & happiness life can bring..

**Happy Birthday Rupa di,**

**Best wishes:-** Bapuni & family, relatives.

D-18972

# ୭ ବର୍ଷ ତଳର ନାଁ 'କରୋନା'

**ଥିରୁଭାନନ୍ତପୁରମ୍:** ୭ ବର୍ଷ ତଳେ ସେ ତାଙ୍କ ଦୋକାନର ନାଁ ରଖିଥିଲେ 'କରୋନା'। ଦୋକାନର ଏହି ନାଁ ହିଁ ତାଙ୍କୁ ଦିନେ ସଫଳତା ଦେବ ବୋଲି ବିଶ୍ୱାସ ରଖିଥିଲେ। ତାଙ୍କର ଏହି ଭାବନା ସତ ହୋଇଛି। ଏବେ ସାରା ବିଶ୍ୱରେ ଯେତେବେଳେ କରୋନା ତା'ର କାୟା ବିସ୍ତାର କରି ଆତଙ୍କିତ କରୁଛି ସେ ସମୟରେ ତାଙ୍କ ଦୋକାନରେ ବିକ୍ରି ବୃଦ୍ଧି ପାଇଛି। ଏମିତି ଏକ ଘଟଣା ଏବେ ଚର୍ଚ୍ଚାର କାରଣ ପାଲଟିଛି କେରଳରେ।

କେରଳ କୋଟ୍ଟାୟମ୍‌ର କାଲାଥିପାଡ଼ି ଅଞ୍ଚଳର ଜଣେ ବ୍ୟବସାୟୀ ହେଉଛନ୍ତି ଜର୍ଜ। ୭ ବର୍ଷ ତଳେ ସେ ଏକ ଦୋକାନ ଆରମ୍ଭ କରିଥିଲେ ଏବଂ ଏହାର ନାଁ ରଖିଥିଲେ 'କରୋନା'। ଦୋକାନରେ ସେ ବିଭିନ୍ନ ପ୍ରକାରର ଗଛର ଚାରା ସହିତ ମଞ୍ଜି, ଫୁଲଦାନି, ମାଟି ତିଆରି ବିଭିନ୍ନ ପ୍ରକାରର ପାତ୍ର ଓ ଘର ସଜ୍ଜା ସାମଗ୍ରୀ ବିକ୍ରି କରିଥାନ୍ତି। କରୋନା ଭାଇରସ୍ ସଂକ୍ରମଣ ପାଇଁ ପ୍ରାୟ ସବୁ ପ୍ରକାରର ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜର୍ଜଙ୍କର କିନ୍ତୁ ଏହି ବର୍ଷ ସବୁଠୁ ଅଧିକ ବିକ୍ରି ହୋଇଛି। ଆଉ ତାଙ୍କୁ ଏହି ସଫଳତା ମିଳିଛି କେବଳ ତାଙ୍କ ଦୋକାନର ନାଁ ପାଇଁ। ଏଭଳି ନାମକରଣ ଯୋଗୁ ତାଙ୍କ ଦୋକାନକୁ ଉତ୍ସାହର ସହିତ ଅଧିକ ଗ୍ରାହକ ବୁଲିବାକୁ ଆସିବା ସହିତ ବିଭିନ୍ନ ଘରସଜ୍ଜା ସାମଗ୍ରୀ ଓ ଗଛ ଚାରା କିଣି ନେଉଛନ୍ତି। ଜର୍ଜଙ୍କ ମତରେ ଲାଟିନ୍‌ରେ କରୋନାର ଅର୍ଥ ହେଉଛି ମୁକୁଟ। ଯେହେତୁ ସେ ଘରକୁ ସଜାଇବା ପାଇଁ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିଲେ ସେଥିପାଇଁ ଦୋକାନର ଏଭଳି ଏକ ନାଁ ଦେବାକୁ ଇଚ୍ଛା କରିଥିଲେ। କିନ୍ତୁ ୭ ବର୍ଷ ତଳେ ଦୋକାନର ଏଭଳି ନାଁ ଯେ ସମସ୍ତଙ୍କୁ ଆକୃଷ୍ଟ କରିବ ଏକଥା ସେ ଭାବି ନ ଥିଲେ।






# ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ପୂର୍ଣ୍ଣଚନ୍ଦ୍ର ମିଶ୍ର**
ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ- ୩।୧୨।୧୯୩୪
ତିରୋଧାନ- ୧୧।୧୧।୨୦୨୦

ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ୍ଭ ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା। ତୁମ ଯିବାପରେ ଏହି ଶୂନ୍ୟତା ଆମକୁ ବ୍ୟଥିତ କରୁଛି। ତୁମେ ପ୍ରେରଣାର ଉତ୍ସ ଥିଲ। ତୁମେ ଯେଉଁଠି ଥାଅ, ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାଳିଆ ଠାକୁର ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ - ଝିଅ, ଜ୍ୱାଇଁ, ଭାଇ, ନାତି, ନାତୁଣୀ, ପୁତୁରାବୋହୂ, ପୁତୁରା, ଝିଆରୀ ଓ ପରିବାରବର୍ଗ।

ଧ-୧୮୯୮୦

**14th Death Anniversary Remembrance**



LATE PRAVIN PATTANAIK (BUBUL)
DOB: 25.11.1986
DOD: 20.11.2006

We wish your immortal soul rest in peace and shine like a polestar in our memory's sky forever.

-:Fondly remembered by:-
Pravin Memorial Trust and Family members.

D-18970

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**




**ସ୍ୱର୍ଗତା ରେଣୁବାଳା ପଣ୍ଡା**
ଗୁଣ୍ଡିଚା ବିହାର, ପୁରୀ
ଆବିର୍ଭାବ: ୧୨।୦୯।୧୯୫୨
ତିରୋଧାନ: ୦୪।୧୧।୨୦୦୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା

-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୬୯୦୩୦

**ଏକାଦଶାହ ଉପଲକ୍ଷେ**



**ଁନିରଜ କୁମାର ପଟ୍ଟନାୟକ**
ସ୍ଥାନ-ହାଟସାହି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୫।୦୭।୧୯୪୬
ତିରୋଧାନ: ୧୦।୧୧।୨୦୨୦

ତୁମ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ୍ଭ ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷୀଗୋପାଳଙ୍କଠାରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ମନୋରମା ମହାପାତ୍ର (ଧର୍ମପତ୍ନୀ), ଝିଅ- ମୁନୁ, ଜ୍ୱାଇଁ- ଆଶିଷ, ପୁଅ- ବୁବୁ, ବୋହୂ- ମିଲି, ନାତୁଣୀ- ମାମାଲି ଓ ଚୁଟୁ।

ଧ-୧୮୯୬୨

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଅନ୍ନପୂର୍ଣ୍ଣା ରଥ**
ନୟାପଲ୍ଲୀ
ଆବିର୍ଭାବ: ୨୭।୧୧।୧୯୫୨
ତିରୋଧାନ: ୨୫।୧୦।୨୦୧୭

ଆପଣଙ୍କ ଆଦର୍ଶ, ତ୍ୟାଗ, ସ୍ନେହ, ପରକୁ ଆପଣାର କରିବା ମନୋବୃତ୍ତି ଆମକୁ ସର୍ବଦା ପ୍ରେରଣା ଦେଉଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

:ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ:
ନାତି-ନାତୁଣୀ, ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ଭ୍ରାତା-ଭଗିନୀ ଓ ଆତ୍ମୀୟସ୍ୱଜନ।

ଧ-୧୮୯୬୪



ନିର୍ମଳ କୁମାର ମିଶ୍ର

# ସଂଘର୍ଷପୂର୍ଣ୍ଣ, ରୋମାଞ୍ଚକ



ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଶେଷ ହୋଇଛି। କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଏହି ଲିଗ୍ ସଫଳତାର ସହ ସମ୍ପନ୍ନ ହେବା ବିସିସିଆଇ ପାଇଁ ଏକ ବଡ଼ ଉପଲବ୍ଧି । ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ମୁମ୍ବାଇ ଇଣ୍ଡିଆନ୍ସ ରେକର୍ଡ ପଞ୍ଚମଥର ପାଇଁ ଟାଇଟଲ ଜିତିବା ମଧ୍ୟ ଥିଲା ଏହି ଲିଗ୍ର ଅନ୍ୟତମ ଆକର୍ଷଣ..।

କ୍ରିକେଟ ଜଗତର ସବୁଠାରୁ ଲୋକପ୍ରିୟ ଏବଂ ଗ୍ଲାମରସ୍ ଟୁର୍ନାମେଣ୍ଟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ ସଂସ୍କରଣର ସଫଳ ପରିସମାପ୍ତି ଘଟିଛି। କରୋନା ମହାମାରୀର ଭୟାବହତା ମଧ୍ୟରେ ଏପରି ଏକ ମେଗା ଟୁର୍ନାମେଣ୍ଟକୁ ବିଦେଶରେ ଆୟୋଜନ କରିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିଲେ ମଧ୍ୟ ଏହାର ଗ୍ଲାମର ଏବଂ ଲୋକପ୍ରିୟତା କିଛି କମ୍ ନ ଥିଲା। ବିନା ଦର୍ଶକଙ୍କ ଉପସ୍ଥିତିରେ ଖୋଲା ଷ୍ଟାଡିୟମ୍ରେ ଅନୁଷ୍ଠିତ ହୋଇଥିବା ଏହି ପ୍ରଫେଶନାଲ ଲିଗ୍ର ଭରପୂର ଆନନ୍ଦ ଦର୍ଶକମାନେ ସିଧା ପ୍ରସାରଣ ମାଧ୍ୟମରେ ଉଠାଇଥିଲେ। ଟୁର୍ନାମେଣ୍ଟ ଆରମ୍ଭରୁ ସ୍ଲୋ ଏବଂ ଲୋ ପିଚ୍ ଏବଂ ଅମ୍ପାୟରିଂ ବିବାଦ ପାଇଁ କିଛି ମାତ୍ରାରେ ସମାଲୋଚିତ ହେବା ପରେ ପରବର୍ତ୍ତୀ ଅବସ୍ଥାରେ ଏଥିରେ ସୁଧାର ଅଣାଯାଇ ପାରିଥିଲା। ଅନେକ ଯୁବ ଖେଳାଳି ସ୍ଥିର ପ୍ରଦର୍ଶନ ମାଧ୍ୟମରେ ବିସିସିଆଇର ଦୃଷ୍ଟି ଆକର୍ଷଣ କରିଥିବାବେଳେ ସିନିୟର ଖେଳାଳିମାନେ ନିଜ ଅଭିଜ୍ଞତାର ଉପଯୋଗ କରିବା ଥିଲା ଏହି ଲିଗ୍ର ମୁଖ୍ୟ ଆକର୍ଷଣ ଥିଲା।

ଲିଗ୍ ପର୍ଯ୍ୟାୟରେ ଅନେକଗୁଡିଏ ମ୍ୟାଚ ବେଶ୍ ଆକର୍ଷଣୀୟ ଏବଂ ଉପଭୋଗ୍ୟ ରହିଥିଲା। କ୍ଲୋଜ ଫିନିସ୍ ଏବଂ ସୁପର ଓଭରର ରୋମାଞ୍ଚ ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। କ୍ରିସ୍ ଗେଲ୍, ଏବି ଡି'ଭିଲର୍ସ, ଫାଫ୍ ଡୁ'ପ୍ଲେସି, କ୍ୱିଣ୍ଟନ ଡି'କକ, କେନ୍ ୱିଲିୟମସନ୍, କିରନ ପୋଲାର୍ଡ, ଷ୍ଟିଭ ସ୍ମିଥ୍, ବେନ୍ ଷ୍ଟୋକ୍ସ, ଡେଭିଡ ୱାର୍ନର, ଲେକେଶ ରାହୁଲ, ମାର୍କୁସ ଷ୍ଟୋଇନିସ୍, ବିରାଟ କୋହଲି, ଦେବଦତ୍ତ ପଡିକାଲ, ଇଶାନ କିଶନ, ସଞ୍ଜୁ ସାମସନ, ଶୁବମନ ଗିଲ୍, ରାହୁଲ ତ୍ରିପାଠୀ, ଶ୍ରେୟାସ ଆୟର, ମନୀଷ ପାଣ୍ଡେଙ୍କ ପରି ବ୍ୟାଟ୍ସମ୍ୟାନ୍ ମାନେ ଲିଗ୍ ପର୍ଯ୍ୟାୟରେ ସଫଳତା ପାଇଥିବା ବେଳେ ଯଶପ୍ରୀତ୍ ବୁମରା, କାଗିସୋ ରାବାଡା, ଟ୍ରେଣ୍ଟ ବୋଲ୍ଟ, ମହମ୍ମଦ ସିରାଜ ଏବଂ ସ୍ପିନ୍ର ଯୁଜବେନ୍ଦ୍ର ଚହଲ, ରସିଦ ଖାଁ, ୱାଶିଂଟନ୍ ସୁନ୍ଦର, ନବଦୀପ ସାଇନୀ, ରାହୁଲ ଚହରଙ୍କ ବୋଲିଂ ବେଶ୍ ପ୍ରଭାବୀ ରହିଥିଲା। ଆରମ୍ଭରୁ ବ୍ୟାଟିଂରେ ସୂର୍ଯ୍ୟକୁମାର ଯାଦବ, ରୋହିତ ଶର୍ମା, ଇଶାନ କିଶନ୍ ଏବଂ ବୋଲିଂରେ ଯଶପ୍ରୀତ୍ ବୁମରା, ଟ୍ରେଣ୍ଟ ବୋଲ୍ଟ ମୁମ୍ବାଇକୁ ସ୍ଥିର ପ୍ରଦର୍ଶନ ମାଧ୍ୟମରେ ପଏଣ୍ଟ ଟେବୁଲ ଶୀର୍ଷରେ ରଖିଥିବା ବେଳେ ଯୁବ ଖେଳାଳିମାନଙ୍କୁ ନେଇ ଗଠିତ ଦିଲ୍ଲୀ କ୍ୟାପିଟାଲ୍ସ ପରବର୍ତ୍ତୀ ପର୍ଯ୍ୟାୟରେ ଉତ୍ତମ ପ୍ରଦର୍ଶନ ମାଧ୍ୟମରେ ପଏଣ୍ଟ ଟେବୁଲ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।

ଦୁବାଇ ଇଣ୍ଟରନାଶନାଲ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ସବୁଠାରୁ ସ୍ଥିର ପ୍ରଦର୍ଶନ କରିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ସମସ୍ତଙ୍କର ହଟ୍ ଫେଭରାଇଟ ରହିଥିଲା। ଦିଲ୍ଲୀ ଫାଇନାଲରେ କମାଲ କରିବା ପାଇଁ ବେଶ୍ ପ୍ରୟାସ କରିଥିଲା। ମାତ୍ର ଯଶପ୍ରୀତ୍ ବୁମରାଙ୍କ ପେସ୍, ବାଉନ୍ସ ଏବଂ ୟର୍କର ଏବଂ ଟ୍ରେଣ୍ଟ ବୋଲ୍ଟଙ୍କ ଆକ୍ରମଣାତ୍ମକ ଇନ୍‌କଟର ଏବଂ ଆଉଟ କଟର ଯୋଗୁ ଦିଲ୍ଲୀ ବ୍ୟାକ୍ ଫୁଟ୍ରେ ରହିବାର ଆଶଙ୍କା ରହିଥିଲା। ଅନ୍ୟପକ୍ଷରେ ହ୍ୱାଇଟ୍ ବଲ୍ ସ୍ପେଶାଲିଷ୍ଟ ରୋହିତ ଶର୍ମାଙ୍କ ଏହା ଥିଲା ୨୦୦ତମ ଆଇପିଏଲ୍ ମ୍ୟାଚ। ଜୟନ୍ତ ଯାଦବଙ୍କୁ ରାହୁଲ ଚହରଙ୍କ ବଦଳରେ ଖେଳାଇ ରୋହିତ ତାଙ୍କର ନେତୃତ୍ୱର ପାରଦର୍ଶିତା ଦେଖାଇଥିଲେ। ବୋଲ୍ଟ ୮ମ ଥର ପାଇଁ ପ୍ରଥମ ଓଭରରେ ଉଇକେଟ ହାସଲ କରିବା ଏବଂ ବାମହାତୀ ବ୍ୟାଟ୍ସମ୍ୟାନ୍ ଶିଖର ଧାୱନଙ୍କ ଉଇକେଟ ଜୟନ୍ତ ଯାଦବ ନେବା ପରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରିଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ରୋହିତ ଶର୍ମା ଏବଂ ଇଶାନ୍ କିଶନଙ୍କ ଚମତ୍କାର ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ ୫ ଉଇକେଟରେ ହରାଇ ରେକର୍ଡ ପଞ୍ଚମ ଥର ପାଇଁ ଆଇପିଏଲ୍ ଟାଇଟଲ ହାସଲ କରିଥିଲା। ଅନ୍ୟପଟେ ପ୍ରଥମଥର ପାଇଁ ଚାମ୍ପିୟନ ହେବାର ଆଶା ରଖିଥିବା ଦିଲ୍ଲୀକୁ ଶେଷରେ ନିରାଶ ହେବାକୁ ପଡିଥିଲା।

ଅନେକ ଦର୍ଶନୀୟ କ୍ୟାଚ ଚଳିତ ଆଇପିଏଲ୍ର ଆକର୍ଷଣ ବଢାଇଥିଲା। ଫାଫ ଡୁ'ପ୍ଲେସି, ରବୀନ୍ଦ୍ର ଜାଡେଜା, ମହେନ୍ଦ୍ର ସିଂ ଧୋନୀ, ନିକୋଲାସ୍ ପୁରନ ଏବଂ କିରନ ପୋଲାର୍ଡଙ୍କ କ୍ୟାଚ୍ ବେଶ୍ ଉପଭୋଗ୍ୟ ରହିଥିଲା। ଆଉଟ୍ ଫିଲ୍ଡରେ ଦର୍ଶନୀୟ ଫିଲ୍ଡିଂ କରି ଡୁପ୍ଲେସି ଏବଂ ଡେଭିଡ ୱାର୍ନର ପ୍ରତ୍ୟେକ ୧୨ଟି ଲେଖାଏ କ୍ୟାଚ ନେଇଥିଲେ। ଲୋକେଶ ରାହୁଲ ଟୁର୍ନାମେଣ୍ଟରେ ୧୪ଟି ମ୍ୟାଚରୁ ସର୍ବାଧିକ ୬୭୦ ରନ୍ କରି ଅରେଞ୍ଜ କ୍ୟାପ୍ ପାଇଥିବା ବେଳେ କାଗିସୋ ରାବାଡା ୩୦ଟି ଉଇକେଟ ଅକ୍ତିଆର କରି ପର୍ପଲ କ୍ୟାପ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଆରସିବି ଓପନର ଦେବଦତ୍ତ ପଡିକାଲ ମୋଷ୍ଟ ଇମର୍ଜିଂ ପ୍ଲେୟର, ପୋଲାର୍ଡ ସୁପର ଷ୍ଟ୍ରାଇକର ଏବଂ ରାଜସ୍ଥାନ ରୟାଲ୍ସର ଜୋଫ୍ରା ଆର୍ଚର ମୋଷ୍ଟ ଭାଲ୍ୟୁଏବଲ୍ ପ୍ଲେୟାର ଘୋଷିତ ହୋଇଥିଲେ। ଇଶାନ୍ କିଶନ ସର୍ବାଧିକ ୩୦ଟି ଛକା ମାରି ଆଗରେ ରହିଥିଲେ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ୫ଟି ଶତକ ଅର୍ଜନ କରାଯାଇଛି। ସେହିପରି କ୍ରମାଗତ ମ୍ୟାଚରେ ଧାୱନ ଶତକ ହାସଲ କରି ବିରଳ ରେକର୍ଡ ସ୍ଥାପନ କରିଛନ୍ତି।

ଲୋକେଶ ରାହୁଲ ଅପରାଜିତ ୧୩୨ ରନ ସଂଗ୍ରହ କରି ଟୁର୍ନାମେଣ୍ଟର ସର୍ବାଧିକ ବ୍ୟକ୍ତିଗତ ସ୍କୋର ହାସଲ କରିଥିଲେ। ସେନ୍ ୱାଟସନ୍ ଏବଂ ଫ୍ଲାଫ ଡୁପ୍ଲେସି ମଧ୍ୟରେ ୧୮୧ ରନ୍ ପାର୍ଟନରଶିପ୍ ଟୁର୍ନାମେଣ୍ଟର ଅନ୍ୟତମ ବିରଳ ରେକର୍ଡ ଅଟେ। ଟୁର୍ନାମେଣ୍ଟର ସର୍ବନିମ୍ନ ସ୍କୋର ୮୪ କୋଲକୋତା ନାଇଟ୍ ରାଇଡର୍ସ କରିଥିଲା। ସେହିପରି ୨୨୮ରନ୍ର ସର୍ବାଧିକ ଦଳଗତ ସ୍କୋର ଦିଲ୍ଲୀ କ୍ୟାପିଟାଲ କରିଥିଲା। ଆର୍‌ସିବି ବୋଲର ମହମ୍ମଦ ସିରାଜ ୨ଟି ମେଡେନ୍ ଓଭର ବୋଲିଂ କରି ରେକର୍ଡ କରିଥିଲେ। ପୁରସ୍କାର ରାଶି ରୂପେ ମୁମ୍ବାଇ ଇଣ୍ଡିଆନ୍ସ ୨୦କୋଟି ଟଙ୍କା ହାସଲ କରିଛି। ସେହିପରି ରନର୍ସଅପ୍ ରୂପେ ଦିଲ୍ଲୀ କ୍ୟାପିଟାଲସ୍ ୧୨.୫ କୋଟି ଟଙ୍କା ସର୍ବାଧିକ ପୁରସ୍କାର ଗ୍ରହଣ କରିଛି। ପ୍ରତ୍ୟେକ ଦୃଷ୍ଟିକୋଣରୁ ଏଥର ଆଇପିଏଲ୍ ଅବିସ୍ମରଣୀୟ ରହିଥିଲା। ଦର୍ଶକ ଭରପୂର ଆନନ୍ଦ ଟିଭି ମାଧ୍ୟମରେ ଉପଭୋଗ କରିଥିବା ବେଳେ ପୁନର୍ବାର ଏହାର ୧୪ତମ ସଂସ୍କରଣକୁ ଆଉ ୫ମାସ ପରେ ଭାରତରେ ଦେଖିବାର ସୁଯୋଗ ପାଇବେ।

## ଆଇପିଏଲ୍ ୨୦୨୦

**ଚାମ୍ପିୟନ:** ମୁମ୍ବାଇ ଇଣ୍ଡିଆନ୍ସ (ପଞ୍ଚମ ଟାଇଟଲ)
**ରନର୍ସଅପ୍:** ଦିଲ୍ଲୀ କ୍ୟାପିଟାଲ୍ସ
**ଆୟୋଜକ:** ୟୁନାଇଟେଡ ଆରବ ଏମିରେଟ୍ସ
**ଅଂଶଗ୍ରହଣକାରୀ ଦଳ:** ୮
**ମ୍ୟାଚ୍:** ୬୦
**ପ୍ଲେୟାର ଅଫ୍ ଦି ସିରିଜ:** ଜୋଫ୍ରା ଆର୍ଚର (ରାଜସ୍ଥାନ ରୟାଲ୍ସ, ୧୧୩ ରନ, ୨୦ ଉଇକେଟ)
**ପ୍ଲେୟାର ଅଫ୍ ଦି ଫାଇନାଲ:** ଟ୍ରେଣ୍ଟ ବୋଲ୍ଟ

## ଆଇପିଏଲ୍-୧୩ରେ ଶତକ

| ଖେଳାଳି | ଦଳ | ବନାମ | ସ୍କୋର |
|---|---|---|---|
| ଲୋକେଶ ରାହୁଲ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ରୟାଲ ଚ୍ୟାଲେଞ୍ଜର୍ସ | ୧୩୨* |
| ବେନ୍ ଷ୍ଟୋକ୍ସ | ରାଜସ୍ଥାନ ରୟାଲ୍ସ | ମୁମ୍ବାଇ ଇଣ୍ଡିଆନ୍ସ | ୧୦୭* |
| ଶିଖର ଧାୱନ | ଦିଲ୍ଲୀ କ୍ୟାପିଟାଲ୍ସ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ୧୦୬* |
| ମୟଙ୍କ ଅଗ୍ରୱାଲ | କିଙ୍ଗ୍ସ ଇଲେଭେନ ପଞ୍ଜାବ | ରାଜସ୍ଥାନ ରୟାଲ୍ସ | ୧୦୬ |
| ଶିଖର ଧାୱନ | ଦିଲ୍ଲୀ କ୍ୟାପିଟାଲ୍ସ | ଚେନ୍ନାଇ ସୁପରକିଙ୍ଗ୍ସ | ୧୦୧* |

## ଓ୍ୱିଶ୍

**କ**ଳ୍ପନା, ଗଣେଶ ଜେନାଙ୍କ ପରେ ଏ
ତୃତୀୟ ପର୍ବତାରୋହୀ
କଳାହାଣ୍ଡି ଜିଲା କେସିଙ୍ଗା ଗାଆଁର
ହିରୋ ଯୋଗବ୍ୟାସ ଭୋଇ
ପଞ୍ଚ ମହାଦେଶ ଜୟୀ
ଗିନିଜ ୱାର୍ଲ୍ଡ ରେକର୍ଡର ଅଧିକାରୀ
ଓ୍ୱିଶ୍ ଘେନ ଆମ ଭାଇ ।୧।

ଏ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ
ବାଜି ମାରି ଚାମ୍ପିୟନ
ପାଞ୍ଚଥର ଟ୍ରଫି ଜିତି ଖୁସି ଦେଖ
ମାଲିକାଣୀ ନୀତା ମନ
କିସ ହେବ ଥାଇ ଧନ ?



ଦୃଢ଼ ମନ ଟିମ୍ ସ୍ପିରିଟ୍ ନ ଥିଲେ
ବୃଥା ଯାଏ ଶ୍ରମ ଧନ ।୨।

ଗୋଡ଼ ନାହିଁ ଭଲ ସାଇକେଲ ଚଳାଏ
ଖେଳେ ପୁଣି ଫୁଟବଲ
ଇମ୍ଫାଲର ଛୋଟ ଶିଶୁ କୁନାଲର
ଏ ଭିଡିଓ ଭାଇରାଲ
ଓ୍ୱିଶ୍ ବଡ଼ ଶ୍ରେଷ୍ଠା ମଲ୍ଲ
ସେଲ୍ଫ କନ୍‌ଫିଡେନ୍ସ ବ୍ୟକ୍ତି ରଚେ କୀର୍ତ୍ତି
ମନ ଉଣା କଲେ ମଲ ।୩।

–ସୁବାସ ଚନ୍ଦ୍ର ପ୍ରଧାନ

# ଏଲ୍‌ପିଏଲ୍‌ରୁ ଓହରିଲେ ଗେଲ୍, ମାଲିଙ୍ଗା



କ୍ରିସ୍ ଗେଲ୍ ଓ ଲସିଥ୍ ମାଲିଙ୍ଗା।

**କଲମ୍ବୋ, ୧୯।୧୧ (ପି.ଟି.)**

କ୍ରିସ୍ ଗେଲ୍ ଓ ଲସିଥ୍ ମାଲିଙ୍ଗାଙ୍କ ଭଳି ଟି୨୦ର ଦୁଇ ଷ୍ଟାର ଖେଳାଳି ଶ୍ରୀଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍)ରୁ ଓହରିଯାଇଛନ୍ତି। ଇଂଲଣ୍ଡ ପେସ୍ ବୋଲର ଲିଆମ୍ ପ୍ଲଙ୍କେଟ ମଧ୍ୟ ଖେଳିବେ ନାହିଁ। ଟୁର୍ନାମେଣ୍ଟ ଆରମ୍ଭ ନ ହେଉଣୁ ଏହି ଖେଳାଳିମାନେ ଓହରିଯିବା ଆୟୋଜକଙ୍କୁ ଶକ୍ତ ଧକ୍କା ହୋଇଛି। ଗେଲ୍ ଓ ପ୍ଲଙ୍କେଟଙ୍କ ଓହରିଯିବା ସମ୍ପର୍କରେ ସେମାନଙ୍କ ଫ୍ରାଞ୍ଚାଇଜ୍ କାଣ୍ଡି ଟସ୍କର ସ୍ପଷ୍ଟ କରିଛି। ଯଥେଷ୍ଟ ପ୍ରସ୍ତୁତି ସମ୍ଭବ ନ ଥିବା ଦର୍ଶାଇ ମାଲିଙ୍ଗା ଆସମର୍ଥ୍ୟତା ପ୍ରକାଶ କରିଛନ୍ତି। ଜାମାଇକାର ୪୧ ବର୍ଷୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗେଲ୍ ଟି୨୦ ଫର୍ମାଟରେ ସର୍ବାଧିକ ଛକା ମାରି ରେକର୍ଡ କରିଛନ୍ତି। ନିକଟରେ ଶେଷ ହୋଇଥିବା ଆଇପିଏଲ୍‌ରେ ସେ କିଙ୍ଗ୍ସ ଇଲେଭେନ ପଞ୍ଜାବ ତରଫରୁ ଖେଳୁଥିଲେ। ମାଲିଙ୍ଗା ହେଉଛନ୍ତି ଶ୍ରୀଲଙ୍କା ଟି୨୦ ଦଳର ଅଧିନାୟକ। ସେ ଜାଲେ ଗତଲାଡିଅର୍ସ ଦଳର ଅଧିନାୟକତ୍ୱ କରିଥାନ୍ତେ। ମାତ୍ର ସେ ମାର୍ଚ୍ଚ ମାସ ପରଠାରୁ କୌଣସି ଟ୍ରେନିଂ ନେଇ ନ ଥିବାରୁ ବିନା ପ୍ରାକ୍ଟିସରେ ଉଚ୍ଚସ୍ତରୀୟ କ୍ରିକେଟ ଖେଳିବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ ବୋଲି ଦର୍ଶାଇଥିଲେ। ଦିନକ ପୂର୍ବେ ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଟୁର୍ନାମେଣ୍ଟରୁ ପାକିସ୍ତାନର ପୂର୍ବତନ ଅଧିନାୟକ ସର୍ଫରାଜ ଅହମ୍ମଦ ଓହରିଯାଇଥିଲେ। ସର୍ଫରାଜ ଗାଲେ ଗ୍ଲାଡିୟର୍ସ ଫ୍ରାଞ୍ଚାଇଜ୍‌ର ଅଧିନାୟକ ଥିଲେ। ପୂର୍ବରୁ ଅନ୍ୟ କେତେଜଣ ଖେଳାଳି ଟୁର୍ନାମେଣ୍ଟରୁ ଓହରିସାରିଥିଲେ। ସେମାନେ ହେଲେ ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ୍, ମୁନାଫ ପଟେଲ, ସ୍ଥାନୀୟ ଆଇକନ୍ କୁସାଲ ପେରେରା, ଶ୍ରୀଲଙ୍କା ଟି୨୦ ସ୍ପେଶାଲିଷ୍ଟ କୁସାଲ ମେଣ୍ଡିସ ଓ ନୁୱାନ ପ୍ରଦୀପ। ଜାଫନା ଷ୍ଟାଲିଅନ୍ସ ଫ୍ରାଞ୍ଚାଇଜ୍‌ରେ ଖେଳିବାକୁ ଥିବା ଇଂଲଣ୍ଡ ବ୍ୟାଟ୍ସମ୍ୟାନ ରବି ବୋପାରା ମଧ୍ୟ ଓହରିଯାଇଛନ୍ତି। ସେ ଖେଳିବେ ନାହିଁ ବୋଲି ଫ୍ରାଞ୍ଚାଇଜ୍‌କୁ ଜଣାଇ ସାରିଛନ୍ତି। ଅନ୍ୟପକ୍ଷରେ କଲମ୍ବୋ କିଙ୍ଗ୍ସ ଫ୍ରାଞ୍ଚାଇଜ୍ କବିର ଅଲିଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟ୍ସମ୍ୟାନ ହର୍ଶେଲ ଗିବ୍ସଙ୍କୁ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। କବିର ଅଲି କୋଭିଡ୍ ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କ ସ୍ଥାନରେ ଗିବ୍ସଙ୍କୁ ନିଆଯାଇଛି। ଏଲପିଏଲ୍ ନଭେମ୍ବର ୨୬ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଖେଳାଯିବ। ଉଦ୍‌ଘାଟନୀ ମ୍ୟାଚ କଲମ୍ବୋ କିଙ୍ଗ୍ସ ଓ କାଣ୍ଡି ଟସ୍କର୍ସ ମଧ୍ୟରେ ହେବ। ଟୁର୍ନାମେଣ୍ଟରେ ୫ଟି ଦଳ କଲମ୍ବୋ, କାଣ୍ଡି, ଗାଲେ, ଦାମ୍ବୁଲା ଓ ଜାଫନା ଅଂଶଗ୍ରହଣ କରିବେ। ବଲିଉଡ୍ ଅଭିନେତା ସଲମନ ଖାଁଙ୍କ ଭାଇ ସୋହେଲ କାଣ୍ଡି ଫ୍ରାଞ୍ଚାଇଜ୍‌ର ମାଲିକ ଅଛନ୍ତି। ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ ହସନ ତିଳକରତ୍ନେ ଏହି ଦଳର କୋଚ୍ ଅଛନ୍ତି।

# ମହିଳା ଖେଳାଳିଙ୍କ ମାତୃତ୍ୱ ଛୁଟି ପାଇଁ ଫିଫାର ନୂଆ ନିୟମ

**ଜେନିଭା,୧୯।୧୧(ଏପି)**




ମହିଳା ଖେଳାଳିଙ୍କ ମାତୃତ୍ୱ ଅଧିକାରର ସୁରକ୍ଷା ପାଇଁ ନୂଆ ନିୟମ ଜାରି କରାଯିବ ବୋଲି ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଘୋଷଣା କରିଛି। ଏହି ନିୟମ ଅନୁସାରେ ମହିଳା ଖେଳାଳିଙ୍କୁ କ୍ଲବଗୁଡିକ ଅତିକମ୍‌ରେ ୧୪ ସପ୍ତାହର ମାତୃତ୍ୱ ଛୁଟି ଦେବେ ଓ ଖେଳାଳିଙ୍କ ପୂରା ପାଉଣାର ଦୁଇ ତୃତୀୟାଂଶ ଦେବେ। ଏ ନେଇ ଫିଫା କ୍ଲବଗୁଡିକୁ ନିର୍ଦ୍ଦେଶ ଦେବେ। କେବେଳ ସେତିକ ନୁହେଁ କ୍ଲବ୍‌ଗୁଡିକ ମା' ହେବା ପରେ ମହିଳା ଖେଳାଳିଙ୍କୁ ଫୁଟବଲ କାର୍ଯ୍ୟକଳାପରେ ପୁଣି ସାମିଲ କରିବାକୁ ଯତ୍ନବାନ ହେବା ସହ ସେମାନଙ୍କୁ ମେଡିକାଲ ସପୋର୍ଟ ଦେବାକୁ ଫିଫା କହିଛି।

ମା' ହେବାକୁ ଯାଉଥିବା ଖେଳାଳିଙ୍କ ଚୁକ୍ତି ଶେଷ କଲେ କ୍ଲବଗୁଡକ ଉପରେ ବଡ଼ ଆକାରରେ ଜରିମାନା ଧାର୍ଯ୍ୟ କରାଯିବ। କେବଳ ସେତିକି ନୁହେଁ ଏହି କ୍ଲବ୍‌ଗୁଡିକୁ ଟ୍ରାନ୍ସଫର ମାର୍କେଟରୁ ଗୋଟିଏ ବର୍ଷ ବାସନ୍ଦ କରାଯିବ। ପିଲା ଜନ୍ମ ହେବା ପୂର୍ବରୁ ଓ ପରେ ଖେଳାଳିଙ୍କ ସୁରକ୍ଷା ପାଇଁ ଏଭଳି ନିୟମର ଆବଶ୍ୟକତା ରହିଛି ବୋଲି ଫିଫା ମୁଖ୍ୟ ଲିଗାଲ ଅଫିସର ଏମିଲିଓ ଗାର୍ସିଆ କହିଛନ୍ତି। ୨୦୧୯ ମହିଳା ଫିଫା ବିଶ୍ୱକପ୍‌ର ସଫଳତା ପରେ ଆଗଧାଡିର କ୍ଲବଗୁଡିକ ମହିଳା ଦଳଗୁଡକ ଉପରେ ପ୍ରାଧାନ୍ୟ ଦେଉଛନ୍ତି।

ଗତବର୍ଷ ବିଶ୍ୱକପ୍ ଜିତିଥିବା ଆମେରିକା ଫରୱାର୍ଡ ଆଲେକ୍ସ ମୋର୍ଗାନ ମା' ହେବାର ୪ ମାସ ପରେ ଗତ ସେପ୍ଟେମ୍ବରରେ ଟୋଟେନହାମ ସହିତ ଚୁକ୍ତି କରିଥିଲେ। ସେ ଚଳିତ ମାସ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଛନ୍ତି। ଆସନ୍ତା ମାସରେ ଫିଫା କାଉନସିଲ ଏହି ନିୟମକୁ ଅନୁମୋଦନ କରିବ ଓ ଏହା ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ। ପିଲା ଜନ୍ମହେବାପରେ ଅତିକମ୍‌ରେ ୮ ସପ୍ତାହ ଛୁଟି ଦେବା ଉପରେ ଗୁରୁତ୍ୱ ଦିଆଯାଇଛି।

# ଜୋକୋଭିଚ୍‌ଙ୍କୁ ହରାଇ ସେମିରେ ମେଡ୍‌ଭେଡେଭ୍


**ଲଣ୍ଡନ,୧୯।୧୧(ଏପି)**

ଚଳିତ ଏଟିପି ଫାଇନାଲ୍ସରେ ରୁଷୀୟ ଟେନିସ ତାରକା ଡାନିଲ ମେଡ୍‌ଭେଡେଭ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ଟୁର୍ନାମେଣ୍ଟରେ ଦ୍ୱିତୀୟ ଥର ପାଇଁ ଅଂଶଗ୍ରହଣ କରିଥିବା ମେଡ୍‌ଭେଡେଭ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବର୍ଷ ଶେଷରେ ଆୟୋଜିତ ହେଉଥିବା ଏହି ଟୁର୍ନାମେଣ୍ଟରେ ଅଭିଜ୍ଞ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ୫ଥର ଚାମ୍ପିୟନ

## ଏଟିପି ଫାଇନାଲ୍ସ

ଜୋକୋଭିଚ୍‌ଙ୍କୁ ମେଡଭେଡେଭ ବୁଧବାର ୬-୩, ୬-୩ ସେଟ୍‌ରେ ପରାସ୍ତ କରି ଗ୍ରୁପ୍ ପର୍ଯ୍ୟାୟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ଏହି ସଫଳତା ପାଇଛନ୍ତି।

ଗତବର୍ଷ ପଦାର୍ପଣରେ ମେଡ୍‌ଭେଡେଭ ଗ୍ରୁପ୍ ପର୍ଯ୍ୟାୟରେ ସବୁ ୩ଟି ଯାକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଏଥର ତ୍ରୁଟି ସୁଧାରି ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛନ୍ତି। ଜୋକୋଭିଚ୍‌ଙ୍କ ବିପକ୍ଷରେ ୪ଟି ମ୍ୟାଚ୍ ଖେଳି ମେଡ୍‌ଭେଡେଭ ୩ଟିରେ ବିଜୟ ହାସଲ କରିଛନ୍ତି। ତେବେ ବିଶ୍ୱର ୧ ନମ୍ବର ଖେଳାଳି ଜୋକୋଭିଚ୍‌ଙ୍କ



ଡିଏଗୋ ସ୍ୱାର୍ଜମ୍ୟାନ

ଲାଗି ଏବେବି ସୁଯୋଗ ରହିଛି। ଶୁକ୍ରବାର ଯଦି ସେ ୨୦୧୮ ଚାମ୍ପିୟନ ଆଲେକଜାଣ୍ଡର ଜେଭେରେଭଙ୍କୁ ପରାସ୍ତ କରିବେ ତା'ହେଲେ ସେ ଅଗ୍ରଗତି କରିବେ।

ଅନ୍ୟପଟେ ଜେଭେରେଭ ଜର୍ମାନୀ ଡିଏଗୋ ସ୍ୱାର୍ଜମ୍ୟାନଙ୍କୁ ବୁଧବାର ୬-୩, ୪-୬, ୬-୩ ସେଟ୍‌ରେ ପରାସ୍ତ କରି ଆଶା ଉଜ୍ଜୀବିତ ରଖିଛନ୍ତି। ସେମିଫାଇନାଲ ଦୌଡ଼ରେ ବଜାୟ ରହିଥିବାରୁ ଜେଭେରେଭ ଖୁସି ଜାହିର କରିଛନ୍ତି। ଗୁରୁବାର ଅନ୍ୟଏକ ମ୍ୟାଚ୍‌ରେ ସ୍ପେନର ରାଫାଲ ନାଡାଲ ଓ ଷ୍ଟିଫାନୋସ ସିତିସ୍‌ପାସଙ୍କୁ ସେମିଫାଇନାଲରେ ସ୍ଥାନ ହାସଲ କରିବାକୁ ଭେଟିବେ। ନାଡାଲ ଅତ୍ୟନ୍ତ ସଫଳ ଖେଳାଳି ହୋଇଥିଲେ ମଧ୍ୟ କେବେବି ଏଟିପି ଫାଇନାଲ୍ସରେ ସଫଳ ହୋଇନାହାନ୍ତି।

**STEWART SCHOOL, BHUBANESWAR**
UNIT- VIII, CRP SQUARE, BHUBANESWAR-751012
(Affiliated to the Council for the Indian School Certificate Examinations, New Delhi)
Ph. No.- 8480743569 & 8093474811
Email: stewartbbsr@gmail.com, Website: www.stewartschoolbbsr.in
**ADMISSION OPEN**
For Pre-Nursery, Nursery, Preparatory and Std. I to IX for the Academic Session 2021 - 2022
Application Forms may be downloaded from the School website and to be submitted along with a Bank Challan of Rs.500/- at the School Office.
Admission will be done on a "first come first serve" basis.
PRINCIPAL

# ଜାତୀୟ ଚୟନକର୍ତ୍ତା ଦୌଡ଼ରେ କୁରୁଭିଲ୍ଲା



**ମୁମ୍ବାଇ, ୧୯।୧୧ (ପି.ଟି.)–** ଜାତୀୟ କ୍ରିକେଟ ଚୟନକର୍ତ୍ତା ଦୌଡ଼ରେ ସାମିଲ ହୋଇଛନ୍ତି ପୂର୍ବତନ ଭାରତୀୟ ଓ ମୁମ୍ବାଇ ସ୍ପିଡ୍‌ଷ୍ଟର ଆବେ କୁରୁଭିଲ୍ଲା। ସରଣଦୀପ ସିଂ (ଉତ୍ତରାଞ୍ଚଳ), ଦେବାଙ୍ଗ ଗାନ୍ଧୀ(ପୂର୍ବାଞ୍ଚଳ) ଓ ଯତୀନ ପରାଞ୍ଜପେ (ପଶ୍ଚିମାଞ୍ଚଳ)ଙ୍କ କାର୍ଯ୍ୟକାଳ ଶେଷ ହୋଇଯିବାରୁ ଜାତୀୟ ସିଲେକ୍ସନ ପ୍ୟାନେଲରେ ତିନୋଟି ସ୍ଥାନ ଖାଲିପଡ଼ିଛି। ୧୦ଟି ଟେଷ୍ଟ ଓ ୨୫ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା କୁରୁଭିଲ୍ଲା ନଭେମ୍ବର ୧୩ରେ ଆବେଦନ କରିଥିଲେ। ଏହି ପେସ୍ ବୋଲର ଟେଷ୍ଟ ଏବ ଅନ୍ତର୍ଜାତୀୟ ଦିନିକିଆରେ ମୋଟ ୨୫ ଉଇକେଟ ଅକ୍ତିଆର କରିଛନ୍ତି। କୁରୁଭିଲ୍ଲା ୨୦୦୮ରୁ ୧୨ ପର୍ଯ୍ୟନ୍ତ ଜୁନିୟର ସିଲେକ୍ସନ ପ୍ୟାନେଲରେ ରହିଥିଲେ। ୨୦୧୨ରେ ଭାରତ ଯେତେବେଳ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଲା ସେ ଏହାର ମୁଖ୍ୟ ଥିଲେ। ସେହିବର୍ଷ ସେ ମୁମ୍ବାଇର ମୁଖ୍ୟ ଚୟନକର୍ତ୍ତା ଭାବେ ନିଯୁକ୍ତି ପାଇଥିଲେ।




# ଆଇସୋଲେଶନରେ ୩ ଦକ୍ଷିଣ ଆଫ୍ରିକୀୟ କ୍ରିକେଟର

**କେପ୍ ଟାଉନ୍, ୧୯।୧୧ (ପି.ଟି.)**

ଇଂଲଣ୍ଡ ବିପକ୍ଷ ହ୍ୱାଇଟ୍ ବଲ୍ ସିରିଜ ପୂର୍ବରୁ କରାଯାଇଥିବା କୋଭିଡ୍ ଟେଷ୍ଟର ଜଣଙ୍କର ପଜିଟଭି ଆସିବାରୁ ଦକ୍ଷିଣ ଆଫ୍ରିକା ପୁରୁଷ କ୍ରିକେଟ ଦଳର ୩ ଜଣ ଖେଳାଳିଙ୍କୁ ଆଇସୋଲେଶନରେ ରଖାଯାଇଛି। କ୍ରିକେଟ ସାଉଥ ଆଫ୍ରିକା (ସିଏସ୍ଏ) ତରଫରୁ ଖେଳାଳି ତ୍ରୟଙ୍କ ନାମ ପ୍ରକାଶ କରାଯାଇ ନାହିଁ। ନଭେମ୍ବର ୨୭ରୁ ଆରମ୍ଭ ହେବାକୁଥିବା ସୀମିତ ଓଭର ସିରିଜ ପୂର୍ବରୁ ଏଠାରେ ଜୈବ-ସୁରକ୍ଷିତ ଅଞ୍ଚଳରେ ପ୍ରବେଶ ପୂର୍ବରୁ ଖେଳାଳି ସପୋର୍ଟ ଷ୍ଟାଫ୍‌ଙ୍କର ମୋଟ ୫୦ ଆରଟିପିସିଆର ଟେଷ୍ଟ ହୋଇଥିଲା। ଜଣେ ଖେଳାଳିଙ୍କର ପଜିଟିଭ ଆସିବା ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ଦୁଇଜଣ ଖେଳାଳିଙ୍କୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଡାକ୍ତରୀ ଦଳ ତତ୍ତ୍ୱାବଧାନରେ ରଖାଯାଇଥିବା ସିଏସ୍ଏ ପ୍ରକାଶ କରିଛି। ଏହି ୩ ଜଣ ଖେଳାଳିଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇ ନ ଥିଲା। ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ୩ ଖେଳାଳିଙ୍କ ସ୍ଥାନରେ ବଦଳ ଖେଳାଳି ନେବା ସମ୍ପର୍କରେ କୌଣସି ନିଷ୍ପତ୍ତି ହୋଇ ନାହିଁ। ତେବେ ସପ୍ତାହ ଶେଷରେ ଇଣ୍ଟ୍ରା-ସ୍କ୍ୱାର୍ଡ ୱାର୍ମଅପ୍ ପାଇଁ ଦୁଇ ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି।

# ୧୬ ବର୍ଷରୁ କମ୍ ଜାତୀୟ କ୍ୟାମ୍ପରେ ରଞ୍ଜନ, ଶିବପ୍ରସାଦ



ରଞ୍ଜନ ସୋରେନ



ଆଉଲା ଶିବପ୍ରସାଦ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ଏଏଫ୍‌ସି ୧୬ ବର୍ଷରୁ କମ୍ ଚାମ୍ପିୟନଶିପ୍ ପ୍ରସ୍ତୁତି ପାଇଁ ଭାରତୀୟ କ୍ୟାମ୍ପ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି କ୍ୟାମ୍ପ ପାଇଁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) ପକ୍ଷରୁ ଓଡ଼ିଶାର ୨ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଦୁଇ ଖେଳାଳି ହେଲେ ଭୁବନେଶ୍ୱରର ରଞ୍ଜନ ସୋରେନ ଏବଂ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲର ଆଉଲା ଶିବପ୍ରସାଦ। ୧୬ ବର୍ଷରୁ କମ୍ ଜାତୀୟ କ୍ୟାମ୍ପ ଗୋଆସ୍ଥିତ ଏଆଇଏଫଏଫ ଟ୍ରେନିଂ ସେଣ୍ଟରରେ ଅନୁଷ୍ଠିତ ହେବ।

# କେରଳ-ଏଟିକେ ମୋହନ ବାଗାନ ଉଦ୍‌ଘାଟନୀ ମୁକାବିଲା

## ଇଣ୍ଡିଆନ ସୁପର ଲିଗ୍
## ସପ୍ତମ ସଂସ୍କରଣ ଆଜିଠୁ ଆରମ୍ଭ



ଟ୍ରେନିଂ ଅବସରରେ ଓଡ଼ିଶା ଏଫ୍‌ସି ଦଳର ଖେଳାଳିମାନେ।

**ବାମ୍ବୋଲିମ(ଗୋଆ),୧୯।୧୧(ପି.ଟି.)**

କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଦେଶର ପ୍ରଥମ ମେଜର ଟୁର୍ନାମେଣ୍ଟ ଭାବେ ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ଦୀର୍ଘମାସ ତଳେ ଲକ୍‌ଡାଉନ୍ ଜାରି କରାଯାଇଥିଲା। ସେବେଠାରୁ ଭାରତରେ କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ହୋଇ ନ ଥିଲା। ଶୁକ୍ରବାର ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ଏଟିକେ ମୋହନ ବାଗାନ ଓ କେରଳ ବ୍ଲାଷ୍ଟର୍ସ ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ।

ତେବେ ଏହି ସେସନର ସବୁଠାରୁ ବଡ଼ ମୁକାବିଲା ମୋହନ ବାଗାନ ଓ ଏସ୍‌ସି ଇଷ୍ଟ ବେଙ୍ଗଲ୍ ମଧ୍ୟରେ ଖେଳାଯିବ। ଏହା ନଭେମ୍ବର ୨୭ରେ ପାଟୋର୍ଡାରେ ଆୟୋଜନ ହେବ। ନୂଆ ରୂପରେ ଏହି ଦୁଇ ବୃହତ୍ କ୍ଲବ ମଧ୍ୟରେ ପୁରୁଣା ପ୍ରତିଦ୍ୱନ୍ଦ୍ୱିତାକୁ ପୁଣି ଥରେ ଦେଖିବାକୁ ମିଳିବ। ଏଟିକେ ଓ ମୋହନ ବାଗାନ ଏକାଠି ହୋଇ ଏଟିକେ ମୋହନ ବାଗାନ ରୂପରେ ପ୍ରଥମ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ଗତ ସଂସ୍କରଣରେ ଏଟିକେ ଆଇଏସ୍ଏଲ ଓ ମୋହନ ବାଗାନ ଆଇ- ଲିଗ୍ ଚାମ୍ପିୟନଶିପ ହାସଲ କରିଥିଲା। ଟୁର୍ନାମେଣ୍ଟର ଏହି ସପ୍ତମ ସଂସ୍କରଣରେ ଏଟିକେ ମୋହନ ବାଗାନ ଫ୍ରଣ୍ଟ ରନର ଭାବେ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ତାରକା ଭାରତୀୟ ଡିଫେଣ୍ଡର ସନ୍ଦେଶ ଝିନ୍‌ଗାନଙ୍କ ଭଳି କ୍ୱାଲିଟି ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। ଡିଫେଣ୍ଡିଂ ଚାମ୍ପିୟନ ଏଟିକେର କୋର୍ ଖେଳାଳିମାନଙ୍କୁ ମଧ୍ୟ ଦଳରେ ବଜାୟ ରଖାଯାଇଛି। ଫିଜିର ଅନ୍ତର୍ଜାତୀୟ ଖେଳାଳି ରଏ କ୍ରିଷ୍ଣାଙ୍କୁ ଏଥର ନୂଆ ଭୂମିକାରେ ଦେଖିବାକୁ ମିଳିବ। ଗତ ସେସନରେ ରଏ ଗତ ସଂସ୍କରଣରେ ଯୁଗ୍ମ ସର୍ବାଧିକ ସ୍କୋରର ଥିଲେ। ୨୧ଟି ମ୍ୟାଚ୍ ଖେଳି କ୍ରିଷ୍ଣା ୧୫ ଗୋଲ ସ୍କୋର କରିବା ସହ ୬ଟି ଆସିଷ୍ଟ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ତାଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା ଓ ଏଟିକେ ବିଜୟୀ ହୋଇ ତୃତୀୟଥର ପାଇଁ ଆଇଏସ୍ଏଲ୍ ଟାଇଟଲ ଜିତିଥିଲା। ଏଥର ମଧ୍ୟ କ୍ରିଷ୍ଣା ଦଳର ନେତୃତ୍ୱ ନେବେ।

୫ ଜଣ ଖେଳାଳିଙ୍କୁ ରୋଟେଶନରେ ଖେଳାଯିବ ବୋଲି ହେଡ୍ କୋଚ୍ ଆଣ୍ଟୋନିଓ ଲୋପେଭ ହାବାସ ସୂଚନା ଦେଇଛନ୍ତି। ଏହି ୫ଜଣଙ୍କ ମଧ୍ୟରୁ ୪ଜଣ ଗତ ସେସନ୍‌ରେ ଦଳରେ ସାମିଲ ଥିଲେ। ରଏ କ୍ରିଷ୍ଣା ଓ ସ୍ପାନିଶ୍ ମିଡ୍‌ଫିଲ୍ଡର ଏଡୁ ଗାର୍ସିଆ, ଭାରତୀୟ ଖେଳାଳି ପ୍ରୀତମ କୋଟାଲ, ଅରିନ୍ଦମ ଭଟ୍ଟାଚାର୍ଯ୍ୟ ଓ ଅଭିଜ୍ଞ ସନ୍ଦେଶ ଝିନ୍‌ଗାନଙ୍କ ମଧ୍ୟରେ ନେତୃତ୍ୱର ଦାୟିତ୍ୱ ଶେୟାର କରାଯିବ।

ଏଫ୍‌ସି ଗୋଆ ଗତଥର ଲିଗ୍ ୱିନର ଶିଲ୍ଡ ବିଜେତା ସାବ୍ୟସ୍ତ ହୋଇଥିଲା ଓ ପ୍ରଥମ ଭାରତୀୟ ଦଳ ଭାବେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ୍ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ତେବେ ତାରକା ଫରୱାର୍ଡ ଫେରାନ କୋରୋମିନାସ ଓ ହୁଗୋ ବୋଉମୋସ ଦଳ ଛାଡିଥିବାରୁ ଗୋଆକୁ ଝଟ୍‌କା ଲାଗିଛି। ଗତ କେତେବର୍ଷ ଧରି ଏହି ଦୁଇ ଖେଳାଳି ଆଇଏସ୍ଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ ଗୋଲ ସ୍କୋର କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଗୋଆ ଦଳରେ ଅବଶ୍ୟ କେତେକ କ୍ୱାଲିଟି ଖେଳାଳିଙ୍କୁ ସାମିଲ କରି ଘରୋଇ ପରିବେଶରେ ଚମତ୍କାର କରିବା ଲକ୍ଷ୍ୟରେ ରହିଛି।

କୋଚ୍ କାର୍ଲ୍ସ କ୍ୱାଡ୍ରାଟଙ୍କ ତତ୍ତ୍ୱାବଧାନରେ ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟ ଫେଭରାଇଟ୍ ବିବେଚିତ ହେଉଛି। ଦଳରେ କେତେଜଣ ଦେଶୀ ଓ ବିଦେଶୀ ତାରକା ରହିଛନ୍ତି। ୨୦୧୮-୧୯ରେ ବେଙ୍ଗାଲୁରୁ ଟାଇଟଲ ଜିତିଥିଲା ଓ ଏହି ଦଳରେ ଖେଳାଳିମାନେ ଏବେବି ଚମତ୍କାର କରିବେ ବୋଲି କ୍ୱାଡ୍ରାଟ କହିଛନ୍ତି। ଦୁଇଥର ଗୋଲ୍ଡେନ ଗ୍ଲୋଭ ପୁରସ୍କାର ଜିତିଥିବା ଗୁରପ୍ରୀତ ସିଂ ସାନ୍ଧୁ ଓ ଆଇଏସ୍ଏଲ୍‌ର ସର୍ବାଧିକ ଗୋଲ ସ୍କୋରର ସୁନୀଲ ଛେତ୍ରୀ ଏଥର ନିର୍ଣ୍ଣାୟକ ସାବ୍ୟସ୍ତ ହେବେ। ସେହିପରି ଡିଫେଣ୍ଡର ଜୁଆନାନ ଓ ମିଡ଼ିଫିଲ୍ଡର ଏରିକ ପାର୍ଟାଲୁ ଓ ଡିମାସ ଡେଲଗାଡଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଦଳରେ ମଧ୍ୟ ଆଶିକ କୁରୁନିୟାନ, ଉଦନ୍ତା ସିଂଙ୍କ ଭଳି କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ବଜାୟ ରଖାଯାଇଛି।


ସେହିପରି ମୁମ୍ବାଇ ସିଟି ଏଫ୍‌ସି ଅତିକମ୍‌ରେ ପ୍ଲେ- ଅଫ୍ ଖେଳିବା ଲକ୍ଷ୍ୟରେ ରହିଛି। ଗତ ସେସନ ପରଠାରୁ ଦଳରେ ବହୁତ ପରିବର୍ତ୍ତନ କରାଯାଇଛି। ୨୦୧୮-୧୯ ସେସନରେ ଏଫ୍‌ସି ଗୋଆକୁ ଫାଇନାଲରେ ପହଞ୍ଚାଇବା ପରେ ସର୍ଗିଓ ଲୋବେରା ଦଳ ଛାଡି ମୁମ୍ବାଇର ହେଡ୍ କୋଚ୍ ଭାବେ ଯୋଗ ଦେଇଛନ୍ତି। ଗୋଆର କେତେଜଣ କ୍ୱାଲିଟି ଖେଳାଳି ମୋର୍ଟାଡା ଫଲ, ମାନ୍ଦର ରାଓ ଦେଶାଇ ଓ ହୁଗୋ ମୋଉମାସଙ୍କ ଭଳି ଖେଳାଳିଙ୍କୁ ଲୋବେରେ ମୁମ୍ବାଇ ଦଳରେ ସାମିଲ କରିଛନ୍ତି।

ଲିଭରପୁଲ ଲିଜେଣ୍ଡ ରୋବି ଫୋଲରଙ୍କ ତତ୍ତ୍ୱାବଧାନରେ ନୂଆ ଦଳ ସ୍ପୋର୍ଟିଂ କ୍ଲବ ଇଷ୍ଟ ବେଙ୍ଗଲ, ଦୁଇଥର ଆଇଏସ୍ଏଲ ଟାଇଟଲ ହାସଲ କରିଥିବା ଚେନ୍ନାଇନ୍ ଏଫ୍‌ସି ଏଥର ଡାର୍କହର୍ସ ବିବେଚିତ ହୋଇପାରନ୍ତି।

ନଭେମ୍ବରରୁ ଆରମ୍ଭ ହୋଇ ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲୁ ରହିବ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ମ୍ୟାଚ୍‌ଗୁଡିକ ଗୋଟିଏ ଭେନ୍ୟୁରେ ଖେଳାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜାରି କରାଯାଇଥିବା ପ୍ରୋଟୋକଲ ଅନୁସାରେ ଟୁର୍ନାମେଣ୍ଟରେ ସାମିଲ ହେବାକୁ ଥିବା ପ୍ରତ୍ୟେକ ଖେଳାଳି ପ୍ରତିଦିନ ସ୍ୱାସ୍ଥ୍ୟ ସମ୍ପର୍କରେ ସୂଚନା ବା ଅପଡେଟ ଦେବା ଅପରିହାର୍ଯ୍ୟ ବୋଲି କୁହାଯାଇଛି।

## ଓଡ଼ିଶା ଏଫ୍‌ସିକୁ ଅନୁମତି

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**-ସର୍ବଭାରତୀୟ ଫୁଟବଲ ଫେଡେରେଶନ(ଏଆଇଏଫ୍ଏଫ୍)ର କ୍ଲବ ଲାଇସେନ୍ସିଂ କମିଟି ପକ୍ଷରୁ ୨୦୨୦-୨୧ ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ଭାଗନେବାକୁ ଓଡ଼ିଶା ଏଫସିକୁ ଅନୁମତି ମିଳିଛି। ଫଳରେ ଭୁବନେଶ୍ୱର ଭିତ୍ତିକ ଏହି ଦଳ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ୍)ରେ ଭାଗନେବା ପଥ ପରିଷ୍କାର ହୋଇଛି। ଠିକ ସମୟରେ ଆବଶ୍ୟକ କାଗଜପତ୍ର ଦାଖଲ କରିପାରି ନ ଥିବାରୁ ଓଡ଼ିଶା ଏଫ୍‌ସି ସମେତ ଆଇଏସ୍ଏଲ୍‌ର ୫ କ୍ଲବ ଏଆଇଏଫ୍ଏଫ୍‌ଠାରୁ ଲାଇସେନ୍ସ ପାଇବାରେ ବିଫଳ ହୋଇଥିଲେ। ଫଳରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁଥିବା ଆଇଏସ୍ଏଲ୍‌ରେ ସେମାନଙ୍କ ଅଂଶଗ୍ରହଣ ନେଇ ବାଧା ଉପୁଜିଥିଲା। ମାତ୍ର ଏଥିପାଇଁ ଆବଶ୍ୟକ ଔପଚାରିକତା ପୂରଣ କରାଯାଇଥିବା ଓଡ଼ିଶା ଏଫସି ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି। "ଓଡ଼ିଶା ଏଫସି ଯୋଜନା ମୁତାବକ ଆଇଏସ୍ଏଲ୍‌ରେ ଅଂଶଗ୍ରହଣ କରିବ ବୋଲି ଆମେ ଓଡ଼ିଶା ଫୁଟବଲ ସର୍କିଟର ପ୍ରଶଂସକ ଏବଂ ବିଭିନ୍ନ ଅଂଶୀଦାରଙ୍କୁ ଆଶ୍ୱାସନା ଦେଉଛୁ। ଏଥିପାଇଁ ଆମେ ସମସ୍ତଙ୍କ ସହଯୋଗ କାମନା କରୁଛୁ" ବୋଲି ଓଡ଼ିଶା ଏଫସି ଫୁଟବଲ ଅପରେଶନ୍ସ ମୁଖ୍ୟ ଅଭିକ ଚାଟାର୍ଜୀ ପ୍ରକାଶ କରିଛନ୍ତି। ଆଗାମୀ ଲିଗ୍‌ରେ ଓଡ଼ିଶା ଏଫସି ଚଳିତ ମାସ ୨୩ ତାରିଖରେ ହାଇଦ୍ରାବାଦ୍ ଏଫସି ସହିତ ଖେଳି ଅଭିଯାନ ଆରମ୍ଭ କରିବ।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ